ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

visit us at
www.paryabekhyak.com

PARYABEKHYAK ପର୍ଯ୍ୟବେକ୍ଷକ

FIND US ON
facebook.com/paryabekhyak

FOLLOW US
ON TWITTER
twitter.com/paryabekhyak

Vol.25 . No.182 Bhubaneswar Tuesday September 06 2022 | ୨୫ତମ ବର୍ଷ ସଂଖ୍ୟା-୧୮୨ ଭୁବନେଶ୍ୱର, ମଙ୍ଗଳବାର, ସେପ୍ଟେମ୍ବର ୦୬, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS





୨୮ତମ ଓଏମସି ଗୁରୁକେଳୁଚରଣ ମହାପାତ୍ର ପୁରସ୍କାର ଉତ୍ସବ ଉଦ୍‌ଘାଟନୀ ସଂଧ୍ୟାରେ ହିନ୍ଦୁସ୍ତାନୀ ବାଦ୍ୟଯନ୍ତ୍ରର ଯୁଗଳବନ୍ଦି

## ୭ରେ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ , ୯ରୁ ପ୍ରବଳ ବର୍ଷା

ଭୁବନେଶ୍ୱର, ୫।୯(ପି.ଏନ): ଆସନ୍ତା ୭ ତାରିଖରେ ପୂର୍ବ କେନ୍ଦ୍ରୀୟ ବଙ୍ଗୋପସାଗରରେ ଘୂର୍ଣ୍ଣିବଳୟ ସୃଷ୍ଟି ହେବ। ପରବର୍ତ୍ତୀ ୪୮ ଘଂଟା ମଧ୍ୟରେ ପଶ୍ଚିମ-କେନ୍ଦ୍ରୀୟ ବଙ୍ଗୋପସାଗର ଅଂଚଳରେ ଏକ ଲଘୁଚାପ କ୍ଷେତ୍ର ସୃଷ୍ଟି ହେବାର ସମ୍ଭାବନା ରହିଛି । ଏହାର ପ୍ରଭାବରେ ୮ ତାରିଖରୁ ଦକ୍ଷିଣ ଓଡିଶାରେ ଏବଂ ୯ ତାରିଖରୁ ସାରା ରାଜ୍ୟରେ ବର୍ଷା ହେବ। କିଛି କିଛି ଜିଲ୍ଲାରେ ପ୍ରବଳରୁ ଅତି ପ୍ରବଳ ବର୍ଷା ହୋଇପାରେ ବୋଲି ଭୁବନେଶ୍ୱର ସ୍ଥିତ ଆଂଚଳିକ ପାଣିପାଗ କେନ୍ଦ୍ର ପୂର୍ବାନୁମାନ କରିଛି। ପାଣିପାଗ କେନ୍ଦ୍ର ପକ୍ଷରୁ ଜାରି ସତର୍କ ସୂଚନା ଅନୁଯାୟୀ ଆସନ୍ତା ୨୪ ଘଂଟା ମଧ୍ୟରେ ଦକ୍ଷିଣ ଓଡ଼ିଶା, ଉତର ଆଭ୍ୟନ୍ତରୀଣ ଓଡ଼ିଶା ଏବଂ ଉତର ଉପକୂଳ ଓଡିଶାର ଜିଲ୍ଲାଗୁଡ଼ିକର କିଛି ସ୍ଥାନରେ ହାଲୁକାରୁ ମଧ୍ୟମ ବର୍ଷା କିମ୍ବା ବଜ୍ରପାତ ହେବାର ସମ୍ଭାବନା ରହିଛି। ରାଜ୍ୟର ମାଲକାନଗିରି, କୋରାପୁଟ, ରାୟଗଡ଼ା, ଗଜପତି, ଗଂଜାମ, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ନୟାଗଡ଼, ଅନୁଗୁଳ, ଢ଼େଙ୍କାନାଳ, କେନ୍ଦୁଝର, ମୟୂରଭଂଜ, କଟକ, ଖୋର୍ଦ୍ଧା, ପୁରୀ, ଯାଜପୁର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା, ଜଗତସିଂହପୁର, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼ ଓ ଦେବଗଡ଼ ପ୍ରଭୃତି ୨୫ଟି ଜିଲ୍ଲାର ଗୋଟିଏ କିମ୍ବା ଦୁଇଟି ସ୍ଥାନରେ ବଜ୍ରପାତ ସହ ପ୍ରବଳ ବର୍ଷାର ସମ୍ଭାବନା ରହିଛି ।ତେବେ ଗଜପତି, ରାୟଗଡା ଓ କୋରାପୁଟ ଜିଲ୍ଲାରେ ଅଧିକ ବର୍ଷା ହୋଇପାରେ । ଏହାକୁ ଦୃଷ୍ଟିରେ ରଖି ଏହି ସମସ୍ତ ଜିଲ୍ଲାଗୁଡ଼ିକୁ ୟେଲୋୱାର୍ଣ୍ଣିଂ ଜାରି କରିଛି ପାଣିପାଗ ବିଭାଗ।

## ନଦୀରେ ଭାସିଯାଇ ଶିଶୁକନ୍ୟାର ମୃତ୍ୟୁ

ନୟାଗଡ଼, ୫।୯(ପି.ଏନ): ଗାଧୋଉଥିବା ବେଳେ ନଦୀର ପ୍ରଖର ସ୍ରୋତରେ ମା କୋଳରୁ ଭାସିଯାଇ ପ୍ରାଣ ହରାଇଛି ୨୨ ମାସର ଶିଶୁକନ୍ୟା । ଆଜି ଏପରି ଏକ ଅଘଟଣ ଘଟିଯାଇଛି ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଅନ୍ତର୍ଗତ ଗୌଡ଼ପୁଟ ଗାଁରେ । ମୃତା ଶିଶୁକନ୍ୟା ହେଲେ ଜଗନ୍ନାଥ ସାହିର ଶ୍ରଦ୍ଧାଞ୍ଜଳି ବାରିକ । ଶ୍ରଦ୍ଧାଞ୍ଜଳି ଆଜି ନିଜ ମା' ଶାନ୍ତିଲତା ବାରିକଙ୍କ ସହ ଗାଁ ନିକଟସ୍ଥ ଦୁଆଂଟ ନଦୀକୁ ଗାଧୋଇବାକୁ ଯାଇଥିଲେ। ମା' ସହ ଛୁଆଟି ଗାଧୋଉଥିବା ବେଳେ ହଠାତ୍ ଅସାବଧାନତାବଶତଃ ସେ ମା' ପାଖରୁ ନଦୀ ସ୍ରୋତରେ ଭାସି ଯାଇଥିଲା। ଛୁଆ ଭାସି ଯାଉଥିବା ଦେଖି ଶାନ୍ତିଲତା ତାର ଜୀବନ ବଂଚାଇବାକୁ ଚିତ୍କାର କରିଥିଲେ । ତାଙ୍କ ପାଟି ଶୁଣି ସ୍ଥାନୀୟ ଲୋକେ ସେଠାରେ ପହଂଚି ଖୋଜାଖୋଜି ଆରମ୍ଭ କରିଥିଲେ। ବହୁ ସମୟ ଖୋଜାଖୋଜି କରିବା ପରେ କିଛି ଦୂରରେ ଥିବା ଏକ ବ୍ରିଜ ତଳେ ଛୁଆଟି ଲାଖିଥିବା ଦେଖିବାକୁ ମିଳିଥିଲା। ଗ୍ରାମବାସୀ ତୁରନ୍ତ ଉଦ୍ଧାର କରି ତାକୁ ଓଡ଼ଗାଁ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତି କରିଥିଲେ। ମାତ୍ର ସେଠାରେ ଡାକ୍ତର ଶିଶୁକନ୍ୟାକୁ ମୃତ ଘୋଷଣା କରିଥିଲେ। ଏହି ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳି ଯାଇଛି।

## ୧୫ ବର୍ଷ ଧରି ରାଜ୍ୟ ଯୋଜନା ବୋର୍ଡ କୋମାରେ: ପୁର୍ନଗଠନ ହେଲା ପୁରୀ ଓ ଗଞ୍ଜାମ ଜିଲ୍ଲା ଯୋଜନା କମିଟି

ଭୁବନେଶ୍ୱର,୫।୯(ପି.ଏନ): ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ୨୨ବର୍ଷ ଧରି ରାଜ୍ୟ ଶାସନରେ ଥିବାବେଳେ ରାଜନୀତିକ କାରଣରୁ ରାଜ୍ୟ ଯୋଜନା ବୋର୍ଡକୁ ପଙ୍ଗୁ କରି ପକାଇ ରଖିଛନ୍ତି । ଗତ ୧୫ବର୍ଷ ଧରି ରାଜ୍ୟ ଯୋଜନା ବୋର୍ଡ ବୈଠକ ବସିନଥିବା ବେଳେ ରାଜ୍ୟ ସରକାର ଆଜି ଗଞ୍ଜାମ ଓ ପୁରୀ ଜିଲ୍ଲା ଯୋଜନା କମିଟିର ପୁର୍ନଗଠନ କରିଛନ୍ତି । ଜୁନ୍ ପ୍ରଥମ ସପ୍ତାହରେ ଅପ୍ରତ୍ୟାଶିତ ଭାବେ ରାଜ୍ୟ ଯୋଜନା ବୋର୍ଡ ଉପାଧ୍ୟକ୍ଷ ସଞ୍ଜୟ ଦାସବର୍ମାଙ୍କୁ ହଟାଇ ଦେବା ପରେ ରାଜ୍ୟ ଯୋଜନା ବୋର୍ଡ କେବଳ କାଗଜକଲମ ମଧ୍ୟରେ ସୀମିତ ହୋଇ ରହିଯାଇଥିବା ଜଣାପଡିଛି । ମିଳିଥିବା ସୂଚ଼ନା ଅନୁସାରେ, ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଆଜି ଗଞ୍ଜାମ ଓ ପୁରୀ ଜିଲ୍ଲା ଯୋଜନା କମିଟିର ପୁନର୍ଗଠନ କରାଯାଇଛି । ପୁରୀ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ଭାବେ ମନ୍ତ୍ରୀ ନିରଞ୍ଜନ ପୂଜାରୀ କାର୍ଯ୍ୟ କରୁଥିବାବେଳେ ଗଞ୍ଜାମ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପଦରୁ ଶ୍ରୀକାନ୍ତ ସାହୁ ଇସ୍ତଫା ଦେଇସାରିଛନ୍ତି । ଶ୍ରୀ ସାହୁ ରାଜ୍ୟ ସରକାରରେ ମନ୍ତ୍ରୀ ଦାୟିତ୍ୱ ନେବା ପରଠୁ ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ପଦ ଖାଲି ପଡିଥିଲା । ୨୦୨୨ ପଂଚ଼ାୟତ ନିର୍ବାଚ଼ନ ପରଠୁ ଜିଲ୍ଲା ଯୋଜନା କମିଟିଗୁଡିକର ପୁର୍ନଗଠନ ଆବଶ୍ୟକ ହୋଇପଡିଥିଲା । ଜିଲ୍ଲା ଯୋଜନା କମିଟିରେ ୮୦ ପ୍ରତିଶତ ପଦବୀ ନିର୍ବାଚ଼ିତ ପ୍ରତିନିଧିଙ୍କୁ ସାମିଲ




କରିବାର ପ୍ରାବଧାନ ବାକି ପଦବୀରେ ମନୋନୀତ ସଦସ୍ୟ, ସରକାରୀ ଅଧିକାରୀଙ୍କୁ ସାମିଲ କରିବାର ନିୟମ ରହିଛି ।ତେବେ ରାଜ୍ୟ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ଜାରି ବିଜ୍ଞପ୍ତି ଅନୁସାରେ, ଗଞ୍ଜାମ ଜିଲ୍ଲା ଯୋଜନା କମିଟିରେ ଖାଲି ପଡିଥିବା ସଦସ୍ୟ ଭାବେ ମୋଟ ୧୪ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ସାମିଲ କରାଯାଇଥିବା ବେଳେ ସେଥିରୁ ୭ଜଣ ସଂରକ୍ଷିତ ବର୍ଗର ।ଜିଲ୍ଲା ପରିଷଦ ସଦସ୍ୟ ଚ଼ନ୍ଦନା କୁମାରୀ ସେଠୀ, ଦୀପକ କୁମାର ସାମନ୍ତ,ମନୋରମା ପଲାଇ, ପ୍ରଫୁଲ୍ଲ ଚ଼ନ୍ଦ୍ର ମହାକୁଡ, ପ୍ରୀତି ସାହୁ,ରାଧାକାନ୍ତ ମହାକୁଡ,ରଶ୍ମୀ ନାହାକ, ସ୍ମିତା ସ୍ୱାଇଁ, ସନ୍ତୋଷ କୁମାର ପା ?ୀ, ଶିବ ସେଠୀ, ତନ୍ମୟ ନାହାକ, ଟୁକୁନା ଗୌଡ ଓ ଭି.ଲକ୍ଷ୍ମୀ ରେଡ୍ଡୀଙ୍କୁ ସଦସ୍ୟ ଭାବେ ଚ଼ୟନ କରାଯାଇଛି ।ଆଉ ୨ଟି ପଦବୀ ଜିଲ୍ଲାର ବିଭିନ୍ନ ପୌର ସଂସ୍ଥାରୁ ଚ଼ୟନ କରାଯିବ । ଆଉ ୨ଜଣଙ୍କୁ ଜିଲ୍ଲା ପ୍ରଶାସନ ବା ସରକାର ମନୋନୀତ କରିବେ । ଜିଲ୍ଲାପାଳ ଏହି କମିଟିର ସଦସ୍ୟ ସଚ଼ିବ ଭାବେ କାର୍ଯ୍ୟ କରିବେ । ତେବେ ଗଞ୍ଜାମ ଜିଲ୍ଲା ଯୋଜନା କମିଟିରୁ ଶ୍ରୀକାନ୍ତ ସାହୁଙ୍କ ଇସ୍ତଫା ପରେ ସରକାର ସେଠାରେ କାହାରିକୁ ଅଧ୍ୟକ୍ଷ ପଦବୀ ଦେଇନଥିବା ଜଣାପଡିଛି । ସେହିପରି ପୁରୀ ଜିଲ୍ଲା ଯୋଜନା କମିଟିରେ ମୋଟ ୧୫ଜଣ ଜିଲ୍ଲା ପରିଷଦ ସଦସ୍ୟଙ୍କୁ ସାମିଲ କରାଯାଇଛି । ଏଥିରେ ୭ଜଣ ସଂରକ୍ଷିତ ବର୍ଗର ରହିଥିବାବେଳେ ପ୍ରାୟତଃ ସବୁ ବ୍ଲକରୁ ଜିଲ୍ଲା ପରିଷଦ ସଦସ୍ୟଙ୍କ ପ୍ରତିନିଧିତ୍ୱ ରହିଛି । ଜିଲ୍ଲା ପରିଷଦ ସଦସ୍ୟ ଭୀମସେନ ପାଇକରାୟ, ଧରଣୀଧର ସାହୁ, ଲକ୍ଷ୍ମୀଧର ସାହୁ, ମୋନାଲି ମିଶ,ପ୍ରଦୀପ୍ତ କୁମାର ଖାଟୋଇ, ପ୍ରଣତୀ ଜେନା, ପ୍ରସନ୍ନ କୁମାର ସାହୁ, ପୁଷ୍ପାରାଣୀ ସ୍ୱାଇଁ, ରତିକାନ୍ତ ମିଶ୍ର, ସରସ୍ୱତୀ ସ୍ୱାଇଁ, ସସ୍ମିତା ନାୟକ, ସୁଶ୍ରୀ ସଙ୍ଗୀତା ବେହେରା, ସ୍ୱାଧୀନ କୁମାର ନାୟକ ଓ ସ୍ୱପ୍ନାରାଣୀ ସ୍ୱାଇଁ ସଦସ୍ୟ ଭାବେ କାର୍ଯ୍ୟ କରିବେ । ସରକାର ଖୁବଶୀଘ୍ର ୨ଜଣ ବିଶେଷଜ୍ଞ ସଦସ୍ୟ ଓ ପୌରାଂଚ଼ଳରୁ ୨ଜଣଙ୍କୁ ସଦସ୍ୟ ଭାବେ ଚ଼ୟନ କରିବେ । ପୁରୀ ଜିଲ୍ଲା ଯୋଜନା କମିଟିର ଅଧ୍ୟକ୍ଷ ଭାବେ ଅର୍ଥମନ୍ତ୍ରୀ ନିରଞ୍ଜନ ପୂଜାରୀ ଦାୟିତ୍ୱ ତୁଲାଉଛନ୍ତି ।ଅନ୍ୟପକ୍ଷରେ ଗତ ୨୨ବର୍ଷ ଧରି ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଥିବା ରାଜ୍ୟ ଯୋଜନା ବୋର୍ଡ ମାତ୍ର ୩ଥର ବୈଠକ କରିଛି । ୨୦୦୩ ମସିହା ମେ' ୯ ଓ ଅଷ୍ଟ ୯ତାରିଖ ଏବଂ ୨୦୦୭ ଅକ୍ଟୋବର ୧୫ତାରିଖରେ ରାଜ୍ୟ ଯୋଜନା ବୋର୍ଡ ବୈଠକ ବସିଥିଲା । ଏହା ପରଠୁ ଆଉ ଯୋଜନା ବୋର୍ଡ ବୈଠକ ବସିନାହିଁ । ଏପରିକି ଯୋଜନା ବୋର୍ଡରେ ଥିବା ନନଅଫିସିଆଲ ସଦସ୍ୟ ପଦବୀକୁ ମଧ୍ୟ ପୂରଣ କରାଯାଇ ନାହିଁ । ଯୋଜନା ବୋର୍ଡ ଉପାଧ୍ୟକ୍ଷ ପଦବୀରେ ରାଜନୀତିକ ବ୍ୟକ୍ତିଙ୍କୁ ଥଇଥାନ କରୁଥିବା ସରକାର ୨୦୧୪ ନଭେମ୍ବରରୁ ଏଥିରେ ନୂଆ କରି ଉପଦେଷ୍ଟା ପଦବୀ ସୃଷ୍ଟି କରିଥିଲେ । ସେହି ପଦବୀକୁ ବି ଏବେ ଆଉ କାର୍ଯ୍ୟ କରୁନି ।ଶ୍ରୀ ଦାସବର୍ମା ଯୋଜନା ବୋର୍ଡ ଉପାଧ୍ୟକ୍ଷ ଦାୟିତ୍ୱ ନେବା ପରେ ଏହାକୁ ପୁର୍ନଗଠନ କରିବା ସହ ପୋଷାଦାର ଢଙ୍ଗରେ କାର୍ଯ୍ୟକ୍ଷମ କରାଇବାକୁ ପ୍ରୟାସ କରିଥିଲେ ମଧ୍ୟ ସରକାରୀ ଉଦାସୀନତାରୁ ତାହା ସମ୍ଭବପର ହୋଇପାରିନଥିଲା । ରାଜ୍ୟ ଓ ଜିଲ୍ଲାମାନଙ୍କର ବିଭିନ୍ନ ବିକାଶମୂଳକ କାର୍ଯ୍ୟକ୍ରମର କାର୍ଯ୍ୟାନ୍ୱୟନର ସମୀକ୍ଷା ଓ ମୂଲ୍ୟାୟନ ସହ ଆବଶ୍ୟକ ସଂଶୋଧନ ନିମନ୍ତେ ରାଜ୍ୟ ଯୋଜନା ବୋର୍ଡ ଗଠନ ହୋଇଥିଲା । କିନ୍ତୁ ଏବେ ଯୋଜନା ବୋର୍ଡର ବିନା ଏସବୁ କାର୍ଯ୍ୟ ସମ୍ଭବପର ହୋଇପାରୁଥିବା ଜଣାପଡିଛି।

## ପିଏମ-ଶ୍ରୀ ଯୋଜନାର ଘୋଷଣା କଲେ ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ , ୫।୯(ପି.ଏନ): ପ୍ରଧାନମନ୍ତ୍ରୀ ଶ୍ରୀ ନରେନ୍ଦ୍ର ମୋଦୀ ଗୁରୁ ଦିବସ ଉପଲକ୍ଷେ ଉଦୀୟମାନ ଭାରତ ପାଇଁ ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଯୋଜନା ବା ପ୍ରଧାନମନ୍ତ୍ରୀ ସ୍କୁଲ୍‌ସ୍ ଫର୍ ରାଇଜିଂ ଇଣ୍ଡିଆ (ପିଏମ-ଶ୍ରୀ) ଯୋଜନାର ଘୋଷଣା କରିଛନ୍ତି । ଏହି ଯୋଜନା ଅଧୀନରେ ସାରା ଦେଶରେ ଥିବା ୧୪,୫୦୦ ବିଦ୍ୟାଳୟର ବିକାଶ ଓ ଉନ୍ନତିକରଣ କରାଯିବ ।ପିଏମ-ଶ୍ରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଆଧୁନିକ, ରୂପାନ୍ତରଶୀଳ ଏବଂ ସାମଗ୍ରିକ ପଦ୍ଧତିକୁ କାର୍ଯ୍ୟକାରୀ କରାଯିବ । ଶ୍ରୀ ମୋଦୀ କହିଛନ୍ତି ଯେ, ଜାତୀୟ ଶିକ୍ଷା ନୀତି ଅନୁରୂପ ସାରା ଭାରତର ଲକ୍ଷ ଲକ୍ଷ ଛାତ୍ରଛାତ୍ରୀଙ୍କୁ ପିଏମ-ଶ୍ରୀ ବିଦ୍ୟାଳୟ ଲାଭାନ୍ୱିତ କରିବ ।ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, "ଆଜି ଜାତୀୟ ଶିକ୍ଷା ଦିବସ ଅବସରରେ ସାରା ଭାରତର ୧୪,୫୦୦ ବିଦ୍ୟାଳୟର ବିକାଶ ଏବଂ ଉନ୍ନତିକରଣ ଲାଗି ଏକ ନୂଆ ଯୋଜନା - ଉଦୀୟମାନ ଭାରତ ପାଇଁ ପ୍ରଧାନମନ୍ତ୍ରୀ ବିଦ୍ୟାଳୟ ଯୋଜନା (ପିଏମ-ଶ୍ରୀ) ବିଷୟରେ ଘୋଷଣା କରି ମୁଁ ଆନନ୍ଦିତ । ଏସବୁ ଆଦର୍ଶ ବିଦ୍ୟାଳୟରେ ପରିଣତ ହେବା ସହିତ ଜାତୀୟ ଶିକ୍ଷା ନୀତିର ଉଦ୍ଦେଶ୍ୟକୁ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକାରୀ କରିବାରେ ସହାୟକ ହେବେ ।''"ପିଏମ-ଶ୍ରୀ ବିଦ୍ୟାଳୟଗୁଡ଼ିକରେ ଶିକ୍ଷାଦାନ ପାଇଁ ଆଧୁନିକ, ରୂପାନ୍ତରଶୀଳ ଏବଂ ସାମଗ୍ରିକ ପଦ୍ଧତିକୁ କାର୍ଯ୍ୟକାରୀ କରାଯିବ । ଆବିଷ୍କାର ଆଧାରିତ, ଅଧ୍ୟୟନ କୈନ୍ଦ୍ରିକ ଶିକ୍ଷାଦାନ ଉପରେ ଗୁରୁତ୍ୱାରୋପ କରାଯିବ । ପ୍ରଯୁକ୍ତି, ସ୍ମାର୍ଟ ଶ୍ରେଣୀଗୃହ, କ୍ରୀଡ଼ା ଏବଂ ଆହୁରି ଅନ୍ୟାନ୍ୟ ସୁବିଧା ସମେତ ଆଧୁନିକ ଭିତ୍ତିଭୂମି ଉପରେ ଗୁରୁତ୍ୱ ଦିଆଯିବ "ଜାତୀୟ ଶିକ୍ଷା ନୀତି ଗତ କିଛି ବର୍ଷ ମଧ୍ୟରେ ଶିକ୍ଷା କ୍ଷେତ୍ରରେ ପରିବର୍ତ୍ତନ ଆଣିଛି । ପିଏମ-ଶ୍ରୀ ବିଦ୍ୟାଳୟ ଗୁଡ଼ିକ ଜାତୀୟ ଶିକ୍ଷା ନୀତି ଅନୁରୂପ ଦେଶର ଲକ୍ଷାଧିକ ଛାତ୍ରଛାତ୍ରୀଙ୍କୁ ଲାଭାନ୍ୱିତ କରିବ ବୋଲି ମୁଁ ନିଶ୍ଚିତ ।"

## ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବେ ୫୦ ହଜାର ଲୋକ : ଭୁବନେଶ୍ୱରରେ ମୁତୟନ ହେଲେ ୩୦ ପ୍ଲାଟୁନ ଫୋର୍ସ

ଭୁବନେଶ୍ୱର, ୫।୯(ପି.ଏନ): ଦିଲ୍ଲୀରେ ଲାଇଫ୍ ଟାଇମ୍ ଆଚିଭମେଂଟ ଆୱାର୍ଡ ପାଇବା ପରେ ଆସନ୍ତାକାଲି (ମଙ୍ଗଳବାର) ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଓଡିଶା ଫେରିବେ। ମୁଖ୍ୟମନ୍ତ୍ରୀଙ୍କୁ ସ୍ୱାଗତ କରିବାକୁ ବିଜୁପଟ୍ଟନାୟକ ବିମାନବନ୍ଦରରେ ପ୍ରବଳ ଜନସମାଗମ ହେବ। ଏଥିପାଇଁ କମିଶନରେଟ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏସମ୍ପର୍କରେ ସୂଚନା ଦେଇ ଭୁବନେଶ୍ୱର ଡିସିପି ପ୍ରତୀକ ସିଂହ କହିଛନ୍ତି ଯେ ଆସନ୍ତାକାଲି ମୁଖ୍ୟମନ୍ତ୍ରୀଙ୍କୁ ସମ୍ବର୍ଦ୍ଧନା ପାଇଁ ୫୦ ହଜାର ଲୋକଙ୍କ ସମାଗମ ସାମ୍ଭାବନା ରହିଛି।

## ଗୁନଙ୍ଗବେଡ଼। ଗ୍ରାମରେ ଝାଡ଼ାବାନ୍ତି ୨ ଜୀବନ ନେଲାଣି

ଭବାନୀପାଟଣା, ୫।୯(ପି.ଏନ): କଳାହାଣ୍ଡି ଜିଲ୍ଲା ମଦନପୁର ରାମପୁର ବ୍ଲକ ଅନ୍ତର୍ଗତ ଗୁନଙ୍ଗବେଡ଼ା ଗ୍ରାମରେ ଝାଡ଼ାବାନ୍ତି ଥମିବାର ନାଁ ନେଉନାହିଁ। ଝାଡ଼ାବାନ୍ତିରେ ଅଦ୍ୟାବଧି ୨ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୭ ଜଣ ଗୁରୁତର ଥିବା ସୂଚନା ମିଳିଛି । ମେଡିକାଲ ଟିମ୍ ଗ୍ରାମରେ ପହଂଚି ଆକ୍ରାନ୍ତଙ୍କୁ ଚିକିତ୍ସା ସେବା ଯୋଗାଇ ଦେଉଛନ୍ତି ।

## ନକଲି ଲୁଣ ଓ ଡିଟରଜେଂଟ ଫ୍ୟାକ୍ଟ୍ରି ଉପରେ ଚଢାଉ , ଜଣେ ଅଟକ

ଭୁବନେଶ୍ୱର, ୫।୯(ପି.ଏନ): ଭୁବନେଶ୍ୱର ପାହାଳ ଥାନା ଅନ୍ତର୍ଗତ ଶିବଶକ୍ତିନଗରରୁ ନକଲି ଲୁଣ ଓ ଡିଟରଜେଂଟ ପ୍ରସ୍ତୁତ କରୁଥିବା କାରଖାନା ଠାବ ହୋଇଛି। ଟାଟା ସଲ୍ଟ ଓ ସର୍ଫ ଏକ୍ସେଲ ଭଳି ନାମୀଦାମୀ କମ୍ପାନୀର ଲୋଗୋରେ ପ୍ୟାକେଜିଂ କରି ଭେଜାଲ ସାମଗ୍ରୀ ବିକ୍ରୀ କରାଯାଉଥିଲା। ଏହି ମାମଲାରେ ପାହାଳ ପୋଲିସ୍ ଜଣେ ଯୁବକଙ୍କୁ ଅଟକ ରଖି ପଚରାଉଚରା କରୁଛି। ସୋମବାର ଦିନ ବିଶେଷ ସୂତ୍ରରୁ ଖବର ପାଇବା ପରେ ବିଏମ୍‌ସି ଖାଦ୍ୟ ସୁରକ୍ଷା ଅଧିକାରୀଙ୍କୁ



ଧରି ଏଠାରେ ଚଢ଼ାଉ ହୋଇଥିଲା। ଚଢ଼ାଉ କରିବା ବେଳେ ଏଠାରେ ବିପୁଳ ପରିମାଣର ନକଲି ଲୁଣ ପ୍ୟାକେଟ ଓ ଡିଟରଜେଂଟ ପ୍ୟାକେଟ୍‌କୁ ଜବତ କରାଯାଇଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଏହି ଗୋଦାମରେ ଉପସ୍ଥିତ କର୍ମଚାରୀଙ୍କୁ ଏହି ୟୁନିଟ୍ ଚଳାଇବା ନିମନ୍ତେ ଫୁଡ୍ ଲାଇସେନ୍ସ ଓ ପ୍ୟାକେଜିଂ ଲାଇସେନ୍ସ ମିଳିଛି ନା ନାହିଁ ପଚାରିଥିଲେ। ହେଲେ ଗୋଦାମରେ ଉପସ୍ଥିତ ବ୍ୟକ୍ତି ଏ ସବୁ ବିଷୟରେ କିଛି କହିପାରି ନ ଥିଲେ। ତେଣୁ ପୋଲିସ ଗୋଦାମକୁ ସିଲ୍ କରିଛି। ଖାଦ୍ୟ ସୁରକ୍ଷା ଅଧିକାରୀ ଲୁଣ ଓ ଡିଟରଜେଂଟ ନମୁନା ସଂଗ୍ରହ କରି ନେଇଛନ୍ତି। ଟାଟା ସଲ୍ଟ ପ୍ୟାକେଟରେ ନକଲି ଲୁଣ ଭର୍ତି ହୋଇଥିବା ବେଳେ ସର୍ଫ ଏକ୍ସେଲ୍ କମ୍ପାନୀ ପ୍ୟାକେଟରେ ନିକଳି ଡିଟରଜେଂଟ ପଶିଥିଲା।

## ସୂର୍ଯ୍ୟକିରଣ ଏୟାର ସୋ ପାଇଁ ଆସନ୍ତାକାଲି ପହଂଚିବ ଇଣ୍ଡକ୍ସନ୍ ଟିମ୍



ଭୁବନେଶ୍ୱର, ୫।୯(ପି.ଏନ): ସୂର୍ଯ୍ୟକିରଣ ଏୟାର ସୋ ପାଇଁ ଆସନ୍ତାକାଲି ଇଣ୍ଡକ୍ସନ୍ ଟିମ୍ ଏନ୍ ୩୨ ବିମାନ ଯୋଗେ ଭୁବନେଶ୍ୱରରେ ପହଂଚିବ। ଭୁବନେଶ୍ୱର ବିମାନବନ୍ଦର ନିର୍ଦ୍ଦେଶକ ପ୍ରସନ୍ନ ପ୍ରଧାନ ଏହି ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ସେପ୍ଟେମ୍ବର ୮ ତାରିଖରେ ସି୧୭ ଗ୍ଲୋବମାଷ୍ଟର ବିମାନରେ ଉପକରଣ ଆସି ପହଂଚିବ। ୯ ତାରିଖରେ ସୋ'ରେ ଭାଗ ନେବାକୁ ଥିବା ୧୧ଟି ହକ୍ ବିମାନ ଆସିବ। ସୂର୍ଯ୍ୟକିରଣ ସୋ'ରେ ୯ଟି ହକ୍ ବିମାନ ଭାଗନେବ ଏବଂ ୨ଟି ଷ୍ଟାଣ୍ଡ ବାଏ ରହିବ। ଆସନ୍ତା ୧୦ ତାରିଖରେ ମ୍ୟାପିଂ ସର୍ଟି ବା ରିହରସଲ୍ ହେବ। ପାଣିପାଗ ସ୍ଥିତି ଦେଖି ପୂର୍ବାହ୍ନ ୧୦ଟାରୁ ୧୧ କିମ୍ବା ଅପରାହ୍ନ ୪.୧୫ରୁ ୫.୧୫ ଯାଏଁ ସୋ ଆୟୋଜିତ ହେବ। ପୁରୀ ଏୟାର ସୋ ସୁନିଶ୍ଚିତ ହୋଇଛି। ତେବେ ଭୁବନେଶ୍ୱର ପାଇଁ ଅନୁମତିକୁ ଅପେକ୍ଷା କରାଯାଇଛି ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେପ୍ଟେମ୍ବର ୧୬ ତାରିଖରେ ଭୁବନେଶ୍ୱର କୁଆଖାଇ ନଦୀ ଜାଲିପାଟଣା ଗାଁ ବାଲିଯାତ୍ରା ପଡ଼ିଆରେ ସୋ' ହେବ। ସେହିପରି ୧୮ ତାରିଖରେ ପୁରୀ ଗଭର୍ଣ୍ଣର ହାଉସ୍ ଉପରେ ସୋ ପାଇଁ ଯୋଜନା ରହିଛି।

## ପୁଣି ଡିଏମଏଫ ପାଣ୍ଠି ଅର୍ଥ ହରିଲୁଟ ଅଭିଯୋଗ ଆସିଲା : ଖଣି ଶ୍ରମିକଙ୍କୁ ସୁରକ୍ଷା କିଟ ପ୍ରଦାନରେ ୩୨ କୋଟି ଟଙ୍କାର ଟେଣ୍ଡର ଫିକ୍ସିଂ ଓ ୧୨ କୋଟିର ଦୁର୍ନୀତି ଅଭିଯୋଗ

ରାଉରକେଲା, ୫।୯(ପି.ଏନ): କୋଭିଡ ସମୟରେ ରାଉରକେଲାର ଏକ ଡାକ୍ତରଖାନାକୁ ଅହେତୁକ ଅନୁକମ୍ପା ପ୍ରଦର୍ଶନ କରି ଡିଏମଏଫ ପାଣ୍ଠିରୁ ରୋଗୀ ପିଛା ୫ ଲକ୍ଷରୁ ଅଧିକ ବିଲ କରି ଦେଇ ଏହି ପାଣ୍ଠିକୁ ଦୁଇ ହାତରେ ଲୁଟ କରିବାର ଅଭିଯୋଗ ଆସିବା ପରେ ପୁଣି ଖଣି ଶ୍ରମିକ ମାନଙ୍କୁ ସୁରକ୍ଷା କିଟ ପ୍ରଦାନ ବେଳେ ୩୨ କୋଟିର ଟେଣ୍ଡର ଫିକ୍ସିଂ ଓ ୧୨ କୋଟିର ହରିଲୁଟ ହୋଇଥିବା ଅଭିଯୋଗ ଆଣିଛନ୍ତି କଂଗ୍ରେସ ନେତା ରଶ୍ମୀ ରଂଜନ ପାଢୀ। ସେ ଏହାର ଭିଜିଲାନ୍ସ ତଦନ୍ତ ଦାବି କରିବା ସହ ଡିଏମଏଫ ପାଣ୍ଠିରେ ସଦସ୍ୟ ଥିବା ସୁନ୍ଦରଗଡ ସାଂସଦ, ବିଧାୟକ ମାନଙ୍କ ନୀରବତାକୁ ନେଇ ପ୍ରଶ୍ନ ଉଠାଇଛନ୍ତି। ଯଦି ଏହାର ତଦନ୍ତ କରାନଯାଏ ତେବେ ଏନେଇ ମାନ୍ୟବର ଉଚ୍ଚ ନ୍ୟାୟଳୟରେ ରିଟ ପିଟିସନ ଦାୟର କରାଜିବ ବୋଲି ଶ୍ରୀ ପାଢୀ କହିଛନ୍ତି । ଏଠାରେ ଉଲ୍ଲେଖଯୋଗ୍ୟ, ଯେଉଁ ସବୁ ହରିଲୁଟର ଅଭିଯୋଗ ଶ୍ରୀ ପାଢୀ ଆଣିଛନ୍ତି, ସେ ସମୟରେ ଜିଲ୍ଲାପାଳ ଓ ଡିଏମଏଫର ଅଧ୍ୟକ୍ଷ ନିଖିଲ ପବନ କଲ୍ୟାଣ ଥିଲେ, ସେ ଏବେ କଟକ ମହାନଗରର କମିଶନର ଦାୟିତ୍ୱରେ ଅଛନ୍ତି । ଏହି ହରିଲୁଟ ଅଭିଯୋଗକୁ ନେଇ ଶ୍ରୀ ପାଢୀ ଆଜି ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ କହିଛନ୍ତି ଯେ,ଏସବୁକୁ ନେଇ ତଥ୍ୟ ମଗାଜିବା ବେଳେ ସେ ସମୟରେ ଥିବା ଜିଲ୍ଲା ଶ୍ରମ ଅଧିକାରୀଙ୍କ ଦ୍ୱାରା ପ୍ରଦାନ କରାଯାଇଥିବା ତଥ୍ୟ ତାଙ୍କର କାର୍ଯ୍ୟକଳାପ ଏ ସମସ୍ତ ମାମଲାରେ ସଂପୃକ୍ତି ନେଇ ପ୍ରଶ୍ନବାଚୀ ସୃଷ୍ଟି କରୁଛି ବୋଲି ସେ କହିଛନ୍ତି । ତେବେ ଡିଏମଏଫ ପାଣ୍ଠି ସିଇଓ ତାଙ୍କର ଏକ ଚିଠିରେ ଜିଲ୍ଲାର ଖଣି ବିଭାଗ ଓ ଶ୍ରମ ବିଭାଗକୁ ଚିଠି ଲେଖି ଜଣାଇଥିଲେ ଯେ, ଜିଲ୍ଲାର ଖଣି ଶ୍ରମିକ ମାନଙ୍କୁ ସୁରକ୍ଷା କିଟ ପ୍ରଦାନ କରାଜିବ ସେ ନେଇ ଶ୍ରମିକ ମାନଙ୍କର ତାଲିକା ପ୍ରସ୍ତୁତ କରାଯାଉ ।ତାଲିକା ପ୍ରସ୍ତୁତ ପରେ ଡି ଏମ ଏଫ ତରଫରୁ ଏକ ଟେଣ୍ଡର ୯-୬-୨୦୨୧ରେ ଡିଏମଏଫ/ ଏସଏନଜି/୦୨/୨୦୨୧-୨୨ ଡକାଗଲା । ପ୍ରଥମେ ୧୦ ହଜାର ଶ୍ରମିକଙ୍କୁ ଏହି ସାମଗ୍ରୀ ଦେବା ଲାଗି ସ୍ଥିର ହୋଇଥିବା ବେଳେ ପରେ ଏହା ବାରମ୍ବାର ବଦଳି ୨୪୧୨୯ରେ ପହଁଚିଲା । ସାମଗ୍ରୀ ୨ ପ୍ରକାର ଥିଲା ଗୋଟିଏ ହେଲା ସୁରକ୍ଷା ଅନ୍ୟଟି ଆବଶ୍ୟକ । ମୋଟ ୧୮ଟି ସାମଗ୍ରୀ ଏହା ଭିତରେ ଅନ୍ତର୍ଭୁକ୍ତ । ଏହି ସବୁ ସବୁ ସାମଗ୍ରୀ ଯୋଗାଇବା ଲାଗି ୯ଟି ସଂସ୍ଥା ଟେଣ୍ଡରରେ ଅଂଶ ଗ୍ରହଣ କରିଥିଲେ, ତେବେ ଓଡିଶାର ୩ଟି ସଂସ୍ଥା ସମେତ ୬ ଜଣଙ୍କୁ ବାଦ ଦେଇ ଏଲ୍ ୧,ଏଲ୍ ୨ ଓ ଏଲ୍ ୩ ହୋଇଥିବା ୩ଟି ରାଜ୍ୟ ବାହାର ସଂସ୍ଥାକୁ ଭାଗ ଭାଗ କରି ଏହି ସବୁ ସାମଗ୍ରୀ ପ୍ରଦାନ ଲାଗି ଅନୁମତି ପ୍ରଦାନ କରାଗଲା । ଏଥିରେ ମୋଟ ୨୪ ହଜାର ୧୨୯ ଖଣି ଶ୍ରମିକଙ୍କୁ ସୁରକ୍ଷା ସାମଗ୍ରୀ ଆଦି ଯୋଗାଇବା ଲାଗି ଗିଲନ ଇଣ୍ଡଷ୍ଟ୍ରୀକୁ ୧୮ କୋଟୀ ୮୧ ଲକ୍ଷ୬୨ ହଜାର ୮୦୦, ବୀର ଏଂଟରପ୍ରାଇଜେସକୁ ୯କୋଟୀ ୪୬ ଲକ୍ଷ ୩୦ ହଜାର ୮୦୦, ଓ ଶ୍ରୀ ହରି ଜେନେରାଲ ସପ୍ଲାୟରକୁ ୪ କୋଟି ୫ ଲକ୍ଷ ୩୫ ହଜାର ପ୍ରଦାନ କରାଗଲା । ମୋଟ ଏମାନଙ୍କୁ ୩୨ କୋଟି ୩୩ ଲକ୍ଷ ୨୮ ହଜାର ଟଙ୍କା ଡିଏମଏଫ ପାଣ୍ଠିରୁ ଦିଆଗଲା । ଏହା ଭିତରେ ଏହି ସଂସ୍ଥା ଗୁଡିକୁ ଯେତିକି ପରିମାଣର ଶ୍ରମିକଙ୍କୁ ସାମଗୀ ଦେବା ଲାଗି କୁହାଯାଇଥିଲା ଓ ଚୁକ୍ତିନାମା ହୋଇଥିଲା ସେଥିରେ ମଧ୍ୟ ଏପାଖ ସେପାଖ କରିଦିଆଗଲା । ସାମଗ୍ରୀ ଯୋଗାଣ ବେଳେ ଚୁକ୍ତିନାମା ଅନୁଯାୟୀ ସଠିକ କମ୍ପାନୀ ଯାଗାରେ ଅତି ନିମ୍ନ ମାନର ସାମଗ୍ରୀ ଦେଇ ୨ଗୁଣାରୁ ଅଧିକ ଅର୍ଥର ବିଲ ଦେଇ ନିଜର ପଇସା କଂପାନୀ ମାନେ ନେଇଗଲେ। ଯାହାଦ୍ୱାରା ଶ୍ରମିକ ମାନେ ଅତି ଶସ୍ତା ନିମ୍ନ ମାନର ସାମଗ୍ରୀ ପାଇଲେ ଓ ଏଥିରେ ପାଖା ପାଖି ୧୨କୋଟି ଟଙ୍କାର ହରିଲୁଟ ଓ ମନଇଛା କଂପାନୀ ଚୟନ କରି ଏହି ଟେଣ୍ଡରକୁ ଫିକ୍ସିଂ କରାଯାଇଛି ବୋଲି ଶ୍ରୀ ପାଢୀ ଅଭିଯୋଗ କରିଛନ୍ତି । ଖାଲି ସେତିକି ନୁହେଁ ଏହି କମିଟିରେ ଜିଲ୍ଲାର ସାଂସଦ, ବିଭିନ୍ନ ବିଧାୟକ ମାନେ ମଧ୍ୟ ସଭ୍ୟ ରହିଛନ୍ତି ସେମାନେ ମଧ୍ୟ ଆଜିଯାଏ କେମିତି ମୁହଁ ନଖୋଲି ନୀରବ ରହିଛନ୍ତି ସେନେଇ ଶ୍ରୀ ପାଢୀ ଏମାନଙ୍କର ନିଷ୍ଠା ଉପରେ ପ୍ରଶ୍ନ କରିଛନ୍ତି । କଳ କାରଖାନା, ଖଣି ଆଦିରେ ମାଲିକ ମାନେ ସୁରକ୍ଷା ସାମଗ୍ରୀ ଦେବା କଥା ଯଦି ଦେଉ ନାହାନ୍ତି ସେଥିଲାଗି ସରକାରୀ ବିଭାଗ ରହିଛି ସେମାନେ ତାକୁ ଦେଖିବା କଥା କିନ୍ତୁ ସେସବୁକୁ ନଦେଖି କେଉଁ ମହତ ଉଦେଶ୍ୟରେ ବାବୁ ମାନେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଉପରେ ଏଭଳି ନିଷ୍ପତି ନେଇ ଖଣିଜ ପାଣ୍ଠିକୁ ଅପବ୍ୟବହାର କଲେ ବୋଲି ସେ ପ୍ରଶ୍ନ କରିଚନ୍ତି । ତେଣୁ ଏନେଇ ରାଜ୍ୟ ଭିଜିଲାନ୍ସ ତଦନ୍ତ କରିବା ଲାଗି ସେ ଦାବି କରିଛନ୍ତି । ଯଦି ସଠିକ ସମୟରେ ଏହାର ତଦନ୍ତ ନହୁଏ ତେବେ ସେ ଉଚ୍ଚନ୍ୟାୟାଳୟର ଦ୍ୱାରସ୍ଥ ହେବେ ବୋଲି ଚେତାବନୀ ଦେଇଛନ୍ତି।

## ସବ୍-ରେଜିଷ୍ଟ୍ରାର ଓ ଟ୍ରେଜେରୀ ଅଫିସ୍ କ୍ୟାମ୍ପସରେ ଜମୁଛି ମଦର ଆସର

ସୁବର୍ଣ୍ଣପୁର ,(ପି.ଏନ): ସବ୍-ରେଜିଷ୍ଟ୍ରାର ଓ ଟ୍ରେଜେରୀ ଅଫିସ୍ କ୍ୟାମ୍ପସରେ ପଡିଛି କାଠ ଟେବୁଲ। ଆଉ ତା' ଉପରେ ଥୁଆ ଯାଇଛି ଦେଶୀ ବିଦେଶୀ ବ୍ରାଣ୍ଡର ମଦ ବୋତଲ। ଆଜି ଏପରି ଚ଼ିତ୍ର ଆସିଛି ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁରରୁ। ମଦ ବୋତଲ ଓ ସିଗାରେଟ୍ ଖୋଳକୁ ଦେଖିଲେ ଲାଗୁଛି ଏଠି ଜମୁଥିବ ମଦୁଆଙ୍କ ଆସର !ସୁବର୍ଣ୍ଣପୁର ଜିଲ୍ଲା ବୀରମହାରାଜପୁର ସବ୍-ରେଜିଷ୍ଟ୍ରାର ଓ ଟ୍ରେଜେରୀ ଅଫିସ ଗୋଟିଏ କ୍ୟାମ୍ପସରେ ରହିଛି। ଆଜି ସକାଳେ ଅଫିସ୍ ପରିସରରେ ଦେଖିବାକୁ ମିଳିଥିଲା ଅଜବ ଦୃଶ୍ୟ। ଅଫିସର ମୁଖ୍ୟ ଫାଟକ ସମ୍ମୁଖରେ ପଡିଥିଲା କାଠ ଟେବୁଲ ଓ ପ୍ଲାଷ୍ଟିକ୍ ଚେୟାର। ଆଉ ଟେବୁଲ ଉପରେ ଥୁଆ ହୋଇଥିଲା ଦେଶୀ ଓ ବିଦେଶୀ ମଦ ବୋତଲ। ଟେବୁଲ୍ ତଳେ ପଡିଥିଲା ଖାଲି ସିଗାରେଟ ଖୋଳ ଓ ଅନ୍ୟ ପାଉଚ଼। ଏଥିରୁ



ଜଣାପଡୁଛି, ରାତିରେ ଏଠାରେ ଜମିଥିଲା ମଦର ଆସର ! ସବୁଠାରୁ ମଜାଦାର କଥା ହେଉଛି ସବ୍-ରେଜିଷ୍ଟ୍ରାର ଓ ଟ୍ରେଜେରୀ ଅଫିସର ପ୍ରବେଶ ପଥ ଗୋଟିଏ। ଦୁଇ ଅଫିସର ଦୁଇ ଜଣ କର୍ମଚ଼ାରୀଙ୍କ ପାଖରେ ରହୁଛି ଗେଟ୍‌ର ଚ଼ାବି। ଏହାର ଅର୍ଥ ଶନିବାର ସେମାନେ ଅଫିସ୍ ଛାଡିବା ପୂର୍ବରୁ ତାଲା ନିଶ୍ଚିତ ପକାଇଥିବେ। ଏହା ସତ୍ତ୍ୱେ ଅଫିସ୍ କ୍ୟାମ୍ପସ ଭିତରେ କେମିତି ଜମିଲା ମଦର ଆସର ଅଫିସ୍ ଫାଟକ ତାଲା ଖୋଲିଲା କିଏ କେମିତି ଅସାମାଜିକ ବ୍ୟକ୍ତିମାନେ ଅଫିସ୍ କ୍ୟାମ୍ପସ ଭିତରେ ପଶି ମଦ ପିଇଲେ ଏଥିରେ ଅଫିସର କୌଣସି କର୍ମଚ଼ାରୀଙ୍କ ହାତ ନାହିଁ ତ ଖୋଦ୍ ଅଫିସ୍ କର୍ମଚ଼ାରୀ ମଦର ଆସର ଜମାଇ ନଥିଲେ ଏପରି ନାନା ପ୍ରଶ୍ନ ସାଧାରଣରେ ଏବେ ଉଙ୍କି ମାରୁଛି। ହେଲେ ଏନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।





# ଟି ଟାଇମ୍

## ଇତିହାସରେ ଆଜି ଦିନ

ଆଜିର ଦିନରେ ବିଶ୍ୱ ଇତିହାସରେ ଅନେକ ଘଟଣା ଓ ଦୁର୍ଘଟଣାମାନ ଘଟିଛି । ବହୁ ବରପୁତ୍ର ତଥା ପ୍ରଖ୍ୟାତ କଳାକାର ମଧ୍ୟ ଆଜି ଜନ୍ମ ହୋଇଛନ୍ତି । ଆଜିର ଦିନରେ ଇତିହାସ ପୃଷ୍ଠାରେ କ’ଣକ’ଣ ଘଟଣା ଘଟିଥିଲା ଆସନ୍ତୁ ଜାଣିବା :

❖ ଓହାୟୋର କଲମ୍ବସ ନିକଟସ୍ଥ ଚିଡିଆଖାନାରେ ବନ୍ଦୀ ଅବସ୍ଥାରେ ପ୍ରଥମ ଗରିଲା କୋଲୋରା ଜନ୍ମଲାଭ କରିଥିଲା(୧୯୫୬)

❖ ଆଫଗାନିସ୍ତାନର ମଧ୍ୟବର୍ତ୍ତିକାଳୀନ ସରକାରର ମୁଖ୍ୟ ବୁରାହନୁଦ୍ଦିନ ରବ୍ବାନୀ ରାଷ୍ଟ୍ରପତି ହମିଦ କାରଜାଇଙ୍କୁ କ୍ଷମତା କ୍ଷମତା ହସ୍ତାନ୍ତର କରିଥିଲେ(୨୦୦୧)

❖ ହଡସନ ନଦୀ ଉପରେ ନିର୍ମିତ ଲିଙ୍କନ ଟନେଲ

❖ ସର୍ବସାଧାରଣଙ୍କ ଯାତାୟତ ପାଇଁ ଖୋଲା ଯାଇଥିଲା(୧୯୩୭)

❖ ବର୍ଲିନର ବ୍ରାଣ୍ଡେନବର୍ଗ ଗେଟ ଖୋଲିଥିଲା, ଏହା ଦୀର୍ଘ ୩୦ ବର୍ଷ ପର୍ଯ୍ୟନ୍ତ ବନ୍ଦ ହୋଇ ରହିଥିଲା(୧୯୮୯)

# ପୁରାଣ କାହାଣୀ

## ରାମଙ୍କ ପିତୃସତ୍ୟ ପାଳନ



ମନ୍ଥରା କଥାରେ କୈକେୟୀ ରାଜା ଦଶରଥଙ୍କୁ ଏକଦା ପ୍ରତିଜ୍ଞା କରିଥିବା ଦୁଇଟି ବର ପ୍ରଦାନ କରିବା ଛଳରେ ଏହି ଦୁଇ ବର ମାଗିଲେ ଯେ, ରାମ ବାର ବର୍ଷ ପାଇଁ ବନବାସ କରିବାକୁ ଯିବେ ଓ ତାଙ୍କ ପୁତ୍ର ଭରତ ରାଜା ହେବେ । ରାଜା ଦଶରଥ ଅତିଶୟ ଦୁଃଖରେ ତାଙ୍କ ସତ୍ୟ ରକ୍ଷା କଲେ । ଏହା ଶୁଣି ରାମ ଧୀର ଚିତ୍ତରେ ପିତୃ-ସତ୍ୟ ପାଳନ ନିମନ୍ତେ କିଞ୍ଚିତ ଦୁଃଖ ପ୍ରକାଶ କଲେ ନାହି । ରାମଙ୍କର ଏହି ମହନୀୟତା ହିଁ ସାରା ରାମାୟଣରେ ଅନେକ ରୂପରେ ପ୍ରକାଶିତ ହୋଇଛି । ରାମଙ୍କର ଶତ ବାରଣ ସତ୍ତ୍ୱେ,ବନବାସ ବେଳେ ରାମଙ୍କର ଅନୁସରଣ କରିବା ପାଇଁ ଦେବୀ ସୀତା ଏବଂ ଭ୍ରାତା ଲକ୍ଷ୍ମଣ ଇଚ୍ଛା ପ୍ରକାଶ କଲେ । ରାମଙ୍କର ବାରଣର ଉତ୍ତରରେ ସୀତା କହନ୍ତି, ଆପଣଙ୍କ ପାଦ ଯେଉଁ ବନପ୍ରଦେଶରେ ପଡିମ ତାହା ମୋ ପାଇଁ ଅଯୋଧ୍ୟା ଆଉ ଆପଣଙ୍କ ବିନା ଆଯୋଧ୍ୟା ମଧ୍ୟ ମୋ ପାଇଁ ନର୍କ ସଦୃଶ । ଇତି ମଧ୍ୟରେ ଭାରତ, ଟିଏ କି ମାତୃଳଙ୍କ ଗୃହକୁ ବୁଲି ଯାଥିଲେ, ଏଖବର ଶୁଣି ଗଭୀର ଦୁଃଖ ପ୍ରକାଶ କଲେ । ରାଜା ହେବାର ସୁଯୋଗ ପରିତ୍ୟାଗ କରି ସେ ଭ୍ରାତା ରାମଙ୍କୁ ଦେଖା କରିବା ପାଇଁ ସେ ବନ ଗମନ କରି ରାମଙ୍କୁ ଦେଖା କଲେ । ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । କିନ୍ତୁ ରାମ ପିତୃ-ସତ୍ୟ ପାଳନ ନିମନ୍ତେ ସମସ୍ତ ଅନୁରୋଧକୁ ପ୍ରତ୍ୟାଖ୍ୟାନ କରି ବନବାସ ପୂର୍ବରୁ ରାଜ୍ୟକୁ ଫେରିବାକୁ ମନା କରିଦେଲେ । ତେବେ ଏକ ବିରଳ ଭ୍ରାତୃ ଭକ୍ତିର ଉଦାହରଣ ସ୍ୱରୂପ ଭରତ ଭ୍ରାତା ରାମଙ୍କ କଠଉ ଯୋଡିକ ମସ୍ତକରେ ଧାରଣ ପୂର୍ବକ ଫେରି ଆସିଲେ ଏବଂ ସିଂହାସନରେ ରାମଙ୍କ କଠଉ ସ୍ଥାପନ ପୂର୍ବକ ରାମଙ୍କ ପ୍ରତିନିଧି ଭାବରେ ରାଜ୍ୟ ଶାସନ କରିବାକୁ ଲାଗିଲେ ।

# ଆଜିର ଭାଗ୍ୟ

**ମେଷ** — କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ । ଆନୁଷ୍ଠାନିକ କାମରେ ସଫଳତା ପାଇବେ । ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ । ପରିବହନରେ ଉନ୍ନତି କରିବେ । ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ ।

**ବୃଷ** — ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ । ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି । ସ୍ଥଗିତ କାମକୁ ତ୍ୱରାନିତ କରିବେ । ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ । ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି ।

**ମିଥୁନ** — କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି । ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ । ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ । ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ ।

**କର୍କଟ** — ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ତି ଅନୁଭବ କରିବେ । ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ । ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ ।

**ସିଂହ** — ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ । କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି । ବକେୟା ଟଙ୍କା ମିଳିବାର ଯୋଗ ରହିଛି । ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ ।

**କନ୍ୟା** — ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ । ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ । ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ । ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ ।

**ତୁଳା** — ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ । ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ । ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ ।

**ବିଛା** — ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ । ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ । ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ । ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ ।

**ଧନୁ** — ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ । ଶାରୀରିକ ଅସୁସ୍ଥତା ଫେରି ପାଇବ । ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ । ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି । ମହିଳାଙ୍କ ମନୋବଳ ଦୃଢ଼ ରହିବ ।

**ମକର** — କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ । ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ । ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ । ମହିଳାମାନେ ଅଶାନ୍ତି ରହିବେ ।

**କୁମ୍ଭ** — ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ । ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ । ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ ।

**ମୀନ** — କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ । ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ । ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ । ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ ।

## ପଲ୍ଲୀ କବି ନନ୍ଦ କିଶୋର ବଳ



ଓଡିଶା ସାହିତ୍ୟର ପ୍ରାକ୍- ଆଧୁନିକ କାଳରେ ଜଣେ କବି ଥିଲେ । ସେ ଓଡିଶାର ପୁରପଲ୍ଲୀ ଉପରେ କାବ୍ୟ ରଚନା କରିଥିବାରୁ ତାଙ୍କୁ ପଲ୍ଲୀ କବି ବୋଲି ସମ୍ବୋଧନ କରାଯାଏ । ସେ ଓଡିଶାର କଟକ ଜିଲ୍ଲା ଅନ୍ତର୍ଗତ କୁସୁପୁର ଗାଆଁରେ ଜନ୍ମଗ୍ରହଣ କରିଥିଲେ । ପିତାଙ୍କ ନାମ ଥିଲା ଭଜନାନନ୍ଦ ଜେନା ଓ ମାତାଙ୍କର ନାମ ହିରଣ୍ମୟୀ ଦେବୀ । ଶୈଶବରେ ସେ “ରସାନନ୍ଦ ଜେନା” ନାମରେ ପରିଚିତ ଥିଲେ । ପିଉସୀ ପୋଷ୍ୟପୁତ୍ର କରିନେବା ପରେ ସେ ନନ୍ଦକିଶୋର ବଳ ଭାବରେ ପରିଚିତ ହେଲେ । ବାଲ୍ୟ ଜୀବନ କୁସୁପୁରରେ ହିଁ କଟିଥିଲା । ଗାଁ ସ୍କୁଲରୁ ଆରମ୍ଭ କରି, ସେ କଟକ ଟାଉନ ସ୍କୁଲ, ରେଭେନ୍ସା କଲିଜିଏଟ ସ୍କୁଲ, କେନ୍ଦ୍ରାପଡା ଉଚ୍ଚ ଇଂରାଜୀ ବିଦ୍ୟାଳୟ ଓ ରେଭେନ୍ସା ମହାବିଦ୍ୟାଳୟରେ ଶିକ୍ଷାଲାଭ କରିଥିଲେ । ଭକ୍ତି କବି ବଧୁସୂଦନ ରାଓଙ୍କ ଦ୍ୱାରା ପ୍ରତିଷ୍ଠିତ କଟକରେ ଟାଉନ ସ୍କୁଲରୁ ନନ୍ଦ କିଶୋର ନିଜର ଚାକିରି ଜୀବନ ଆରମ୍ଭ କରିଥିଲେ । କିଛି ବର୍ଷ ପରେ, ସେ ସ୍କୁଲ ସବ୍‌ଇନସିପେକ୍ଟର ଭାବେ ପଦୋନ୍ନତି ପାଉଥିଲେ । ଏହି ଚାକିରିରେ ବାରମ୍ବାର ଗସ୍ତ ଓ ବଦଳି ଯୋଗୁଁ ତାଙ୍କ ଦେହ ଖରାପ ହେଉଥିଲା । ଏହି କାରଣରୁ ସେ ସ୍ୱେଚ୍ଛାକୃତ ଅବସର ନେଇ ଗାଁରେ ରହିବାକୁ ସ୍ଥିର କରିଥିଲେ । କିନ୍ତୁ ଚିକିତ୍ସା ପାଇଁ ତାଙ୍କୁ ପୁନର୍ବାର କଟକ ଆସିବାକୁ ପଡିଥିଲା । ୧୯୨୮ ମସିହା ଜୁଲାଇ ୧ ତାରିଖରେ ଇହଲିଳା ସମ୍ବରଣ କରିଥିଲେ । ରଚନାବଳୀନନ୍ଦ କିଶୋର, କଲେଜରେ ପଢ଼ିଲା ବେଳୁହିଁ ପ୍ରବନ୍ଧ ଲେଖିବା ଆରମ୍ଭ କରିଥିଲେ । ନିଜର ପ୍ରଥମ ପ୍ରଥମ ପ୍ରବନ୍ଧକୁ ସେ “ପଲ୍ଲୀ ଚିତ୍ର” ନାମରେ କବିତାର ରୂପ ଦେଇଥିଲେ । ତାଙ୍କର ରଚନାବଳୀରେ ପଲ୍ଲୀ ପ୍ରକୃତିର ସୁନ୍ଦର ବର୍ଣ୍ଣନା ଫୁଟିଉଠିଥାଏ । ପିଲାମାନଙ୍କ ପାଇଁ ତାଙ୍କଦ୍ୱାରା ରଚିତ “ନାନା ବାୟା ଗୀତ” ଓଡିଶାର ପୁରପଲ୍ଲିରେ ବେଶ୍ ପ୍ରଚଳିତ । ସେ ୧୦୦ରୁ ଅଧିକ ସନେଟ ମଧ୍ୟ ଲେଖିଛନ୍ତି । ତାଙ୍କର ସନେଟ ଗୁଡିକ ପ୍ରକୃତି ଓ ଜନଜୀବନର ଛବିରେ ପୁଷ୍ଟ । ୧୯୨୫ରେ ସେ କନକଲତା (ଉପନ୍ୟାସ) ନାମରେ ଉପନ୍ୟାସଟିଏ ମଧ୍ୟ ରଚିଯାଇଛନ୍ତି ।

## ରଣବୀର-କ୍ୟାଟ୍ରିନାକୁ ନେଇ ଚର୍ଚ୍ଚା



ରଣବୀର କପୁର ଓ କ୍ୟାଟ୍ରିନା କୈଫଙ୍କ ଅଭିନୀତ ଫିଲ୍ମ ‘ଜଗା ଜାସୁସ୍’ର ପ୍ରଥମ ପୋଷ୍ଟର ରିଲିଜ କରାଯାଇଛି । ୟୁଟିଭି ମୋଶନ ପିକଚର୍ସର ଟ୍ୱିଟରରେ ଏହି ପୋଷ୍ଟର ରିଲିଜ କରାଯାଇଛି । ଯେଉଁଥିରେ ଉଭୟ ରଣବୀର ଓ କ୍ୟାଟ୍ରିନାଙ୍କୁ ଓଟପକ୍ଷୀ ଉପରେ ବସି ଯାଉଥିବାର ଦେଖିବାକୁ ମିଳିଛି । ଦୁଇଜଣଙ୍କ ଲୁକ୍ ମଧ୍ୟ ଖୁବ୍ ମଜାଳିଆ ହୋଇଛି । ଯାହାକୁ ଦେଖିବା ପରେ ଫିଲ୍ମ ରିଲିଜର ଅପେକ୍ଷାରେ ରହିଛନ୍ତି ଦର୍ଶକ । ଫିଲ୍ମକୁ ନେଇ ବ୍ୟଗ୍ରତାର ଅନ୍ୟ ଏକ କାରଣ ହେଉଛି ବ୍ରେକଅପ୍ ପରେ ପୁଣିଥରେ ରଣବୀର ଓ କ୍ୟାଟ୍ରିନାଙ୍କୁ ଏଥିରେ ଏକାଠି ଦେଖିବାକୁ ମିଳିବ । ଯାହା ସେମାନଙ୍କ ପ୍ରଶଂସକଙ୍କ ପାଇଁ ଖୁସିର ମୁହୂର୍ତ୍ତ । ତେବେ ଅନୁରାଗ ବସୁଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମଟି ଚଳିତ ବର୍ଷ ୨୭ ନଭେମ୍ବରରେ ରିଲିଜ କରାଯାଇଥା’ନ୍ତା । ମାତ୍ର ରଣବୀର ଓ କ୍ୟାଟ୍ରିନାଙ୍କ ବ୍ରେକଅପ୍ ଏବଂ ଦୁଇଜଣଙ୍କ ବ୍ୟସ୍ତ ସିଡ୍ୟୁଲକୁ ନେଇ ଫିଲ୍ମଟି ନିର୍ଦ୍ଧାରିତ ସମୟରେ ଶେଷ ହୋଇପାରିନଥିଲା । ତେଣୁ ଏହାର ରିଲିଜ ଡେଟ୍‌କୁ ଘୁଞ୍ଚାଯାଇ ଆସନ୍ତା ବର୍ଷ ଅପ୍ରେଲ ୭ ତାରିଖକୁ ରଖାଯାଇଛି ।

## ଉଚ୍ଚ ରକ୍ତଚାପରୁ ରକ୍ଷା କରିବ ଗଭୀର ନିଃଶ୍ୱାସ



ଶରୀରରେ ଯେକୌଣସି ରୋଗର ଉପସ୍ଥିତି ଅଧିକାଂଶ ଲୋକଙ୍କୁ ବହୁତ ଡେରିରେ ଜଣା ପଡ଼ିଥାଏ । ସେଭଳି ଏକ ରୋଗ ହେଉଛି ଉଚ୍ଚ ରକ୍ତଚାପ । ଉଚ୍ଚ ରକ୍ତଚାପକୁ ସାଇଲେଣ୍ଟ କିଲର କୁହାଯାଏ । ଯଦି ଆପଣ ସେଭଳି ସ୍ଥିତିରେ ଗତି କରୁଛନ୍ତି ଓ ଔଷଧପତ୍ର ଖାଇବା ଝାମେଲାରୁ ମୁକୁଳିବାକୁ ଚାହୁଁଛନ୍ତି ତେବେ ଆପଣ ଆପଣଙ୍କ ଲାଇଫ ଷ୍ଟାଇଲକୁ ବଦଳାନ୍ତୁ । ଦୀର୍ଘ ଶ୍ୱାସକ୍ରିୟାରେ ଆରାମ-କିଛି ବ୍ୟକ୍ତିଙ୍କର ରକ୍ତଚାପ ସନ୍ଧ୍ୟା ତୁଳନାରେ ସକାଳ ସମୟରେ ଅଧିକ ଥାଏ । ଏହାର କାରଣ ରାତିରେ ଅମ୍ଳଜାନର ଅଭାବ । ବିପି ନିୟନ୍ତ୍ରଣ ରଖିବା ପାଇଁ ଅମ୍ଳଜାନର ମୁଖ୍ୟ ଭୂମିକା ରହିଛି । ଏଥିପାଇଁ ଦିନବେଳେ ଶାନ୍ତ ପରିବେଶରେ ବସି ୧୦ ରୁ ୧୫ ଥର ପେଟ ଭିତରୁ ଦୀର୍ଘ ନିଃଶ୍ୱାସ ନେବା ଉଚିତ୍ । ଏସ୍‌ଏମ୍‌ଏସ୍ ଡାକ୍ତରଖାନାର ଫିଜିସିଆନ୍ ଡା. ସି.ଏଲ୍.ନବଲଙ୍କ କହିବା ଅନୁସାରେ ଗଭୀର ନିଃଶ୍ୱାସ ପ୍ରଶ୍ୱାସ ନେଲେ ଶରୀରରେ ଅମ୍ଳଜାନ ଓ ରକ୍ତ ସଞ୍ଚାଳନ ସୁଚାରୁ ରୂପେ ହୋଇଥାଏ । ତା’ସହିତ ମାନସିକ ରୂପରେ ଶାନ୍ତି ମିଳିଥାଏ ।

## ସ୍ୱର୍ଗଦ୍ୱାର ପାଲଟିଛି ଗଛ

ଇଣ୍ଡୋନେସିଆର ଦକ୍ଷିଣ ସୁଲାବେସି ପ୍ରାନ୍ତରେ ଏଭଳି ଏକ ଗଛ ରହିଛି ଯାହାକୁ ନେଇ ସେଠାକାର ଲୋକଙ୍କର ଏକ ଅନ୍ଧବିଶ୍ୱାସ କରିଛି । କଥା କ’ଣ ସେହି ଗଛ ନିଜେ ହିଁ ସେ ଅଞ୍ଚଳର ସ୍ୱର୍ଗଦ୍ୱାର ପାଲଟିଛି । ସେଠାକାର ଅନେକ ଲୋକ ତାଙ୍କ ପିଲାମାନଙ୍କର ମୃତ୍ୟୁ ପରେ ତାଙ୍କ ମୃତ ଦେହକୁ ମାଟିରେ ପୋତିବା ବଦଳରେ ଗଛ ମଧ୍ୟରେ ହିଁ ପୋତିଥାନ୍ତି । ସେମାନଙ୍କ ମାନ୍ୟତା ରହିଛି ସେପରି କଲେ ସେମାନଙ୍କର ପିଲାମାନଙ୍କୁ ପ୍ରକୃତି ତାଙ୍କ ମଧ୍ୟରେ ଆଶ୍ରୟ ଦେଇଥାଏ । ଏହି ଖାସ୍ ପ୍ରକାରର ଗଛ ସେଠାକାର ତାନା ତୋରାଜା ନାମକ ସ୍ଥାନରେ ଅବସ୍ଥିତ । ସେ ଗାଁର ପିଲାମାନେ ମରିଯିବା ପରେ ଗଛରେ ତାଙ୍କର ସମାଧି ବନାଇବା ପାଇଁ ଗଛର ଗଣ୍ଡିକୁ ପ୍ରଥମେ ଖୋଳି ସ୍ଥାନ ବନାଇଥାନ୍ତି ପରେ ତାଙ୍କ ଶିଶୁର ଶବକୁ ଗୋଟିଏ କପଡ଼ାରେ ଗୁଡ଼ାଇ ସେହି ଗଛ ମଧ୍ୟରେ ରଖିଦିଅନ୍ତି । ତା’ପରେ ଗାତକୁ ପୋତିବା ପାଇଁ ଗଛ ଗଣ୍ଡିରେ ପ୍ରସ୍ତୁତ ପ୍ରାଇବର ଚଦର ବ୍ୟବହାର କରନ୍ତି । ଗଛ ମଧ୍ୟରେ କେବଳ ସେହି ପିଲାମାନଙ୍କୁ ପୋତାଯାଏ ଯାହାର ଦାନ୍ତ ଉଠିନଥିବ । ସମୟକ୍ରମେ ସେହି ଖାଲ ସ୍ଥାନ ଆପେ ଆପେ ପୂରିଯାଏ । ଏହାକୁ ଦେଖି ଗାଁଲୋକ ମାନି ନିଅନ୍ତି ତାଙ୍କ ମରିଯାଇଥିବା ଶିଶୁକୁ ପ୍ରକୃତିର କୋଳକୁ ଚାଲିଗଲା ।

## ବିଲେଇକୁ ମିଳୁଛି ସରକାରୀ ଚାକିରି, ମୋଟା ଦରମା



ଲଣ୍ଡନ ଗୋଟିଏ ପଟେ ଦେଶରେ ବେରୋଜଗାରୀ ସମସ୍ୟା ବୃଦ୍ଧି ପାଉଥିଲା ବେଳେ ଅନ୍ୟପଟେ ଏଠି ବିଲେଇକୁ ପ୍ରଦାନ କରାଯାଉଛି ସରକାରୀ ଚାକିରି ଏବଂ ଚାକିରି ବାବଦରେ ମିଳୁଛି ମୋଟା ଦରମା । ନିକଟରେ ଦେଶର କ୍ୟାବିନେଟ୍ ଦୁଇ ବିଲେଇକୁ ସରକାରୀ ନିଯୁକ୍ତି ପାଇଁ ମଞ୍ଜୁର ଦେଇଛି । ଇବି ଏବଂ ଓସି ନାମକ ଏହି ଦୁଇ ବିଲେଇ ଏବେ ବ୍ରିଟିସ ସରକାରଙ୍କ କ୍ୟାବିନେଟ୍ କାର୍ଯ୍ୟାଳୟରେ ଚାକିରି କରୁଛନ୍ତି । ବିଲେଇଙ୍କୁ ନିଯୁକ୍ତି ଦିଆଯିବା ପୂର୍ବରୁ ବିଧିବଦ୍ଧ ଭାବେ ବିଜ୍ଞାପନ ଦିଆଯାଇଥିଲା । ବିଜ୍ଞାପନରେ ସେମାନଙ୍କର ଯୋଗ୍ୟତା ସହ ବାୟୋଡାଟା ମଧ୍ୟ ମଗାଯାଇଥିଲା । ଏହି ନିଯୁକ୍ତି ପାଇଁ ଅନେକ ଆବେଦନ ପତ୍ର ମିଳିଥିଲା ବେଳେ ଦକ୍ଷତାକୁ ଦୃଷ୍ଟିରେ ରଖି ଦୁଇ ବିଲେଇଙ୍କୁ ନିଯୁକ୍ତି ଦିଆଯାଇଛି । ଏମାନଙ୍କର ଦାୟିତ୍ୱ ହେଉଛି କ୍ୟାବିନେଟ୍ କାର୍ଯ୍ୟାଳୟରୁ ମୂଷା ମାରିବା । ଗତକିଛି ବର୍ଷ ଧରି ଏଠାର କ୍ୟାବିନେଟ୍ କାର୍ଯ୍ୟାଳୟରେ ମୂଷାଙ୍କ ଉତ୍ପାତ ବୃଦ୍ଧି ପାଉଥିଲା ବେଳେ ସେମାନଙ୍କ ଦ୍ୱାରା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ କାଗଜପତ୍ର ନଷ୍ଟ ହେବାରେ ଲାଗିଛି । ଯେଉଁ କାରଣରୁ ସରକାର ବାଧ୍ୟରେ ମୂଷା ନିୟନ୍ତ୍ରଣ ପାଇଁ ବିଲେଇ ନିଯୁକ୍ତି ଦେଇଛନ୍ତି ।

## ଶୀତ ଋତୁରେ ରୋଗ ବେଶୀ



ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ବା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ
ସମ୍ପାଦକୀୟ
ଭୁବନେଶ୍ୱର, ୨୦୨୨, ସେପ୍ଟେମ୍ବର ୦୬

# ପୁରୁଷାର୍ଥର ପରାକାଷ୍ଠା

ପରିପୂର୍ଣ୍ଣତା ପ୍ରାପ୍ତି ପ୍ରତ୍ୟେକ ଜୀବନର ଲକ୍ଷ୍ୟ। ଜୀବ ଜଡ଼ ନୁହେଁ ଚେତନଶୀଳ। ତାର ଅଗ୍ରଗତି ଅଥବା ଉନ୍ନତିର ଆଧାର ହେଉଛି ପୁରୁଷାର୍ଥ। ଏହି ପୁରୁଷାର୍ଥ ଅନ୍ୟ କିଛି ନୁହେଁ ଏହା ହେଉଛି ବ୍ୟକ୍ତିର ପୌରୁଷ ବା ସାମର୍ଥ୍ୟ ଶକ୍ତି। ଏହି ସଂସାର ଅନେକ ବନ୍ଧନ, ଅନେକ ପ୍ରତିବନ୍ଧକରେ ପୂର୍ଣ୍ଣ। ଜୀବନ ଏକ ଯୁଦ୍ଧ। ପ୍ରତି ମୁହୂର୍ତ୍ତରେ ଯୁଦ୍ଧର ଘନଘଟା ଲାଗିଛି। ବିଜୟ ଆମର ଲକ୍ଷ୍ୟ। ସାରା ସଂସାର ତ୍ରିତାପରେ ଗ୍ରସ୍ତ। ଖାଲି ଗ୍ରସ୍ତ ନୁହେଁ ତ୍ରସ୍ତ ମଧ୍ୟ। ଆଧ୍ୟାତ୍ମିକ, ଅଧିଦୈବୀକ ଓ ଆଧିଭୌତିକ ତାପରେ ଥାଇ ମଧ ଯିଏ ସେଥିରେ ପ୍ରଭାବିତ ନହୋଇ ସୁଖଦ ଜୀବନ ଜିଇପାରିବ ସେ ଯୁଦ୍ଧରେ ବିଜୟୀ ବୋଲି ବୁଝିବାକୁ ହେବ। ସେହି ବ୍ୟକ୍ତି ପରିପୂର୍ଣ୍ଣତାର ସ୍ୱାଦ ପାଇପାରିବ। ସୁଖ, ଶାନ୍ତି, ଆନନ୍ଦପୂର୍ଣ୍ଣ ସଫଳ ଜୀବନ ଯାପନ କରିପାରିବ। ଯୁଦ୍ଧ ହେଉଛି ପୁରୁଷାର୍ଥ ପ୍ରଦର୍ଶନ। ବୀର ଭୋଗ୍ୟା ବସୁନ୍ଧରା। ପୁରୁଷାର୍ଥ ବିନା କିଛି ଅର୍ଜନ ସମ୍ଭବ ନୁହେଁ। ଶ୍ରେଷ୍ଠ ପୁରୁଷ ସ୍ୱୀୟ ପୁରୁଷାର୍ଥ ବଳରେ ପରମପଦ, ପରମାନନ୍ଦ ଲାଭ କରିପାରେ।

ଏହି ସୃଷ୍ଟି ପ୍ରବାହ କର୍ମ ପ୍ରଧାନ ଅଟେ। ସ୍ରଷ୍ଟାଙ୍କ ସଦିଚ୍ଛା ରୂପକ ଯଜ୍ଞ କର୍ମରୁ ସୃଷ୍ଟି ସାଧନ ସମ୍ଭବ ହୋଇଛି। ପ୍ରତ୍ୟେକ ହୃଦୟରେ ରହି ସ୍ରଷ୍ଟା ତାଙ୍କର ଇଚ୍ଛାଶକ୍ତି, କ୍ରିୟା ଶକ୍ତି ଓ ଜ୍ଞାନ ଶକ୍ତି ରୂପକ ଯଜ୍ଞ କର୍ମ କରୁଛନ୍ତି। ଏହି ଯଜ୍ଞ କର୍ମର ମର୍ମକୁ ଠିକ ଭାବେ ଦେଖିପାରିଲେ, ଜାଣିପାରିଲେ, ଅନୁଭବ କରିପାରିଲେ ଜୀବନ ସାର୍ଥକ ହୁଏ। ଜନ୍ମ ଜନ୍ମାନ୍ତରର କର୍ମ ଦୈବ ନାମ ଧରି ଆମ ସହ ବିଦ୍ୟମାନ। ବିବେକ ବିଚାର ବଳରେ ଏହା ହୃଦୟଙ୍ଗମ ହେବ। ସତସଙ୍ଗ, ସ୍ୱାଧ୍ୟାୟ ଓ ସତ ସସଂର୍ଗ ଦ୍ୱାରା ଏହି ବିବେକ ବିଚାର ଯେବେ ଜୀବନ ବୃକ୍ଷକୁ ଶ୍ରୀମଣ୍ଡିତ କରିବ ତେବେ ପୁରୁଷାର୍ଥ ରୂପକ ଫଳରେ ଏହା ସୁଶୋଭିତ ହୋଇ ଉଠିବ। ମନୁଷ୍ୟ ଆପଣା ତନୁମନର ଶକ୍ତି ସାମର୍ଥ୍ୟକୁ ସଠିକ ଭାବେ ସଦ ଉପଯୋଗ କରିପାରିଲେ ଅସାଧ୍ୟ ସାଧନ ହୋଇପାରିବ।



ଏହା ହିଁ ପୁରୁଷାର୍ଥ। ଏହା ହିଁ ଦୈବ ହୋଇ ଆମ ସମ୍ମୁଖରେ ଉଭା ହେବ। ପୁରୁଷାର୍ଥର ଅସୀମ ସାମର୍ଥ୍ୟ। ପୁରୁଷାର୍ଥର ପରାକ୍ରମ ଓ ପବିତ୍ର ପ୍ରଭାବରେ ପୂର୍ବ ନିର୍ଦ୍ଧାରିତ ପ୍ରାରବ୍ଧ କର୍ମଫଳ ମଧ ପ୍ରଭାବିତ ହୋଇପାରିବ। ବେଳେ ବେଳେ ପ୍ରତିହତ ମଧ କରିପାରିବ। ଆମେ ଆମ ଜୀବନ ଯାନର ମଙ୍ଗଳପାକ ହୋଇ ଲକ୍ଷ୍ୟ ସ୍ଥଳରେ ପହଞ୍ଚ ପାରିବା। ସୃଷ୍ଟିର ସମସ୍ତ ବିଭୂତି ପୁରୁଷାର୍ଥର ପରିଣତି।

ଆମର ପ୍ରାକ୍ତନ କର୍ମ ଦୈବ ରୂପରେ ଆମ ସମ୍ମୁଖରେ ଉଭା ହୋଇଥାଏ। ଏହି ପୂର୍ବକୃତ ଶୁଭାଶୁଭ କର୍ମର ଫଳ ଓ କ୍ରିୟମାଣ କର୍ମର ପରିଣତି ହେଉଛି ଆଜିର ସ୍ଥିତି। ଯେତେବେଳେ ଯେଉଁ ଇଚ୍ଛା ମନରେ ଜନ୍ମ ନିଏ, ସେତେବେଳେ ସେହି କର୍ମ ଜୀବନ ଆଚରଣ କରେ। ଆମ ଅନ୍ତରର କାମନା ବାସନା ଶରୀର ମାଧ୍ୟମରେ କର୍ମରୂପେ ପ୍ରକାଶିତ ହୋଇଥାଏ। ତେଣୁ ଆମ ମନୋଭାବ ଓ କର୍ମଭାବ ଅବସ୍ଥାର ଅନ୍ତର ମାତ୍ରା ସମର୍ଥ ମଣିଷ ନିଜର ସାମର୍ଥ୍ୟ ବଳରେ ପୂର୍ବ ଦୁଷ୍କୃତିକୁ ପରିହାର କରି ସୁକୃତିରେ ଶୋଭିତ ହୋଇପାରିବ। ସୁକୃତି ଦୁଷ୍କୃତି, ଶୁଭ ସଂସ୍କାର, ଅଶୁଭ ସଂସ୍କାର ଏହା କର୍ମ ପ୍ରବାହର ଏକ ଏକ ସ୍ଥିତି। ଆମେ ଚାହିଁଲେ ସମ୍ୟକ ଚିନ୍ତନ ଦ୍ୱାରା ଆମ ସ୍ଥିତି ବିଷୟରେ ଜାଣିପାରିବା। ଏହି ସବୁ ମନୋଭାବ ଓ ଅବସ୍ଥାର ନିର୍ଣ୍ଣୟ ପାଇଁ ଆମ ସମ୍ମୁଖରେ ଶାସ୍ତ୍ର ହିଁ ପ୍ରମାଣ। ଶାସ୍ତ୍ର ଅନୁକୂଳ କର୍ମରେ ଯଦି ଆମର ରୁଚି ଅଛି ତେବେ ଜାଣିବାକୁ ହେବ। ଆମ ହୃଦୟ ଶୁଭ ସଂସ୍କାର ଯୁକ୍ତ। ଯଦି ଶାସ୍ତ୍ର ବିରୁଦ୍ଧ ମାର୍ଗରେ ଆମ ବିଭୁ ପ୍ରଧାବିତ ହେଉଛି ତେବେ ଜାଣିବାକୁ ହେବ ମଳିନ ସଂସ୍କାର ବଳବତ୍ତର ଅଛି। ଆମେ ଚାହିଁଲେ ଦୃଢ଼ ଇଚ୍ଛାଶକ୍ତି ବଳରେ ଜୀବନର ଗତି ପରିବର୍ତ୍ତନ କରିପାରିବା। ପୁରୁଷାର୍ଥ ବଳରେ ଅସମ୍ଭବ ସମ୍ଭବ ହୋଇପାରେ। ଶାସ୍ତ୍ର ବାକ୍ୟ, ସନ୍ଥ ଉପଦେଶ, ବିବେକର ବୋଲମାନି ସଦ ଆଚରଣ ଦ୍ୱାରା ସୁସଂସ୍କାରରେ ଜୀବନ କାଟିବାକୁ ସୁଶୋଭିତ କରିଦେଇ ପାରିବା।

ପୁରୁଷାକାର ପ୍ରଗତିର ପ୍ରତୀକ। ଶକ୍ତି ସାମର୍ଥ୍ୟର ଦ୍ୟୋତକ। ଯଦି ତାହା ସହିତ ଅହଂକାର ଯୁକ୍ତ ହୋଇଯାଏ ତେବେ ତାହା ଅନେକ ଅଘଟଣକୁ ଆମନ୍ତ୍ରଣ କରିଥାଏ। ଆମ ପୁରାଣ, ଇତିହାସରେ ବର୍ଣ୍ଣିତ ଅନେକ ଘଟଣା ଏହାର ଜ୍ୱଳନ୍ତ ଉଦାହରଣ। ପୁରାଣ ବର୍ଣ୍ଣିତ ସମସ୍ତ ଦେବାସୁର ଯୁଦ୍ଧ ଏହି ପୁରୁଷାକାର ସହିତ ଅହଂକାରର ସମ୍ପୃକ୍ତି କାରଣରୁ ସଙ୍ଗଠିତ ହୋଇଛି। ଦୁଃଖ ଦୈନ୍ୟରୁ ମୁକ୍ତି ପାଇଁ ଇଚ୍ଛା ହିଁ ମୁମୁକ୍ଷୁଭାବ। ମୁମୁକ୍ଷୁ ବ୍ୟକ୍ତିର ହୃଦୟ ପବିତ୍ର ହେଲେ ହୃଦୟରେ ଆତ୍ମ ଅନୁସନ୍ଧାନ, ଆତ୍ମ ଚିନ୍ତନର ଭାବ ଉଦୟ ହେବା କର୍ମ ଓ ଜ୍ଞାନର ମିଳନରେ ପ୍ରବଳ ପୁରୁଷାର୍ଥ ଦ୍ୱାରା ସଦ୍‌ବୁଦ୍ଧି ସତ୍‌ବିଚାର ସ୍ୱତଃ ହୃଦୟରେ ପ୍ରକଟ ହେବ। ତା’ପରେ ଆତ୍ମକୃପାରୁ ଆତ୍ମଜ୍ଞାନର ସୂର୍ଯ୍ୟ ହୃଦ ଆକାଶରେ ଉଦୟ ହେବେ। ଦ୍ୱୈତ ଭାବ ଦୂର ହୋଇଯିବ। ଅଦ୍ୱୈତର ଆଭାରେ ଏକ ଏକ ଅଦ୍ୱିତୀୟ ସ୍ୱୟଂ ପ୍ରକାଶ ପରମାତ୍ମା ଆତ୍ମସ୍ୱରୂପରେ ପ୍ରକାଶିତ ହେବେ। ପରମ ପ୍ରଶାନ୍ତି, ପରମ ଆନନ୍ଦରେ ସବୁକିଛି ପୁଲକି ଉଠିବ। ଏହା ହେଉଛି ପରିପୂର୍ଣ୍ଣ ଜୀବନର ପରିପୂର୍ତ୍ତି ବା ପରମାନନ୍ଦ ପ୍ରାପ୍ତି।

ହେମନ୍ତ କୁମାର ପରିଡ଼ା, ମାଳତୀ କୁଞ୍ଜ, ପ୍ଲଟ ନଂ-୫୨୬/ଡ଼ି, ସେକ୍ଟର-୧୦, ସିଡିଏ, କଟକ, ଦୂରଭାଷ: ୮୯୧୭୬୭୮୧୫୯/୮୭୬୩୧୦୭୧୨୬

## ଆଜିର ଅନୁଚିନ୍ତା

**ତୁମେ ଅନ୍ୟଠାରୁ ଶିଖୁ ଶିଖୁ, ତୁମଠାରୁ ଅନ୍ୟମାନେ ମଧ ଶିଖିଯିବେ।**

ପାଠକୀୟ ମତାମତ ଓ ପରାମର୍ଶ ‘ପର୍ଯ୍ୟବେକ୍ଷକ’ ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ। ତା’ ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ। ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ।

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଖରାରେ କ୍ଲାସ, ମୌସୁମୀରେ ଛୁଟି !

ହିମାଂଶୁଶେଖର ଆଚାର୍ଯ୍ୟ



ତାତିରେ ସାରା ରାଜ୍ୟ ଜଳୁଛି। ଅଧିକାଂଶ ସହରରେ ତାପମାତ୍ରା ୪୦ଡିଗ୍ରୀ ଉପରେ ଦିନ ୧୦ଟା ବେଳକୁ ଘରୁ ବାହାରିବା କାଠିକରପାଠ। ଘରେ ଗରମ ତ ବାହାରେ ଗୁଳଗୁଳି। ଏଭଳି ସ୍ଥିତିରେ ସ୍କୁଲ ଯିବେ ପିଲା। ଚଳିତ ବର୍ଷ ସରକାରଙ୍କ ନିଷ୍ପତ୍ତି ଅନୁସାରେ ମେ’ ୨ରୁ ଜୁନ୍ ୫ ଯାଏ ସ୍କୁଲରେ କ୍ଲାସ ହେବ ଓ ନୂଆ ଶିକ୍ଷା ବର୍ଷ ଆରମ୍ଭ ହେବ। ୧୦୦ ପ୍ରତିଶତ ସିଲାବସରେ ପିଲା ପାଠପଢିବେ। ଏଥିସହିତ ଏହି ସମୟରେ ଛାତ୍ରଛାତ୍ରୀଙ୍କୁ ଗତ ଦୁଇବର୍ଷର ପୁରୁଣା ପାଠ ପଢାଯିବ। ଏହାପରେ ଜୁନ୍ ୬ରୁ ୧୬ ପର୍ଯ୍ୟନ୍ତ ଖରାଛୁଟି ହେବ। ଅର୍ଥାତ ପ୍ରଚଣ୍ଡ ତାତିରେ ସ୍କୁଲ ଚାଲିବ। ଆଉ ମୌସୁମୀ ଆସିଲା ବେଳକୁ ଖରାଛୁଟି ହେବ। ସ୍କୁଲରେ ସକାଳ ୬ରୁ ୯ଟା ପର୍ଯ୍ୟନ୍ତ କ୍ଲାସ ଚାଲିବ। ଏଥିନେଇ ବିଭିନ୍ନ ମହଲରେ ଭିନ୍ନଭିନ୍ନ ପ୍ରତିକ୍ରିୟା ପ୍ରକାଶ ପାଇଛି। କେତେକ ଏଭଳି ନିଷ୍ପତ୍ତିକୁ ସ୍ୱାଗତ କରିଥିବା ବେଳେ ଅଧିକାଂଶ ଏହାକୁ ନାପସନ୍ଦ କରିଛନ୍ତି। କେତେକ ଶିକ୍ଷାବିତ୍ କହିଛନ୍ତି ଏହାଦ୍ୱାରା ପାଠପଢା ଯାହା ହେଉନା କାହିଁ ପିଲାମାନେ ସ୍କୁଲଘରେ ତାତିରେ ସିଝିବେ। ୟୁଡିଆଇଏସ୍ଇ ତଥ୍ୟ ଅନୁସାରେ ରାଜ୍ୟରେ ୧୮ହଜାରରୁ ଉର୍ଦ୍ଧ୍ୱ ସ୍କୁଲରେ ବିଜୁଳି ସୁବିଧା ନାହିଁ। ଅନ୍ୟପକ୍ଷରେ ଯେଉଁଭଳି ଅଘୋଷିତ ବିଦ୍ୟୁତକାଟ ହେଉଛି ବିଜୁଳି ଥିବା ସ୍କୁଲରେ ବି ବସି ପଢିବା ସମ୍ଭବ ନୁହେଁ। ତେଣୁ ଜୁନ୍ ବଦଳରେ ମେ ମାସରେ ଖରାଛୁଟି ହେବା ଅଧିକ ପ୍ରାସଂଗିକ ମନେହୁଏ। ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟରେ ମଧ ସେଇ ୧୧ଦିନିଆ ଖରାଛୁଟି ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ଏଠାରେ ସୂଚନାଯୋଗ୍ୟ ଯେ, ମହାମାରୀ କରୋନା ଯୋଗୁଁ ଦୁଇବର୍ଷଧରି ସ୍କୁଲ କଲେଜ ବନ୍ଦ ରହିଥିଲା। ପର୍ଯ୍ୟାୟକ୍ରମେ ମହାବିଦ୍ୟାଳୟ ଓ ଉଚ୍ଚ ବିଦ୍ୟାଳୟ ଖୋଲିଲାପରେ ନିକଟରେ ରାଜ୍ୟରେ ପ୍ରଥମରୁ ସପ୍ତମ ପିଲାଙ୍କ ସ୍କୁଲ ଖୋଲିଛି। ସ୍କୁଲ ଖୋଲିବା ପରେ ପିଲାଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ପ୍ରକାଶ ପାଇଥିଲା। ଏପରିକି ନୂଆ ସାଙ୍ଗସାଥୀଙ୍କ ମଧ୍ୟରେ ନିଜକୁ ହଜାଇ ଦେଇଥିଲେ କୁନି କୁନି ପିଲା। ଏଥିପାଇଁ ସ୍କୁଲରେ ସବୁପ୍ରକାର ବ୍ୟବସ୍ଥା ହୋଇଥିଲା। ପ୍ରଥମ ଦିନ ପିଲା ସ୍କୁଲ ଆସିଥିବା ବେଳେ ସେମାନଙ୍କୁ ଶିକ୍ଷକ ଓ ଶିକ୍ଷୟିତ୍ରୀମାନେ ସେମାନଙ୍କୁ ସ୍ୱାଗତ କରିଥିଲେ ଏବଂ ମନୋରଞ୍ଜନଧର୍ମୀ କାର୍ଯ୍ୟକ୍ରମ କରାଯାଇଥିଲା । ଏକ ସପ୍ତାହ ଧରି ଛାତ୍ରଛାତ୍ରୀଙ୍କୁ ସ୍କୁଲ ପାଠ୍ୟକ୍ରମରୁ କିଛି ଶିକ୍ଷା ଦିଆଯାଇ ନ ଥିଲା। ପିଲାଙ୍କ ସହ କୋଭିଡ୍ ୧୯ ସମୟର ଅନୁଭୂତି, ସ୍କୁଲ ବନ୍ଦ ସମୟର ଅନୁଭୂତି, ଖେଳ, ଗପ ଶୁଣାଇବା ତଥା ଅନ୍ୟାନ୍ୟ କ୍ରିଏଟିଭ୍ କାର୍ଯ୍ୟରେ ନିୟୋଜିତ କରାଯାଇଥିଲା। ମୋଟାମୋଟି ଭାବେ ନାଚ, ଗୀତ ଓ ଖେଳ ମାଧ୍ୟମରେ ପିଲାଙ୍କୁ ସ୍କୁଲକୁ ଆସିବା ପାଇଁ ଆଗ୍ରହ ସୃଷ୍ଟି କରାଯାଇଛି । ପୂର୍ବରୁ ମୁଖ୍ୟମନ୍ତ୍ରୀ ଶ୍ରୀ ପଟ୍ଟନାୟକ କହିଥିଲେ ଯେ, ଗତ ଫେବୃଆରୀ ୭ ତାରିଖ ଆମ ସମସ୍ତଙ୍କ ପାଇଁ ଐତିହାସିକ ଦିନ ଥିଲା। ପ୍ରାୟ ଦୁଇବର୍ଷ ପରେ ବିଦ୍ୟାଳୟରେ ଘଣ୍ଟା ବାଜିଲା। ପିଲାମାନେ ବିଦ୍ୟାଳୟ ଗଲେ। ପିଲାମାନଙ୍କୁ ଭୟ ନକରିବାକୁ ପରାମର୍ଶ ଦେଇ ସେ ପୁଣି କହିଥିଲେ ଯେ, ଆମେ ସମସ୍ତେ ତୁମ ସାଥିରେ ଅଛୁ, କିନ୍ତୁ ତୁମକୁ ସତର୍କ ରହିବାକୁ ହେବ। ତୁମେ କରୋନା କଟକଣା ଠିକ୍ ଭାବରେ ପଳନ କରିବ। ପାଠପଢାରେ ଯାହା କିଛି କ୍ଷତି ହୋଇଛି ତାକୁ ପୂରଣ କରିବା ପାଇଁ ଆମେ ଦିନରାତି ପରିଶ୍ରମ କରିବା। ସେହିପରି ଓଡିଶାରେ ଅନେକ ଦିନ ପରେ ସ୍କୁଲ କଲେଜ ଖୋଲିବା ନେଇ ଖୁସିବ୍ୟକ୍ତ କରିଥିଲେ କେନ୍ଦ୍ର ଶିକ୍ଷା, ଦକ୍ଷତା, ଉଦ୍ୟମିତା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କରୋନା ପାଇଁ ଦୁଇବର୍ଷ ହେବ ପିଲାଙ୍କ ପାଠପଢାରେ ଗଭୀର ପ୍ରଭାବ ପଡିଛି। ପୂରାପୂରି ଦୁଇଟି ଶିକ୍ଷାବର୍ଷ ପିଲାଙ୍କର ସମସ୍ୟା ସୃଷ୍ଟି କରିଛି। ୧୧ଦିନର ଗ୍ରୀଷ୍ମ ଛୁଟି ମଧ୍ୟରେ ଶିକ୍ଷକମାନଙ୍କୁ ବ୍ରିଜ କୋର୍ସ ପ୍ରଶିକ୍ଷଣ ଦିଆଯିବ। ଏପ୍ରିଲ ୨୦ରୁ ୩୦ ମଧ୍ୟରେ ପ୍ରଥମରୁ ନବମ ନାମ ଲେଖା ଓ ଏପ୍ରିଲ ୨୦ ସୁଦ୍ଧା ପ୍ରଥମରୁ ଅଷ୍ଟମ ବିଦ୍ୟାର୍ଥୀଙ୍କ ଶ୍ରେଣୀ ଉତ୍ତୀର୍ଣ୍ଣ ଶେଷ ହେବ। ଏଠାରେ ସୂଚନାଯୋଗ୍ୟ ଯେ, ମେ’ ପହିଲାରୁ ନୂତନ ଶିକ୍ଷା ବର୍ଷ ଆରମ୍ଭ ହେବ। ସକାଳୁଆ ପାଠପଢା ଚାଲୁ ରହିବ। ଏଥିପାଇଁ ସମୟ ସାରଣୀ ଅନୁସାରେ ମେ’ ୧ ତାରିଖରୁ ସକାଳ ୬ଟାରୁ ୯ଟା ପର୍ଯ୍ୟନ୍ତ ସ୍କୁଲ ଚାଲିବ। ଜୁନ ୫ ତାରିଖ ପର୍ଯ୍ୟନ୍ତ ଏହି ସମୟରେ ସ୍କୁଲ ଚାଲିବ ବୋଲି ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ କୁହାଯାଇଛି। ଏଥିସହିତ ଉପଯୁକ୍ତ ହିତାଧିକାରୀଙ୍କୁ ରନ୍ଧା ଖାଦ୍ୟ ଦିଆଯିବ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଏଥିରୁ ଜଣାପଡୁଛି ଯେ, ମହାମାରୀ କରୋନା ସମୟରେ ପିଲାଙ୍କର ପାଠପଢାରେ ଯେଉଁ କ୍ଷତି ହେଲା, ତାହା ଭରଣା ହୋଇପାରିନାହିଁ। ଏପରିକି ଅନ୍‌ଲାଇନ ପାଠପଢାର ସୁଯୋଗ ମଧ୍ୟ ସମସ୍ତେ ପାଇପାରିଲେ ନାହିଁ। ଏଇ କଥାକୁ ଶିକ୍ଷା ବିଭାଗ ଗୁରୁତ୍ୱର ସହ ନେଇଛି। ସରକାରଙ୍କ ଏଭଳି ପଦକ୍ଷେପକୁ କିଛି ଶିକ୍ଷାବିତ୍ ଓ ବୁଦ୍ଧିଜୀବୀ ପ୍ରଶଂସା କରୁଛନ୍ତି। ଆଉ କେତେକ ଏଭଳି ପଦକ୍ଷେପକୁ ଶିକ୍ଷକ, ଅଧ୍ୟାପକ ଓ ଶିକ୍ଷକ ସଂଗଠନ ମଧ୍ୟ ଏହାର ବିପକ୍ଷରେ ମତ ଦେଉଛନ୍ତି।

ଏବେ ରାଜ୍ୟରେ ଗ୍ରୀଷ୍ମର ଲହରୀ ଜାରି ରହିଛି। ସବୁଠି ପାରଦ ଉପରମୁହାଁ। ସକାଳ ୮ଟା ବେଳକୁ ଘରୁ ବାହାରିଲେ ମୁହଁ ହାତ ପୋଡିଗଲା ଭଳି ଲାଗୁଛି। ପରିସ୍ଥିତି ଏପରି ହୋଇଛି ଯେ, ବୟସ୍କମାନେ ଘରୁ ବାହାରିବାକୁ ଡରୁଛନ୍ତି। ଏଭଳି ପରିସ୍ଥିତିରେ କୋମଳମତି ପିଲାମାନଙ୍କୁ ସ୍କୁଲ ଯିବାକୁ ପଡିବ ସରକାରୀ ନିୟମ ଅନୁସାରେ, ଅନ୍ୟପଟେ ଅଧିକାଂଶ ସ୍କୁଲରେ ଖରାକୁ ପ୍ରତିହତ କରିବାକୁ ଆବଶ୍ୟକ ଭିତ୍ତିଭୂମି ନାହିଁ। ଏଣୁ ପିଲାଙ୍କୁ କିପରି ସ୍କୁଲ ଛାଡିବେ ସେ ନେଇ ଅଭିଭାବକ ଚିନ୍ତାରେ। ସେହିପରି ଶିକ୍ଷକ ଓ ଅଧ୍ୟାପକଙ୍କ ମନରେ ବି କ୍ଷୋଭ। କାରଣ ସେମାନେ ପ୍ରତିବର୍ଷ ଦେଢମାସରୁ ଉର୍ଦ୍ଧ୍ୱ ସମୟ ଗ୍ରୀଷ୍ମ ଛୁଟି ପାଉଥିଲେ। ଚଳିତ ବର୍ଷ କିନ୍ତୁ ମାତ୍ର ୧୧ ଦିନ ଖରାଛୁଟି ହେବ। ତାହା ପୁଣି ପ୍ରଚଣ୍ଡ ଖରା ହେଉଥିବା ମେ’ ମାସରେ ନୁହେଁ। ଗୋଟିଏ ପଟେ ସରକାର ତାତିରେ ଅଂଶୁଘାତ ପ୍ରତି ସତର୍କ ରହିବାକୁ ନିର୍ଦ୍ଦେଶାବଳୀ ଜାରି କରିଥିବା ବେଳେ ଅନ୍ୟପଟେ ଗଣଶିକ୍ଷା ବିଭାଗର ଏହି ନିଷ୍ପତ୍ତି ବ୍ୟତିକ୍ରମ ପରି ଲାଗୁଛି। ଅନେକ ଶିକ୍ଷକ, ଅଧ୍ୟାପକ ଓ କର୍ମଚାରୀ ନିଜର ଅସନ୍ତୋଷ ପ୍ରକାଶ କରୁଥିବାର ସାମ୍ନାକୁ ଆସୁଛି। ଅନେକ ମଧ୍ୟ ଅନୁରୋଧ କରି ଏ ବାବଦରେ ନିବନ୍ଧଟିଏ ଲେଖିବାକୁ କହିଲେ। କାରଣ ମହାମାରୀ କରୋନା ଯୋଗୁଁ ପାଠପଢାରେ ଅନେକ କ୍ଷତି ହୋଇଛି ଏହା ସତ୍ୟ। କିନ୍ତୁ ‘‘ମା’ ରାଣ ଢିଙ୍କି ଗିଳ’’ ନୀତିରେ ପିଲାମାନେ କିପରି ସ୍କୁଲ ଆସିବେ, ଶିକ୍ଷକ ଓ ଅଧ୍ୟାପକ କିଭଳି ମାନସିକତାରେ ପାଠ ପଢାଇବେ, ଘରେ ଅଭିଭାବକମାନେ ପିଲା ନଆସିବା ଯାକେ କିପରି ସ୍ଥିର ହୋଇ ବସିବେ ତାହା ଅନେକ ପ୍ରଶ୍ନ ସୃଷ୍ଟି କରୁଛି। ଆଉ ଏକ ବିଚିତ୍ର କଥା ହେଉଛି ସରକାରୀ ସ୍କୁଲରେ ବେସରକାରୀ ସ୍କୁଲର ଶିକ୍ଷକମାନେ ପ୍ରଶିକ୍ଷଣ ଦେବେ। ଏହା ସରକାରୀ ସ୍କୁଲର ଶିକ୍ଷକଙ୍କ ମନରେ ହୀନ ମନ୍ୟାତା ସୃଷ୍ଟି କରିବ ନାହିଁ ତ?

ଏଥର ଆସିବା ଆମ ଶିକ୍ଷା ବ୍ୟବସ୍ଥା କଥାକୁ । ରାଜ୍ୟରେ ଶିକ୍ଷାବ୍ୟବସ୍ଥା ଅସଜଡା ହୋଇ ରହିଛି ବର୍ଷ ବର୍ଷ ଧରି। ଫଳରେ କେଉଁଠି ଘର ଅଛି ପିଲା ନାହାନ୍ତି ଆଉ କେଉଁଠି ପିଲା ଅଛନ୍ତି ଘର ନାହିଁ। ପୁଣି ଆଉ କେଉଁଠି ପିଲା ଅଛନ୍ତି, ଘର ଅଛି, କିନ୍ତୁ ଶିକ୍ଷକ ନାହାନ୍ତି। ବେଳେବେଳେ ପରିଲକ୍ଷିତ ହୋଇଥାଏ ଯେ କେଉଁଠି ସାତଟି ଶ୍ରେଣୀକୁ ତିନିଜଣ ଶିକ୍ଷକ ତ’ ଆଉ କେଉଁଠି ପାଞ୍ଚୋଟି ଶ୍ରେଣୀକୁ ଦୁଇ ଜଣ ଶିକ୍ଷକ ରହିଛନ୍ତି। ଖାଲି ସେତିକି ନୁହେଁ ସରକାରୀ ଓ ଅନୁଦାନପ୍ରାପ୍ତ ସ୍କୁଲ କଲେଜରେ ଭିତ୍ତିଭୂମିର ଅଭାବ ରହିଛି। ଏବେ ସ୍କୁଲ ଗୁଡିକ ରୂପାନ୍ତରିକରଣ ଚାଲିଛି। ରଙ୍ଗବେରଙ୍ଗରେ କ୍ୟାମ୍ପସର ପରିସର ଝଲସୁଛି। କିନ୍ତୁ ଆବଶ୍ୟକ ହେଉଥିବା ଶିକ୍ଷକଙ୍କର ଅଭାବ ରହିଛି। ଖାଲି ଥିବା ପଦବୀ ପୂରଣ ହେଉନାହିଁ। ଅନ୍ୟପଟେ ଶିକ୍ଷକମାନଙ୍କୁ ବିଭିନ୍ନ ଅଣଶୈକ୍ଷିକ କାର୍ଯ୍ୟରେ ନିୟୋଜିତ କରାଯାଉଛି। ବିଭିନ୍ନ ପ୍ରଶିକ୍ଷଣ ନାଁରେ ସେମାନଙ୍କୁ ବିନିଯୋଗ କରାଯାଉଛି। ଯାହାକି ସେମାନଙ୍କୁ ମାନସିକ ସ୍ତରରେ ଭାରାକ୍ରାନ୍ତ କରୁଛି। ତା’ପରେ ପୁଣି ଶିକ୍ଷାନୁଷ୍ଠାନ ମାନଙ୍କରେ ରାଜନୈତିକ ହସ୍ତକ୍ଷେପ। କଲେଜ ମାନଙ୍କର କଥା ଆହୁରି ତଦ୍ରୂପ। ଏଠାରେ ମଧ ଅଧ୍ୟାପକ ମାନଙ୍କର ମରୁଡି। ଖାଲିଥିବା ଅଧ୍ୟାପକ ପଦବୀ ମଧ ଠିକ୍ ସମୟରେ ପୂରଣ ହେଉନି। ଗୋଟିଏ ଗୋଟିଏ ବିଭାଗରେ ଚାରି ପାଞ୍ଚଜଣ ଅଧ୍ୟାପକ ବା ଅଧ୍ୟାପିକା ଆବଶ୍ୟକତା ଥିବା ବେଳେ ଜଣେ ବା ଦୁଇଜଣ ଅଧ୍ୟାପକ ବା ଅଧ୍ୟାପିକାଙ୍କ ଦ୍ୱାରା ବିଭାଗ ଚାଲୁଛି। ଏସ୍ଏସ୍‌ବି ଦ୍ୱାରା ନିଯୁକ୍ତି ପାଉଥିବା ଅଧ୍ୟାପକଙ୍କ ସଂଖ୍ୟା ସମୁଦ୍ରକୁ ଶଙ୍ଖେ ପାଣି ସଦୃଶ।

ସାରା ରାଜ୍ୟରେ ଏବେ ହେଉଛି ନିଆଁ ବର୍ଷା। ଟକ ଟକ ଫୁଟୁଛି ସାରା ରାଜ୍ୟ। ଆଭ୍ୟନ୍ତରୀଣ ଓ ଉପକୂଳ ଓଡ଼ିଶାରେ ତାତିରୁ ମିଳୁନି ମୁକ୍ତି। ଏପରିକି ତାତିରେ ସିଝୁଛି ରାଜଧାନୀ। ଏଗାର ବର୍ଷରେ ତୃତୀୟଥର ପାଇଁ ଏପ୍ରିଲ୍‌ରେ ତାପମାତ୍ରା ୪୦୦ ଉପରେ ରହିଛି। ଏପରିସ୍ଥଳେ ଛାତ୍ରଛାତ୍ରୀ ଓ ଶିକ୍ଷକ/ଶିକ୍ଷୟିତ୍ରୀମାନେ କିପରି ସ୍କୁଲ୍‌କୁ ଆସିବେ ତାହା ଏକ ପ୍ରଶ୍ନବାଚୀ ସୃଷ୍ଟି କରିଛି! ସେହିପରି କଲେଜମାନଙ୍କରେ ପୁଣି ବାୟୋମେଟ୍ରିକ ମେସିନ୍ ପୁଣି ପ୍ରଚଳନ କରାଯାଇଛି। ଏପରି ପ୍ରବଳ ତାତିରେ ଅଧ୍ୟାପକ/ଅଧ୍ୟାପିକାମାନେ ୭ଘଣ୍ଟା ରହି କ’ଣ କରିବେ ତାହା ବୁଝାପଡୁନାହିଁ। ଏ ଦିଗରେ ମଧ ଚିନ୍ତା କରିବାର ଅଛି। ଏସବୁ କଥାକୁ ଦୃଷ୍ଟିରେ ରଖି ଖରାଦିନ ଛୁଟି ଅବଧି ନିଷ୍ପତ୍ତିର ପୁନଃବିଚାର ହେବା ଜରୁରୀ ମନେହୁଏ।

*-ଶିକ୍ଷାବିତ୍ ଓ ସ୍ତମ୍ଭକାର, ଜଗତ୍‌ସିଂହପୁର, ମୋ-୯୯୩୭୧୫୧୦୫୨*

# ଛଳନା

**ଆଚରଣ ଓ ଉଚ୍ଚାରଣ**
**ଦାସେ**

ଆଜିର ଯୁଗ ଛଳନାର ଯୁଗ, ଆତ୍ମପ୍ରବଞ୍ଚନାର ଯୁଗ। ଛଳନା ବିଳାସୀମାନେ ଛଳନାଶ୍ରୟୀ। ବାପ ଏଠି ପୁଅ ଆଗେ କରୁଛି ଛଳନା, ପୁଅ ଏଠି ମା’ ଆଗେ ଧରି ବୁଲୁଛି ଛଳନା ଲଳନା। ସମସ୍ତେ ସମସ୍ତଙ୍କ ପାଖେ ଅଭିନୟ କରୁଛନ୍ତି ଛଳନାର। ବିନା ଛଳନା ଓ ପ୍ରତାରଣାରେ ଜୀବନ ନାହିଁ। କିଏ କହିପାରିବ ଛାତିରେ ହାତମାରି ସେ ଛଳନା କରୁନାହିଁ ବୋଲି! ଛଳନାର ଦୁନିଆରେ ସମସ୍ତେ ବଞ୍ଚିରହିଛନ୍ତି ଛଳନାରେ। ଛଳନାର ଘୋଡ଼ାଦୌଡ଼ରେ ପ୍ରାୟ ଆବାଳବୃଦ୍ଧବନିତା ଭାଗ ନେଉଛନ୍ତି। ଛଳନାର ପାହାଚ ଏତେ ସୁଦୂରପ୍ରସାରୀ ଯେ ତାହା ପାଖକୁ ଥରେ ଯିଏ ଯାଇଛି, ସିଏ ଫେରିବାକୁ କଷ୍ଟ ଅନୁଭବ କରୁଛି। ଆଜିକାଲିର ପ୍ରହେଳିକାମୟ ପ୍ରବଞ୍ଚନା ଓ ଛଳନା ହାଟରେ ଛଳନାର ଦାମ୍ ଅଧିକ। କୌଣସି ଏକ କାମ କରି ନିଜର ନାମକୁ ଚାରିଆଡ଼େ କିପରି ଜଣାଇଦେବାକୁ ହେବ, ସେଥିପାଇଁ ଛଳନାତୁର ବ୍ୟକ୍ତିମାନେ ଖବରକାଗଜର ନବକଳେବର ବୃଦ୍ଧି କରନ୍ତି ସମ୍ପାଦକଙ୍କୁ ପଇସା ଦେଇ। ସ୍ତ୍ରୀ ଛଳନା କରୁଛି ଅନ୍ୟ ପ୍ରେମିକ ଥାଇ ସ୍ୱାମୀ ଆଗରେ ସତୀ ସୀତାର! ସ୍ୱାମୀ ମଧ୍ୟ ସେଇ ଏକାପ୍ରକାର ଛଳନା କରୁଛି ସ୍ତ୍ରୀ ଆଗରେ ସତ୍ୟବାନ ସାଜି! ଲେଖକଟିଏ ଛଳନା କରୁଛି ଅନ୍ୟ ବନ୍ଧୁ ଲେଖକଙ୍କ ଆଗରେ ଜଣେ ନାମୀଦାମୀ ଲେଖକ ବୋଲି! ପାଠବିକାଳୀଟିଏ ଛଳନା କରୁଛି ପାଠବିକାଳୀଙ୍କ ଆଗରେ ସବୁ ବିଷୟରେ ପାରଙ୍ଗମ ବୋଲି! ପାଠକିଣାଳୀମାନେ ମଧ୍ୟ ଅଭିଭାବକ ଓ ପାଠବିକାଳୀଙ୍କ ଆଗରେ ଛଳନା କରୁଛନ୍ତି ଭଲ ବାଟରେ ଯାଉଛନ୍ତି ଓ ଭଲ ପଢୁଛନ୍ତି ବୋଲି!

ଏଇ ଦେଖୁନାହାଁନ୍ତି ଦିନେ ଦୁଇଜଣ ଲୋକ ମୋ’ ଦୁଇ ଚକିଆରେ ମୋ’ ସାଙ୍ଗରେ ଆସିଲେ। ପଚାରିଦେଲି ଆପଣମାନେ କ’ଣ କରନ୍ତି। ସେମାନେ ଜଣଙ୍କ ପରେ ଜଣେ ବଖାଣି ବସିଲେ ସେମାନଙ୍କ ବିଷୟରେ। ଦୁଇଜଣଯାକ ମହାପାଠବିକାକେନ୍ଦ୍ରର ପାଠବିକାଳୀ, ସ୍ୱାମୀମାନେ ମଧ୍ୟ ସରକାରୀ କର୍ମଚାରୀ। ସରକାରୀ ଘର ମିଳିଛି ରାଜଧାନୀର ପୁରୁଣା ବସ୍‌ଷ୍ଟାଣ୍ଡ ପାଖେ। ଭୁବନେଶ୍ୱରରେ ଜାଗା କିଣି ଘର କରି ରହୁଛନ୍ତି। ମୋର ଟିକେ ମାଡୁଆ ବା ଜାଣିଶୁଣି ଜିଜ୍ଞାସା କରିବାର ଗୁଣ ଯୋଗୁଁ ପଚାରିଦେଲି-ଆଜ୍ଞା ବକ୍ସି ଜଗବନ୍ଧୁଙ୍କର ସମ୍ପୂର୍ଣ୍ଣ ନାମ କ’ଣ? ଉତ୍ତର ମିଳିଲା-ତାଙ୍କର ସମ୍ପୂର୍ଣ୍ଣ ନାମ ବକ୍ସି ଜଗବନ୍ଧୁ ବିଦ୍ୟାଧର। ବୀର, ପାଇକ ଇତ୍ୟାଦି ମଧ୍ୟ ଲାଗିବ। ଖୋର୍ଦ୍ଧା ଇତିହାସ ଦେଖିଲେ କହିହେବ। ଆଉ ପାଠବିକାଳୀଙ୍କୁ ପଚାରିଲି, ଆଜ୍ଞା ଭାରତୀୟ ସମ୍ବିଧାନର ପ୍ରସ୍ତାବନାର ଓଡ଼ିଆ ଓ ଇଂରାଜୀ ଆପଣଙ୍କର ମୁଖସ୍ଥ ହୋଇଥିବ। ଉତ୍ତର ମିଳିଲା-ଓଡ଼ିଆ କି ଇଂରାଜୀ ମୋର ମନେନାହିଁ। ପଢ଼େଇଲା ବେଳେ (ବହି ଦେଖିକି!) ଏଗୁଡ଼ିକ କେଉଁଠି ଥାଏ କେଜାଣି ବାହାରି ପଡ଼େ!

ହୋଇଥିବ ଆଜ୍ଞା! ଶୁଣାଯାଏ ଜଣେ ଜଣେ ପାଠବିକାଳୀଙ୍କର ଗୁଡ଼ାଖୁ ଟିକେ ଘଷି ଦେଲେ ଅଛିଣ୍ଡା ଅଙ୍କ ବି ଛିଣ୍ଡିଯାଏ। ସିଗାରେଟ୍ ଓ ମଦ ଟିକେ ଶୋଷାଡ଼ି ନେଲେ ମହାପାଠବିକାକେନ୍ଦ୍ରର ପାଠବିକାଳୀଙ୍କର କୁଆଡ଼େ ସବୁ ମନେପଡ଼ିଯାଏ। ଶ୍ରେଣୀ ପ୍ରକୋଷ୍ଠ ଭିତରେ ସଫଳ ଯଦି ସରିଗଲା, ତେବେ ପାଠପଢ଼ାରେ ବିଫଳ ନହେବା ପାଇଁ ସଂଗେ ସଂଗେ ଆଜ୍ଞାଧୀନ ପାଠକିଣାଳୀଙ୍କୁ ପଠାଯାଇ ସଫଳ ଅଣାଯାଇ ସବୁପିଲାଙ୍କ ସମ୍ମୁଖରେ ଏମିତି ଭାବରେ ଖିଆଯାଏ ଯେ ଆଗାମୀ ଦିନରେ ଯେଉଁ ପାଠକିଣାଳୀ ଗୁଟ୍‌ଖା ଖାଇବ ସେ ପାଠକିଣାଳୀ ଏ ପାଠବିକାଳୀଙ୍କୁ ମନେ ମନେ ଦ୍ରୋଣାଚାର୍ଯ୍ୟଙ୍କ ଆସନ ଦେଇ ନିଜେ ନିଜେ ଏକଲବ୍ୟ ପାଲଟିଯିବ!

ଛକରେ ପହଞ୍ଚିଲା ପରେ ସେ ମୋତେ ବୁଝାଇଲେ, ଆଜିକାଲି ଯୁଗ ହେଉଛି ସଂକ୍ଷିପ୍ତର ଯୁଗ। ମୋ’ ପୁଅ ଏବେ ଘୋଷୁଛି ଏ.ପି.ଜେ. ଅବଦୁଲ କଲାମଙ୍କର ସମ୍ପୂର୍ଣ୍ଣ ନାମ। ମୋହନ ଦାସ କରମଚାନ୍ଦ ଗାନ୍ଧୀଙ୍କୁ ଲୋକମାନେ ଗାନ୍ଧୀ କହୁଛନ୍ତି। ଜବାହରଲାଲ୍ ନେହେରୁଙ୍କୁ ନେହେରୁ କହୁଛନ୍ତି। ଲାଲ୍ ବାହାଦୂର ଶାସ୍ତ୍ରୀଙ୍କୁ ଖାଲି ଶାସ୍ତ୍ରୀ କହୁଛନ୍ତି। ତେଣୁ ବକ୍ସି ଜଗବନ୍ଧୁ ହେଉଛି ତାଙ୍କର ସମ୍ପୂର୍ଣ୍ଣ ନାମ। ଆପଣ ଜାଣିନାହାନ୍ତି କି ଭୁବନେଶ୍ୱରରେ ଗୋଟିଏ ମହାବିଦ୍ୟାଳୟ ତାଙ୍କ ନାମରେ ଅଛି ବୋଲି?

ଏଭଳି ପାଠବିକାଳୀମାନେ ଆଜିକାଲି ପ୍ରାୟ ପ୍ରତ୍ୟେକ ନାମୀଦାମୀ ମହାପାଠବିକା କେନ୍ଦ୍ରରେ ଭର୍ତ୍ତି। ପାଠଶାଠ ନାହିଁ, କେବଳ ଫୁଟାଣି, ଛଳନା, ସବୁ ଜାଣିଥିବା ଓ ଆତ୍ମ-ପ୍ରବଞ୍ଚନାରେ ଏମାନେ ବଞ୍ଚିଛନ୍ତି। ଚାଲୁ ଏମିତି କେତେଦିନ ଚାଲୁଛି! ଚାଲୁ ଚାଲୁ ଅଟକି ପଡ଼ିବେ ନିଶ୍ଚୟ। ନା, କ’ଣ କହୁଛନ୍ତି ଆଜ୍ଞା?

# ଅଗ୍ନିଉତ୍ପାତ: କାରଣ ଓ ନିବାରଣ



କୋଉ ପୁରାଣ କାଳରୁ ଚଳି ଆସୁଥିବା କଥାଟି ଏହି ଯେ- ‘ଘୋଡ଼ାଚଢ଼ା ଠାରୁ ସଂପତି ନାହିଁ କି ଘରପୋଡ଼ିଠାରୁ ବିପତି ନାହିଁ ।’ ଏହାର ଅର୍ଥ ଏହି ଯେ- କେବଳ ଧନିକ, ସଂଭ୍ରାନ୍ତ ଓ ରାଜରାଜୁଡ଼ା ବ୍ୟକ୍ତିମାନେ ଘୋଡ଼ା ଚଢୁଥିଲେ। ଘୋଡ଼ା ଥିଲା ଦୁର୍ମୂଲ୍ୟ । ଏଣୁ ସାଧାରଣ ଲୋକେ ଘୋଡ଼ା କିଣିପାରୁ ନଥିଲେ କି ଚଢ଼ି ପାରୁନଥିଲେ । ଇଏ ଏମିତି ଏକ ଯୁଗ ଥିଲା ଯେତେବେଳେ ସାଇକେଲ, ସ୍କୁଟର, କାର୍, ବସ୍, ରେଳଗାଡ଼ି, ପାଣି ଜାହାଜ କି ଉଡ଼ାଜାହାଜ ଇତ୍ୟାଦିର ପ୍ରଚଳନ ନଥିଲା। ସେତେବେଳେ ଜିନିଷ ବା ଯାତ୍ରୀ ପରିବହନ, ଖଚ୍ଚର ପିଠିରେ, ପଣ୍ଡା କି ବଳଦ ଟଣା ଗାଡ଼ିରେ, ଘୋଡ଼ା ପିଠି କି ଘୋଡ଼ାଟଣା ଗାଡ଼ିରେ ଅଥବା ଅନ୍ୟ କୌଣସି ଯାନବାହନ ମାଧ୍ୟମରେ ଚାଲୁଥିଲା । ଘୋଡ଼ା ପିଠି ବା ଘୋଡ଼ାଟଣା ଗାଡ଼ି ଥିଲା ଏକ ବଳିଷ୍ଠ ଓ ଦ୍ରୁତ ପରିବହନ ଏବଂ ଯୋଗାଯୋଗ ମାଧ୍ୟମ।

ସେତେବେଳେ ବିପତି କହିଲେ ଅର୍ଜିତ ରୋଗ ବ୍ୟତୀତ ବନ୍ୟା, ମରୁଡ଼ି ଏବଂ ସେମିତି କିଛି ପ୍ରାକୃତିକ ବିପର୍ଯ୍ୟୟକୁ ବୁଝାଯାଉଥିଲା । ତେବେ ସେମାନଙ୍କ ମଧ୍ୟରେ ଅଗ୍ନ୍ୟୁତ୍ପାତ ସବୁଠାରୁ ଭୟଙ୍କର ଥିଲା ଯାହାକି ନିମିଷକ ମଧ୍ୟରେ ଜନସମାଜର ମନ, ଧନ ଓ ବାସସ୍ଥଳୀକୁ ପାଉଁଶରେ ପରିଣତ କରିଦେଉଥିଲା । ଅନ୍ୟମାନଙ୍କଠାରୁ ଚେଷ୍ଟାକରି ବଂଚି ହେଉଥିଲେ ହେଁ ଅଗ୍ନିଉତ୍ପାତ ପାଖେ ମଣିଷ କାଳେ କାଳେ ହାର ମାନିଛି । ଅଗ୍ନି ଉତ୍ପାତ ବା ବିତ୍ପାତ ଥିଲା ଏବଂ ଏବେ ମଧ୍ୟ ଅଛି ଯାହାକି ସବୁଠାରୁ ଭୟଙ୍କର ବିପତି । ଏଣୁ ଯଥାର୍ଥରେ କୁହାଯାଏ- ଘରପୋଡ଼ି ଠାରୁ ବିପତି ନାହିଁ ।

ଅଗ୍ନିବିତ୍ପାତର ବିଭିନ୍ନ କାରଣମାନ ଅଛି । ନୂଆଁଣିଆ ଚାଳ ଘରେ ରୋଷେଇ କଲେ; ନଡ଼ା ବା ପାଳଗଦା ପାଖରେ ବସି ଧାନ ଉଆଁସିଲେ, ଶୀତ ଦିନେ ଏଠିସେଠି ନିଆଁଜାଳି ଥୋଇଲେ, ଜାନିଯାତ୍ରା ବା ବିବାହ ଉତ୍ସବରେ ରୋଶଣି ଜାଳି ବାଣ ମାରିଲେ ଏବଂ ସେଥିପ୍ରତି ସାମାନ୍ୟ ଅସାବଧାନତା ହେଲେ ନିଆଁ କାରଣରୁ କୋଉଠି ନା କୋଉଠି ହେଲେ ଅଗ୍ନିଉତ୍ପାତ ଘଟେ । ଜଙ୍ଗଲ ପୋଡ଼ି ଉଭୟ ପ୍ରାକୃତିକ ଓ ମଣିଷକୃତ ଅଗ୍ନି ଉତ୍ପାତ । ପ୍ରାକୃତିକ ଉପାୟରେ ଖରାଦିନେ ଗଛକୁ ଗଛ ବା ବାଉଁଶକୁ ବାଉଁଶ ଘଷି ହୋଇ ନିଆଁ ଧରେ ଏବଂ ବନ ଗହନ ଦହନ କରେ। ପୁନଶ୍ଚ ଏହି ବନାଗ୍ନିରୁ ପବନ ଯୋଗେ ନିଆଁ ଡେଇଁ ବନ ମଧ୍ୟସ୍ଥ ଅଥବା ବନ ସଂଲଗ୍ନ ଗାଁ ଗଣ୍ଡା ପୋଡ଼ି ପକାଏ। ବେଳକୁ ଆଦିବାସୀମାନେ ପୋଡୁଚାଷ ପାଇଁ ଜଙ୍ଗଲକୁ ପୋଡ଼ି ପକାନ୍ତି । ଯାହାକି ବନ ସଂପଦର ଅପୂରଣୀୟ କ୍ଷତି କରେ । କଥାରେ କୁହନ୍ତି- ମନ ଓ ବନ ଦହନ ନିଆଁକୁ ଆୟତ କୌଣସି ଯନ୍ତ୍ର ମଧ୍ୟ କାମ କରେ ନାହିଁ ।

କୋଇଲା ଖଣିରେ ଅଥବା କୋଇଲା ଖଣି ନିକଟସ୍ଥ ମହଜୁଦ କୋଇଲା ଗଦାରେ ବେଳେ ବେଳେ ନିଆଁ ଲାଗେ ଯାହାକୁ ଲିଭାଇବା ସହଜ ସମ୍ଭବ ନୁହେଁ। ଏହି କୋଇଲା ଗଦାରେ ସୂର୍ଯ୍ୟକିରଣ ଜନିତ ତାପ ହେତୁ ଏହା ଆପଣା ଛାଏଁ ପ୍ରଜ୍ଜ୍ୱଳନ ତାପମାତ୍ରାରେ ପହଂଚିଯାଏ ଏବଂ ଅମ୍ଳଜାନ ସଂସ୍ପର୍ଶରେ ଆସି ଆପେ ଆପେ ନିଆଁ ଜଳେ । ଏହାକୁ ଲିଭାଇବା ସହଜସାଧ୍ୟ ନୁହେଁ । ଅନେକ ସମୟରେ କିଏ ଘୁମଉଁ ଥିବାର ଦେଖିଲେ ଆମେ କହୁଁ : ‘କିହୋ ସମୁଦ୍ରକୁ ନିଆଁ ଲିଭାଇବାକୁ ଯାଇଥିଲ ଯେ ଢୁଳାଉଛ ? ପାଣିରେ ନିଆଁ କଥାଟି ଅସମ୍ଭବ ହେଲେ ମଧ୍ୟ ସତ୍ୟ । କାରଣ ସମୁଦ୍ରର ନିମ୍ନଭାଗରେ ଥିବା ପେଟ୍ରୋଲିୟମ୍‌ରୁ ଗ୍ୟାସ ନିର୍ଗତ ହୋଇ ଜଳ ପୃଷ୍ଠସ୍ଥ ବାୟୁକୁ ସ୍ପର୍ଶ କଲେ ଅମ୍ଳଜାନ ସଂସ୍ପର୍ଶରେ ଆସି ତାହା ନିଆଁ ଧରେ । ଏମିତି ଯେତେ ସ୍ଥାନରେ ପ୍ରାକୃତିକ ଗ୍ୟାସ୍ ଥାଏ ସେଥି ମଧ୍ୟ ଅଗ୍ନିଉତ୍ପାତ ସମ୍ଭବ ହୋଇଥାଏ।

ପାଣି ଜାହାଜ, ଉଡ଼ାଜାହାଜ, ରେଳଗାଡ଼ି କିମ୍ବା ଅନ୍ୟ କୌଣସି ଯନ୍ତ୍ର ଯେଉଁଥିରେ ଇନ୍ଧନ ଯୋଡ଼ାଯାଇ ଶକ୍ତି ବାହାର କରାଯାଏ ଏବଂ ତହିଁରୁ ଯନ୍ତ୍ର ଚାଲେ ସେଠି ନିଆଁ ଲାଗିବା ମଧ୍ୟ ସତ୍ୟ । ଏବେ ତ ଚାଳଘର, ନଡ଼ାଗଦା କି ପାଳଗଦାରେ ଆଉ ବିଶେଷ ନିଆଁ ଲାଗେ ନାହିଁ। ଗାଁ ଗଣ୍ଡାରେ ଆଉ ଚାଳଘର ଦେଖାଯାଏ ନାହିଁ। କଳକାରଖାନାରେ କୋଇଲା ଦହନରେ ଧାନରୁ ଚାଉଳ ପ୍ରସ୍ତୁତ ହୁଏ । ତେଣୁ ସେଠି ଆଉ ନିଆଁ ଲାଗିବାର ପ୍ରଶ୍ନ ନାହିଁ । ସେମିତି ବିଦ୍ୟୁତ୍ ସଟ୍ ସର୍କିଟ୍‌ରୁ ନିଆଁ ଲାଗେ। ଏହା ଚାଳ ଘର ହେଉ, କୋଠାଘର ହେଉ, କଳକାରଖାନା ହେଉ, ଟିଭି ଅଥବା ମଟର ଇତ୍ୟାଦି ଯାନ୍ତ୍ରିକ ଉପାଦାନରୁ ହେଉ, ରୋଷେଇ ପରିବର୍ତେ ଏବେ ଗ୍ୟାସ୍ ଚୁଲା ଅଥବା ବିଦ୍ୟୁତ୍ ଚୁଲା କିମ୍ବା କିରୋସିନ୍ ଷ୍ଟୋଭ୍ ଦ୍ୱାରା ଭୋଜନ ପ୍ରସ୍ତୁତ ହେଲାଣି । ଏସବୁ ଟାଙ୍କି ଫାଟୁଛି କିମ୍ବା ଗ୍ୟାସ୍ ବର୍ହିଗତ ହୋଇ ନିଆଁ ଧରୁଛି । ବିଜ୍ଞାନଗାରରେ ମଧ୍ୟ ଅଗ୍ନି ଉଦ୍‌ଗୀରଣରୁ ବିସ୍ଫୋରଣ ଘଟୁଛି । ଏହା ଧଳା ଫସ୍‌ଫରସ୍ ଜନିତ ଅସାବାଧାନତା ଲକ୍ଷଣ କାରଣରୁ ବା ରସାୟନ ବିଜ୍ଞାନର ପରୀକ୍ଷଣ ସଂକ୍ରାନ୍ତୀୟ ବିସ୍ଫୋରଣରୁ ହୋଇପାରେ । ତହିଁକୁ ବଳାଏ ଅଟମ୍ ବା ହାଇଡ୍ରୋଜେନ୍ ବିସ୍ଫୋରଣ ଏବଂ ବିଭିନ୍ନ ପ୍ରକାର ମାରଣାସ୍ତ୍ରର ବ୍ୟବହାର, ଉତ୍‌କ୍ଷେପଣ, ପରୀକ୍ଷଣ ଇତ୍ୟାଦି । ରେଳଗାଡ଼ି, ଉଡ଼ାଜାହାଜ ଏବଂ ପାଣିଜାହାଜ ଏମିତିକି ଆକାଶକୁ ପଠାଯାଉଥିବା ରକେଟ୍ ଇତ୍ୟାଦିରେ ନିଆଁ ଲାଗିବା ଏକ ସାଧାରଣ ଘଟଣା। ଏହିପରି ନିଆଁ ଲାଗିବାର ବିବିଧ କାରଣ ରହିଛି।

ସମୟ କ୍ରମେଅଗ୍ନି ନିବାରଣାର୍ଥେ ବିଭିନ୍ନ ପଦକ୍ଷେପ ନିଆଯାଇଛି । ଏବେକୁ ନାନା କଳ, ବଳ, ବୈଜ୍ଞାନିକ ଉପାୟମାନ ବାହାରିଲାଣି । ଏମିତିରେ ତ ଅଗ୍ନି ନିର୍ବାପକ ଯନ୍ତ୍ର ଯାହାକି ଗାଡ଼ି, ମଟର ଏବଂ ପ୍ରେକ୍ଷାଳୟ ତଥା ଛୋଟ ଛୋଟ କଳକାରଖାନା ଅଥବା ଅଗ୍ନିର ସମ୍ଭାବ୍ୟ କାରଣ ଥିବା ଜାଗା ମାନଙ୍କରେ ଗଚ୍ଛିତ ଥାଏ ଏବଂ ସମୟ ଅନୁସାରେ କାମରେ ଲାଗେ । ବଡ଼ ଆକାରରେ ଯେଉଁସବୁ ଯନ୍ତ୍ର ବାହାରିଛି ତାହାକୁ ଦମକଳ ବା ନିଆଁଲିଭା ଯନ୍ତ୍ର ବୋଲି କୁହାଯାଏ। ଏହି ଯନ୍ତ୍ରର ନାମ ଭିନ୍ନ ଅର୍ଥରେ ଅଗ୍ନିଶମ କଳ । ‘ଅଗ୍ନିଶମ’ ଅର୍ଥାତ୍ ନିଆଁଲିଭା ବା ନିବାରଣ କଳ । ଏହି ଦମକଳ ଗୁଡ଼ିକ ଅଗ୍ନିଶମ କାର୍ଯ୍ୟାଳୟରେ ଜରୁରୀକାଳୀନ ଅଥବା ଆପତ୍‌କାଳୀନ ସେବା ପାଇଁ ୨୪ ଘଂଟିଆ ମହଜୁଦ୍ ଥାଏ । ଏବଂ ସାମାନ୍ୟ ବାର୍ତାଟିଏ ପାଇଲେ ଏହା ଅଗ୍ନି ନିବାରଣ ପାଇଁ ତତ୍‌ପର ହୋଇଉଠେ । ବିଦ୍ୟୁତ୍ ସଟ୍ ସର୍କିଟ୍ ଯୋଗେ ଅଗ୍ନିଉତ୍ପାତ ହେଲେ, ସେଠି ଏକ ପ୍ରକାର ରାସାୟନିକ ଫେଣ ବ୍ୟବହାର କରାଯାଏ । ଯାହାକୁ କୁହାଯାଏ ରାସାୟନିକ ଦମନ । ବିଭିନ୍ନ ପ୍ରକାର ଅଗ୍ନି ଉତ୍ପାତ ପାଇଁ ଭିନ୍ନ ଭିନ୍ନ ପ୍ରକାର କଳ ବା ଯନ୍ତ୍ର ବ୍ୟବହାର କରାଯାଏ । ସେହିପରି ବ୍ୟବହାରିକ ସ୍ତରରେ ଯେତେସବୁ ଆମେ ଯନ୍ତ୍ରପାତି ବ୍ୟବହାର କରେ, ସେଥିପ୍ରତି କିପରି ସତର୍କ ରହିବ, ତାହା ଦର୍ଶାଇ ପୁସ୍ତକମାନ ମଧ୍ୟ ଦିଆଯାଇଥାଏ । ଅଥଚ ଆମର ସେଥିପ୍ରତି ଦୃଷ୍ଟି ରୁହେନା ।

ଯେତେପ୍ରକାର ପ୍ରଳୟଙ୍କରୀ ଶକ୍ତି ପୃଥିବୀରେ ଅଛି, ସେମାନଙ୍କୁ ମଣିଷର ସେବାରେ ଶାନ୍ତିପୂର୍ଣ୍ଣ ବିନିଯୋଗ କରାଯାଇପାରିବ । ଯଦି ସେଗୁଡ଼ିକ ଲଗାମଛଡ଼ା କରି ଛାଡ଼ି ଦିଆନଯାଏ ଏବଂ ଲଗାମ ଲଗାଇ ଇଚ୍ଛାମତେ କାର୍ଯ୍ୟରେ ବ୍ୟବହାର କରାଯାଏ, ଏଥିପାଇଁ ନିଜକୁ ସମ୍ଭାଳି ଶିଖିଲେ ଅଗ୍ନିପରି ଅଣାୟତକୁ ମଧ୍ୟ ଆୟତ କରିହେବ ।

ତେବେ ଅଗ୍ନି ଉତ୍ପାତରୁ ରକ୍ଷାପାଇବାକୁ ହେଲେ କେତେକ ପ୍ରତିଷେଧକ ବା ନିରାକରଣ ବ୍ୟବସ୍ଥା ଅବଲମ୍ବନ କରିବାକୁ ହେବ। ମୋଟ୍ ଉପରେ ସତର୍କତା, ସାବଧାନତା ଓ ଲୋକସଚେତନତତା ଜରୁରତ୍ ଅଛି ।

ସଂପ୍ରତି ସରକାରୀ ସ୍ତରରେ ଅଗ୍ନିଶମ ସେବା ବ୍ୟବସ୍ଥା ଅଛି । ସରକାର ଅଗ୍ନିବିତ୍ପାତ ସମୟରେ ଆବଶ୍ୟକୀୟ ସହଯୋଗ ଦେବା ପାଇଁ ପ୍ରସ୍ତୁତ । ଅଗ୍ନିଶମ ବିଭାଗ ଯେ କେବଳ ଖାଲି ନିଆଁ ଲିଭାଏ ଏକଥା ନୁହେଁ । ଏହା ବିଶେଷ କରି ଅଗ୍ନି, ଜଳ ଅଥବା ସେମିତି କିଛି ନିଖୋଜ ମାମଲାରେ ବ୍ୟାପୃତ ଥାନ୍ତି । ସେମାନେ ନିଆଁପାଣିରୁ ଜୀବନରକ୍ଷକ । ସେମାନଙ୍କର ଦାୟିତ୍ୱ ହେଉଛି ବିପଦପୂର୍ଣ୍ଣ । ଜୀବନକୁ ବାଜି ରଖି ସେମାନେ କାହା ପାଇଁ ହେଲେ ଲାଗିପଡ଼ନ୍ତି । ଏଣୁ ସେମାନେ ବିପଦର ବନ୍ଧୁ । ଏହି ଦୃଷ୍ଟିରୁ ପ୍ରତିବର୍ଷ ମେ ୪ ତାରିଖକୁ ଅଗ୍ନିଶମ ସେବା ଦିବସ ରୂପେ ପାଳନ କରାଯାଏ। ଆମର କର୍ତବ୍ୟ ଏହି ଯେ ଆମେ ସେମାନଙ୍କୁ ସାହାଯ୍ୟ କରିବା ଉଚିତ୍ ଏବଂ ଅଗ୍ନିଉତ୍ପାତ ସମୟରେ ସେମାନଙ୍କ ପାଖରେ ସର୍ବଜନ ଜ୍ଞାତ ସଂଖ୍ୟା ସାହାଯ୍ୟରେ ସୂରାକ ଦେବା ଉଚିତ୍ । ତାହାହେଲେ ଆମେ ତୁରନ୍ତ ସହଯୋଗର ହାତ ସେମାନଙ୍କଠାରୁ ପାଇପାରିବା ।

ଅଗ୍ନି ହିଁ ଦେବତା, ଅଗ୍ନିରୁ ସବୁକିଛି ସୃଷ୍ଟି ବୋଲି ଶାସ୍ତ୍ର କହେ ଏବଂ ଅଗ୍ନି ମଧ୍ୟ ହିଙ୍ଗୁଳା ସାଜି ସଂହାରଲୀଳା ସୃଷ୍ଟି କରିପାରେ । ଏଣୁ ଆସନ୍ତୁ ଅଗ୍ନିର ଶରଣ ପଶିବା, ତାକୁ ମାନିବା ଓ ମନାଇବା।

**ବିପିନବିହାରୀ ମହାନ୍ତି**, ଅଧ୍ୟକ୍ଷ, ଓଡ଼ିଶା ଭାଷା ସଂରକ୍ଷଣ ଓ ଗବେଷଣା ପ୍ରତିଷ୍ଠାନ, ବିପିନବିହାରୀ ପାଠାଗାର,ବିକାଶ ନଗର, ଜଟଣୀ, ମୋ-୯୯୩୮୩୪୪୧୩୮




# କରୋନା ସଂକ୍ରମଣ ରୋକିବା ଲାଗି ବାୟୋମେଡିକାଲ୍ ବର୍ଜ୍ୟବସ୍ତୁର ପରିଚାଳନା ଉପରେ ଜାତିସଂଘର ସଂସ୍ଥା "ୟୁନିଡୋ'ର ଗୁରୁତ୍ୱ

ଭୁବନେଶ୍ୱର: କରୋନା ସଂକ୍ରମଣକୁ ରୋକିବାକୁ ହେଲେ ବାୟୋ ମେଡିକାଲ୍ ବର୍ଜ୍ୟବସ୍ତୁର ସଠିକ୍ ପରିଚାଳନା କରିବା ଜରୁରୀ। ଏହା ଉପରେ ଗମ୍ଭୀରତାର ସହ ବିଚାର କରି ଗୁରୁତ୍ୱ ଦେବାକୁ ପଡ଼ିବ ବୋଲି ୟୁନାଇଟେଡ୍ ନେସନ୍ସ ଇଣ୍ଡଷ୍ଟ୍ରିଆଲ୍ ଡେଭେଲପ୍‌ମେଂଟ୍ ଅର୍ଗାନାଇଜେସନ୍ (ୟୁନିଡୋ)ର ପ୍ରତିନିଧି ଡକ୍ଟର ରେନେ ଭାନ୍ ବର୍କେଲ୍ କହିଛନ୍ତି। ଅଣ ଲାଭଦାୟକ ସଂସ୍ଥା କମ୍ୟୁନେଟି ପକ୍ଷରୁ ରମୈୟାହ ମେଡିକାଲ୍ କଲେଜ ଓ ୟୁନିଡୋ ଭାରତ ସହଯୋଗରେ ଆୟୋଜନ କରାଯାଇଥିବା ଏକ ୱେବିନାରରେ ଅଂଶଗ୍ରହଣ କରି ସେ କହିଛନ୍ତି ଯେ ପୂର୍ବାପେକ୍ଷା ଆମକୁ ବାୟୋ ମେଡିକାଲ୍‌ର ବର୍ଜ୍ୟ ପରିଚାଳନା ଉପରେ ଅଧିକ ଗୁରୁତ୍ୱ ଦେବାକୁ ପଡ଼ିବ। ଏହା ଦ୍ୱାରା ହିଁ କରୋନା ସଂକ୍ରମଣକୁ ରୋକାଯାଇପରିବ। ଭାରତର ପାଂଚଟି ରାଜ୍ୟ କର୍ଣ୍ଣାଟକ, ପଂଜାବ, ଓଡ଼ିଶା, ମହାରାଷ୍ଟ୍ର ଓ ଗୁଜରାଟର ୧୬୦ରୁ ଅଧିକ ହସ୍ପିଟାଲ୍‌ରେ ମେଡିକାଲ୍ ବର୍ଜ୍ୟର ପରିଚାଳନା କରିବା ଲାଗି ପରିବେଶ ମିତବ୍ୟୟୀ ପଦ୍ଧତି ଓ ବ୍ୟବସ୍ଥା ବିକଶିତ କରିବା ଏବଂ କାର୍ଯ୍ୟକାରୀ କରିବା ଉପରେ ୟୁନିଡୋ କାର୍ଯ୍ୟ କରୁଛି। କୋଭିଡ୍-୧୯ ସଂକ୍ରମଣ ପରଠାରୁ ଏହି ପଦକ୍ଷେପ ଗ୍ରହଣ କରାଯିବା ଯୋଗୁଁ କୋଭିଡ୍-୧୯ ସଂକ୍ରମଣକୁ ସମ୍ପୂର୍ଣ୍ଣ ରୋକାଯାଇପାରିଛି। ପରାମର୍ଶ ଭିତିକ ଭିଡିଓ, ପେସାଦାର ତାଲିମ, ବିକାଶ ଏବଂ ସ୍ୱତନ୍ତ୍ର କୋଭିଡ୍-୧୯ ଭିତିକ ନିୟମ ପ୍ରଣୟନ, ବର୍ଜ୍ୟବସ୍ତୁ ପରିଚାଳନା କରୁଥିବା ଯୋଗାଣକାରୀଙ୍କୁ ଚିହ୍ନଟ ଓ ପ୍ରସାର ଆଦି ଜରିଆରେ ବର୍ଜ୍ୟବସ୍ତୁକୁ ନିୟନ୍ତ୍ରଣରେ ରଖାଯାଇଥିବା ବେଳେ ତାହାର ପୃଥକୀକରଣ କରିବା ପାଇଁ ବିବିଧ ବ୍ୟବସ୍ଥା ଗ୍ରହଣ କରାଯାଇଛି। ବାରାଣାସୀର ସ୍ୱଚ୍ଛତା କର୍ମୀ ତେମସୁତୁଲା ଇମସଙ୍ଗ ଏହି ୱେବିନାରରେ ଅଂଶଗ୍ରହଣ କରି ଗୋଷ୍ଠୀ ସହଯୋଗିତା ଜରିଆରେ ବାରାଣାସୀ ଘାଟର ସଫେଇ ଅନୁଭୂତି ବର୍ଣ୍ଣନା କରିଥିଲେ। ଜୈବ ମେଡିକାଲ୍ ବର୍ଜ୍ୟ ପରିଚାଳନାରେ ହସ୍ପିଟାଲ୍‌ଗୁଡ଼ିକ କିଭଳି ପ୍ରମୁଖ ଭୂମିକା ଗ୍ରହଣ କରିପାରିବେ ତାହା ସେ ଜଣାଇଥିଲେ। ଏହି ୱେବିନାରରେ ରାଜ୍ୟ ପଦୂଷଣ ନିୟନ୍ତ୍ରଣ ବୋର୍ଡଗୁଡ଼ିକର ପ୍ରତିନିଧି ଅଂଶଗ୍ରହଣ କରି ନିଜ ଅନୁଭୂତି ବର୍ଣ୍ଣନା କରିଥିଲେ।

# ଘଂଟିଗୁଡ଼ା ଠାରେ ସଡ଼କ ଦୁର୍ଘଟଣା, ଚିକିତ୍ସାଧୀନ ଅବସ୍ଥାରେ ଯୁବକ ମୃତ୍ୟୁ

ନୂଆପଡ଼ା, (ପି.ଏନ): ନୂଆପଡ଼ା ଜିଲ୍ଲା ସିନାପାଲି ଘଂଟିଗୁଡ଼ା ନିକଟସ୍ଥ ଗ୍ରାମରେ ସଡ଼କ ଦୁର୍ଘଟଣା, ଯୁବକ ଜଣକ ଗୁରୁତ୍ୱର ଆହତ ହୋଇଥିଲେ। ତାଙ୍କୁ ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଚିକିତ୍ସା ପରେ ନୂଆପଡ଼ା ସ୍ଥାନାନ୍ତର ପରେ ମୃତ୍ୟୁ ହୋଇଅଛି। ଅପରପକ୍ଷେ ପରିବାର ଲୋକେ ଏହାକୁ ଯୋଜନାବଦ୍ଧ ହତ୍ୟାକାଣ୍ଡ ବୋଲି ଅଭିଯୋଗ କରିଛନ୍ତି। ତାଙ୍କୁ ଘରୁ ଡାକି ଆଣି ହତ୍ୟାକୁ ଦୁର୍ଘଟଣାର ରୂପ ଦେଇଥିବା ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲି ଏକ ହତ୍ୟା ମାମଲା ରୁଜୁ ହୋଇଅଛି। ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ଘଟଣା ଜଣାପଡ଼ିବ ବୋଲି ଏସ୍‌ଡିପିଓ ସନ୍ତକ ଜେନା ପ୍ରକାଶ କରିଛନ୍ତି। ସିନାପାଲି ପୋଲିସ ଘଟଣାର ତଦନ୍ତ କରୁଛନ୍ତି। କାପସି ଗ୍ରାମର ଥିବ ତାଣ୍ଡିଙ୍କ ପୁଅ ତୁଳରାମ ତାଣ୍ଡି ଡାକି ନେଇ ଦ୍ରୌପଦୀ କଲେଜ ଅଧକ୍ଷଙ୍କ ଘରେ ମଦ ପିଇଥିଲେ। ହତିବନ୍ଧା ପଟେ ଯାଉଥିବାବେଳେ ତୁଳାରାମଙ୍କ ଘଂଟିଗୁଡ଼ା ଗ୍ରାମ ଠାରେ ଦୁର୍ଘଟଣା ହୋଇଥିବା ନବୀନ ମେହେରଙ୍କୁ ଫୋନ ଆସିଥିଲା। ପରିବାର ଲୋକେ ଖୋଜାଖୋଜି କରିବା ପରେ ଘଟଣା ସ୍ଥଳରେ ତୁଳାରାମକୁ ଅଚେତ ଅବସ୍ଥାରେ ପରିବାର ଲୋକେ ଉଦ୍ଧାର କରିଥିଲେ। ପ୍ରାଥମିକ ଚିକିତ୍ସା ସିନାପାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ତାଙ୍କୁ ତୁରନ୍ତ ନୂଆପଡ଼ା ସ୍ଥାନାନ୍ତର କରିଥିଲେ।

# ସାମସଙ୍ଗ ଇଣ୍ଡିଆର ସବୁଠାରୁ ବଡ଼ ପାର୍ବଣ ଅଫର ରିୱାର୍ଡ଼ ଇୟୋରସେଲ୍ଫର ଶୁଭାରମ୍ଭ

ଭୁବନେଶ୍ୱର: ଭାରତର ଅଗ୍ରଣୀ ଇଲେକ୍ଟ୍ରୋନିକ୍ସ ଏବଂ ସ୍ମାର୍ଟଫୋନ୍ ବ୍ରାଣ୍ଡ, ସାମସଙ୍ଗ ପକ୍ଷରୁ ଚଳିତ ପାର୍ବଣକୁ ଆହୁରି ଅଧିକ ଆକର୍ଷଣୀୟ କରିବା ପାଇଁ 'ରିୱାର୍ଡ ଇୟୋରସେଲ୍ଫ' ଅଭିଯାନର ଶୁଭାରମ୍ଭ କରାଯାଇଛି। 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ସହିତ, ଗ୍ରାହକମାନେ ଏଚଡ଼ିଏଫସି କ୍ରେଡ଼ିଟ କାର୍ଡ଼ ଏବଂ ଡ଼େବିଟ କାର୍ଡ଼ ଏବଂ ଏସବିଆଇ କ୍ରେଡ଼ିଟ କାର୍ଡ଼ ଉପରେ ୧୦% କ୍ୟାଶବ୍ୟାକ ପାଇବା ସହିତ ଆକର୍ଷଣୀୟ ବଣ୍ଡଲ ଅଫର ଏବଂ ସାମସଙ୍ଗର ବିସ୍ତୃତ ସ୍ମାର୍ଟଫୋନ୍ ଶୃଙ୍ଖଳ, ଓୟେରେବୁଲସ ଏବଂ ଟାବଲେଟ ଇତ୍ୟାଦି ପାଇବାର ସୁବିଧା ରହିଛି। ଏହି ପରିପ୍ରେକ୍ଷୀରେ ସାମସଙ୍ଗ ଇଣ୍ଡିଆର ମୋବାଇଲ ବିଜନେସର, ବରିଷ୍ଠ ଉପାଧକ୍ଷ, ଶ୍ରୀ ମୋହନଦୀପ୍ ସିଂ କହିଛନ୍ତି ଯେ, "ପାର୍ବଣ ସମୟରେ ଆମର ଗ୍ରାହକ ମାନଙ୍କ ଉତ୍ସାହକୁ ଆହୁରି ବୃଦ୍ଧି କରିବା ପାଇଁ, ଆମ୍ଭେମାନେ ଆମର ଅଫର ଗୁଡ଼ିକରେ କ୍ୟାଶବ୍ୟାକ, ସର୍ବନିମ୍ନ ମାସିକ କିସ୍ତି ଏବଂ ଅନ୍ୟ ଆକର୍ଷଣୀୟ ଯୋଜନାମାନ ନେଇଆସିଛୁ।" ସାମସଙ୍ଗର 'ରିୱାର୍ଡ଼ ଇୟୋରସେଲ୍ଫ' ଅଭିଯାନ ଅନେକ ଗୁଡ଼ିଏ ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟାରବୁଲସ ଉପରେ ଉପଲବ୍ଧ ଥିବାବେଳେ, ଏହି ପାର୍ବଣ ସମୟରେ ଗାଲାକ୍ସି ଡ଼ିଭାଇସ କ୍ରୟ କରୁଥିବା ପ୍ରତ୍ୟେକ ଗ୍ରାହକଙ୍କ ପାଇଁ ସୁନିଶ୍ଚିତ ପୁରସ୍କାର ନେଇଆସିଛି। ଏହି ଅଫରରେ ୪୯୯୯ ଟଙ୍କାରୁ ୧୦୪୯୯୯ଟଙ୍କା ମଧ୍ୟରେ ରହିଥିବା କେତେକ ବଛାବଛା ସ୍ମାର୍ଟଫୋନ୍, ଟାବଲେଟ ଏବଂ ଓୟେରେବୁଲସ ଉପରେ ଏଚଡ଼ିଏଫସି ବ୍ୟାଙ୍କ କାର୍ଡ଼ରେ ୧୦% କ୍ୟାଶବ୍ୟାକ ସୁବିଧା ରହିଛି। ଏହି ଅଫର ଅକ୍ଟୋବର ୧୫ ରୁ ଅକ୍ଟୋବର ୨୭, ୨୦୨୦ ପର୍ଯ୍ୟନ୍ତ ବୈଧ। ୪୯୯୯ଟଙ୍କାରୁ ୪୭୯୯୯ଟଙ୍କାର ସମସ୍ତ ଗାଲାକ୍ସି ସ୍ମାର୍ଟଫୋନ୍ ଏବଂ ବଛାବଛା ଟାବଲେଟ ଏବଂ ଓୟେରବୁଲସରେ ଏସବିଆଇ କ୍ରେଡ଼ିଟ କାର୍ଡ଼ରେ ୧୦% କ୍ୟାଶବ୍ୟାକ ଉପଲବ୍ଧ। ଏହି ଅଫର ଅକ୍ଟୋବର ୨୮ ରୁ ନଭେମ୍ବର ୧୭, ୨୦୨୦ ପର୍ଯ୍ୟନ୍ତ ବୈଧ।ଗାଲାକ୍ସି ନୋଟ ୨୦ କ୍ରୟ କରୁଥିବା ଗ୍ରାହକମାନେ ତୁରନ୍ତ ୧୦,୦୦୦ ଟଙ୍କାର କ୍ୟାଶବ୍ୟାକ ପାଇପାରିବେ। ଏହି ଅଫର ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫, ୨୦୨୦ ପର୍ଯ୍ୟନ୍ତ ବୈଧ। ଗାଲାକ୍ସି ଏ ସିରିଜ ଏବଂ ସମସ୍ତ ଫ୍ଲାଗସିପ୍ ଡ଼ିଭାଇସ ଉପରେ ଗ୍ରାହକମାନେ ନୋ କଷ୍ଟ୍ ଇଏମଆଇ ସହିତ ଜିରୋ ଡ଼ାଉନପେମେଂଟ ସୁବିଧା ପାଇପାରିବେ। ଗ୍ରାହକମାନେ ୧୩,୦୦୦ ଟଙ୍କା ପର୍ଯ୍ୟନ୍ତର ଅପଗ୍ରେଡ଼ ବୋନସ ପାଇପାରିବା ସହିତ ଚଳିତବର୍ଷ ଅକ୍ଟୋବର ୧୬ ରୁ ଅକ୍ଟୋବର ୨୫ ପର୍ଯ୍ୟନ୍ତ ଗାଲାକ୍ସି ନୋଟ୨୦ ଅଲଟ୍ରା କ୍ରୟରେ ୭୦୦୦ ଟଙ୍କା ମୁଲ୍ୟର ସାମସଙ୍ଗ ଭାଉଚର ପାଇପାରିବେ। ଗ୍ରାହକମାନେ ଏହି ଭଳି ଆହୁରି ଅନେକ ଆକର୍ଷଣୀୟ ଅଫରକୁ ଉପଭୋଗ କରିପାରିବେ। ଏହି ପାର୍ବଣ ଅଫରଗୁଡ଼ିକ ଅଗ୍ରଣୀ ରିଟେଲ ଷ୍ଟୋର ଏବଂ ସାମସଙ୍ଗ ଡ଼ଟ କମରେ କ୍ରୟ ଉପରେ ଉପଲବ୍ଧ।

# ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟରେ ନୂଆ ଉଦାହରଣ ସୃଷ୍ଟି କରାଯାଇଛି

ଭୁବନେଶ୍ୱର: ନିର୍ମାଣ ଯନ୍ତ୍ରାଂଶ, ହେଭି ଯନ୍ତ୍ରାଂଶ କ୍ଷେତ୍ରରେ ବିଭିନ୍ନ ଉତ୍ପାଦ ଉପଲବ୍ଧ କରାଉଥିବା ସାନୀ ଇଣ୍ଡିଆ ପକ୍ଷରୁ ମହାମାରୀ ସଙ୍କଟ ସମୟରେ ଏକ ନୂଆ ଉଦାହରଣ ସୃଷ୍ଟି କରାଯାଇଛି। କମ୍ପାନୀ ପକ୍ଷରୁ ଏହାର ସମସ୍ତ ୩୫ ଡିଲରଙ୍କୁ ସାମ୍ପ୍ରତିକ ଆହ୍ୱାନମୂଳକ ସମୟରେ ବହୁବିଧ ଆବଶ୍ୟକ ସହାୟତା ଯୋଗାଇ ଦିଆଯାଇଛି। କ୍ରେଡ଼ିଟ୍ ସମୟସୀମାକୁ କମ୍ପାନୀ ପକ୍ଷରୁ ବର୍ଦ୍ଧିତ କରାଯାଇଛି। ଏହି ସୁବିଧା ସମସ୍ତ ନିର୍ମାଣ ଯନ୍ତ୍ରାଂଶ ଏବଂ ସ୍ପେୟାର ପାର୍ଟସ୍ ପାଇଁ ଉପଲବ୍ଧ ହେଉଛି। ସେହିପରି ଗ୍ରାହକଙ୍କ ୱାରେଟିଂ ସମୟକୁ ମଧ ବଢ଼ାଇ ଦିଆଯାଇଛି। କମ୍ପାନୀରେ କାର୍ଯ୍ୟ କରୁଥିବା ୧୧୦୦ରୁ ଅଧିକ କର୍ମଚାରୀଙ୍କୁ ଦରମା ସହାୟତା ମଧ ଯୋଗାଇ ଦିଆଯାଇଛି। ଭାରତ ଏବଂ ଦକ୍ଷିଣ ଏସିଆରେ ଥିବା ଏହାର ପେ ରୋଲ୍ କର୍ମଚାରୀଙ୍କ ପାଇଁ ଏହି ସୁବିଧା ଲାଗୁ ହୋଇଛି। ଡିଲରଙ୍କୁ ଯୋଗାଇ ଦିଆଯାଇଥିବା ସହାୟତା ଯୋଗୁ ୩ ପ୍ରକାର ଲାଭ ମିଳି ପାରିଛି। ଡିଲରମାନେ ସେମାନଙ୍କର ମାନବସମ୍ବଳର ଉପଯୋଗ କରିପାରିଛନ୍ତି। ସେହିପରି ବ୍ୟବସାୟିକ ଧାରାକୁ ବଜାୟ ରଖିବା ସହିତ ବଜାର ଖୋଲିବା ପରେ ପୁଣି ସୁବିଧାରେ କାରବାର ଆରମ୍ଭ କରିପାରିଛନ୍ତି। ଏହି ଯୋଜନାବଦ୍ଧ ରଣନୀତି ଦ୍ୱାରା କମ୍ପାନୀ ୨୦୧୯ ତୁଳନାରେ ଲକ୍‌ଡାଉନ୍ ହଟିବା ପରେ ଗତ ୨ମାସ ଅଗଷ୍ଟ ଏବଂ ସେପ୍ଟେମ୍ବର ମଧ୍ୟରେ ବ୍ୟବସାୟ ବୃଦ୍ଧିରେ ଅଗ୍ରଗତି କରିପାରିଛି। କମ୍ପାନୀର ଏକ୍ସାଭେଟର ମାର୍କେଟ ଶେୟାର ୧୪.୫ ପ୍ରତିଶତରେ ପହଂଚିଛି। ଏହାର ଅଭିବୃଦ୍ଧି ହାର ୧୫ ପ୍ରତିଶତ ରହିଛି। ସେହିପରି କ୍ରାୱଲ କ୍ରେନ୍‌ର ମାର୍କେଟ ଶେୟାର ୪୫ ପ୍ରତିଶତ ଥିବାବେଳେ ଏହାର ଅଭିବୃଦ୍ଧି ହାର ୮୦ ପ୍ରତିଶତ ରହିଛି। ଟ୍ରକ୍ କେନ୍‌ର ମାର୍କେଟ ଶେୟାର ୭୦ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୧୦ ପ୍ରତିଶତ ଛୁଇଁଛି। ପିଲିଂ ରିଙ୍ଗ୍‌ର ମାର୍କେଟଶେୟାର ୭୫ ପ୍ରତିଶତ ଥିବାବେଳେ ଏହାର ବୃଦ୍ଧି ହାର ୨୪ ପ୍ରତିଶତ ରହିଛି। ମୋଟୋର ଗ୍ରେଡ୍‌ର ମାର୍କେଟ ଶେୟାର ୧୧ ପ୍ରତିଶତ ଥିବାବେଳେ ଏହା ଅଭିବୃଦ୍ଧି ହାର ୧୦ ପ୍ରତିଶତ ରହିଛି। ସାନୀ ଇଣ୍ଡିଆ ଡିଲରମାନଙ୍କୁ ସବୁବେଳେ ଏହାର କାରବାର ବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ ଭାବେ ବିବେଚନା କରିଥାଏ। କମ୍ପାନୀର ପଦକ୍ଷେପ ଯୋଗୁ ଡିଲରମାନଙ୍କୁ ଆବଶ୍ୟକ ଆର୍ଥିକ ସହାୟତା ମିଳିପାରିଛି। ଏହି ଅବସରରେ ସାନୀ ଗ୍ରୁପ୍‌ର ଭାରତ ତଥା ଦକ୍ଷିଣ ଏସିଆ ମୁଖ୍ୟ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଦୀପକ ଗର୍ଗ କହିଲେ, " ଆମେ ଆର୍ଥିକ ସହାୟତାକୁ ଉପଯୁକ୍ତ ମାର୍ଗରେ ପରିଚାଳିତ କରିପାରିଛୁ। ଏହାଦ୍ୱାରା ଡିଲରମାନେ ବିଶେଷ ଉପକୃତ ହୋଇପାରିଛନ୍ତି। ମହାମାରୀ ସଙ୍କଟ ସମୟରେ ସହାୟତା ଯୋଗୁ ଡିଲରମାନେ ସେମାନଙ୍କ କାରବାରକୁ ବନ୍ଦ ନ କରି ଜାରି ରଖିପାରିଛନ୍ତି। କୋଭିଡ୍ ସଙ୍କଟ ଆମମାନଙ୍କୁ ଅସୁବିଧା ସମୟରେ କିଭଳି ସହାୟତା ଦ୍ୱାରା କାରବାର ବୃଦ୍ଧି କରାଯାଇ ପାରିବ ତାହାର ଏକ ଗୁରୁତ୍ୱପୂର୍ଣ୍ଣ ଶିକ୍ଷା ଦେଇଛି। ମହାମାରୀ ସଙ୍କଟ ସମୟରେ ପୃଥିବୀର ବହୁ କମ୍ପାନୀ ସେମାନଙ୍କର କର୍ମଚାରୀଙ୍କୁ ଛଟେଇ କରିବା ଆରମ୍ଭ କରିଥିଲେ। ଏପରିସ୍ଥଳେ ସାନୀ ଇଣ୍ଡିଆ ପଦୋନ୍ନତି ଏବଂ ଦରମା ବୃଦ୍ଧି କରିଥିଲା। କମ୍ପାନୀର ଏଭଳି ଦୂର ଦୃଷ୍ଟି ସମ୍ପନ୍ନ ଆର୍ଥିକ ନୀତିର ସକାରାତ୍ମକ ପ୍ରଭାବ ଏହାର ଆର୍ ଆଣ୍ଡ ଡି ଉପରେ ଅନୁଭୁତ ହୋଇଛି। ଲକ୍‌ଡାଉନ୍ ସମୟରେ ଗ୍ରାହକ ଏବଂ ଫାଇନାନ୍ସର,ମଲ୍ଟିପୁଲ ଟ୍ରେନିଂ ଏବଂ ଡେଭଲପମେଂଟ୍ କାର୍ଯ୍ୟ ଆଦି ସମ୍ପନ୍ନ ହୋଇପାରିଛି।

# କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା

ନୂଆପଡ଼ା,(ପି.ଏନ): ନୂଆପଡ଼ା ଜିଲ୍ଲା ଖଡ଼ିଆଳ ସ୍ଥିତ ଲୋକଦୃଷ୍ଟି ଅଡିଟରିୟମ ପରିସର ମଧ୍ୟରେ କଳାହାଣ୍ଡି ବିକାଶ ପରିଷଦ ପକ୍ଷରୁ କଳାହାଣ୍ଡି ଆଦିବାସୀ ପରମ୍ପରାର ସୁରକ୍ଷା ନେଇ କର୍ମଶାଳା ଅନୁଷ୍ଠିତ ହୋଇଯାଇଅଛି। ଏହି କର୍ମଶାଳାକୁ ଡ଼ଃ. ସୁନୀତି ମୁଣ୍ଡ ଅଧକ୍ଷତା କରିଥିବାବେଳେ ମୁଖ୍ୟଅତିଥି ରୂପେ ଡ଼ଃ. ମହେନ୍ଦ୍ର ମିଶ୍ର ଯୋଗଦେଇ ଆଦିବାସୀ ପରମ୍ପରାର ଅନେକ ବିଷୟ ଲୋପ ପାଇବାରେ ବସୁଅଛି। କ୍ଷୁଦ୍ର ସଶ୍ୟ ଉତ୍ପାଦନ ଆଦିବାସୀଙ୍କ ଜୀବନଶାଳୀର ଏକ ଅଙ୍ଗ ଥିବାବେଳେ ଏହାକୁ ଲୋପ କରିଥିଲେ। ବର୍ତ୍ତମାନ ପୁଣି ମିଲେଟ ମିଶନ କାର୍ଯ୍ୟ ହାତକୁ ନେଇଛନ୍ତି। ପ୍ରକୃତିକୁ ବଂଚାଇବା ପାଇଁ ଆଦିବାସୀ ଯାହା କରିଅଛି ଭୂମିକା, ବୈଜ୍ଞାନିକ ମଧ ତାହା କରିପାରିବେ ନାହିଁ। ଆଜି କର୍ମଶାଳାରେ ହଜି ଯାଉଥିବା ଜ୍ଞାନ ଏବଂ ଲୁଚି ଯାଉଥିବା ଭାଷାର ସୁରକ୍ଷା ଏବଂ ପୁନଃଉଦ୍ଧାର କରିବା ନେଇ କର୍ମଶାଳା ଅନୁଷ୍ଠିତ ଅଟେ।

# ନିଶାନ୍ ଇଣ୍ଡିଆ ପକ୍ଷରୁ ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ବି-ଏସ୍‌ୟୁଭି ଉନ୍ମୋଚିତ

ଭୁବନେଶ୍ୱର: 'ମେକ୍ ଇନ୍ ଇଣ୍ଡିଆ, ମେକ୍ ଫର୍ ୱାର୍ଲ୍ଡ' ଦର୍ଶନ ଉପରେ ନିର୍ମିତ ନିଶାନ ଇଣ୍ଡିଆ ଏହାର ବହୁ ପ୍ରତିକ୍ଷୀତ ବି-ଏସ୍‌ୟୁଭି ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍‌କୁ ଉନ୍ମୋଚନ କରିଛି। ନିଶାନ୍-ନେସ୍ କନ୍‌ସେପ୍ଟର ଏକ ବାସ୍ତବ ପ୍ରତିଫଳନ ନୂଆ ନିଶାନ୍ ମାଗ୍ନାଇଟ୍‌କୁ ଏକ ଭର୍ଚୁଆଲ ଇଭେଂଟ୍ ଜରିଆରେ ସମଗ୍ର ବିଶ୍ୱର ଦର୍ଶକଙ୍କ ପାଇଁ ଉନ୍ମୋଚିତ କରାଯାଇଥିଲା। ଏସମ୍ପର୍କରେ ନିଶାନ ମୋଟର ଇଣ୍ଡିଆର ଅଧକ୍ଷ, ସିନାନ୍ ଓଜକୋକ୍ କହିଛନ୍ତିଯେ, "ଅଲ୍-ନ୍ୟୁ ନିଶାନ୍ ମାଗ୍ନାଇଟ୍ ଆମର ନିଶାନ୍ ନେକ୍ସଟ୍ ରଣନୀତି କ୍ଷେତ୍ରରେ ଏକ ପ୍ରମୁଖ ଭୂମିକା ଗ୍ରହଣ କରୁଛି ଏବଂ ଏକ ଗ୍ରାହକ କୈନ୍ଦ୍ରିକ ସଂସ୍ଥା ଭାବେ ଭାରତୀୟ ବଜାର ପାଇଁ ନିଶାନ୍‌ର ଅବିସ୍ମରଣୀୟ ପ୍ରତିଶ୍ରୁତିର ପ୍ରତିନିଧିତ୍ୱ କରୁଛି। ଏହି କାର୍ ସମୃଦ୍ଧ ଅଭିଜ୍ଞତା ପାଇଁ ଆକର୍ଷଣୀୟ ଉତ୍ପାଦ ଡେଲିଭର କରିବା ଲାଗି ଆମେ କରୁଥିବା ସବୁକିଛିର କେନ୍ଦ୍ରରେ ଗ୍ରାହକଙ୍କୁ ରଖିବା ନେଇ ଆମର ବ୍ରାଣ୍ଡ ଫିଲୋସୋଫିକୁ ଦୋହରାଉଛି।" ଅଲ୍-ନ୍ୟୁ ନିଶାନ ମାଗ୍ନାଇଟ୍ ହେଉଛି ନିରନ୍ତର ଉଦ୍ଭାବନ, ଅତ୍ୟାଧୁନିକ ଟେକ୍ନୋଲୋଜି ଓ ଜାପାନିଜ୍ ଇଞ୍ଜିନିୟରିଙ୍ଗ୍‌ର ନିଶାନର ଗ୍ଲୋବାଲ ଏସ୍‌ୟୁଭି ଡିଏନ୍‌ଏର ଏକ ପ୍ରମାଣ। ଏଥିରେ ନିଶାନ୍ ଇଂଟେଲିଜେଂଟ୍ ମୋବିଲିଟି (ଏନ୍‌ଆଇଏମ୍) ର ଅଂଶ ଭାବେ ନୂତନ ଟେକ୍ନୋଲୋଜି ଏବଂ ଯାନଗୁଡିକୁ କିଭଳି ସମାଜ ସହ ପାରିଚାଳିତ, ଡ୍ରାଇଭେନ୍ ଓ ଇଂଟିଗ୍ରେଟେଡ୍ କରାଯିବ ତାହାକୁ ନେଇ କମ୍ପାନୀର ଆଭିମୁଖ୍ୟ ସାମିଲ ରହିଛି।

# ଇଣ୍ଡିଆନ ଟେରେନ୍ ଏକ ଫେୟାରଟ୍ରେଡ କ୍ୟାପ୍‌ସୁଲ ସହିତ ହାଇ ଷ୍ଟ୍ରିଟ ଫେସନ୍‌ରେ ନିରନ୍ତରତାର ଅଗ୍ରଣୀ ସାଜିଛି

ଭୁବନେଶ୍ୱର : ବିଗତ ବର୍ଷଗୁଡ଼ିକରେ ନିରନ୍ତର ଏବଂ ଦାୟିତ୍ୱ ସଂପନ୍ନ ଗ୍ରାହକମାନେ ବ୍ରାଣ୍ଡଗୁଡ଼ିକୁ ସେମାନଙ୍କ ଯୋଗାଣ ଶୃଙ୍ଖଳାରେ ସ୍ୱଚ୍ଛତା ଓ ନିରନ୍ତରତା ପ୍ରଦର୍ଶନ କରିବା ଲାଗି ଉତ୍ସାହିତ କରୁଛନ୍ତି। ଗ୍ରାହକମାନଙ୍କୁ ଶ୍ରେଷ୍ଠ ଗୁଣାତ୍ମକ ମାନର ଉତ୍ପାଦ ଯୋଗାଇବା ନେଇ ୨୦ ବର୍ଷର ପ୍ରତିବଦ୍ଧତାକୁ ଦୋହରାଇ ଓ ଏକ ସୁଦୃଢ଼ ଜାତୀୟ ବ୍ରାଣ୍ଡ ସୃଷ୍ଟି କରିବା ଲାଗି ଦେଶର ଆହ୍ୱାନ ଅନୁସାରେ ଭାରତର ଅଗ୍ରଣୀ ପୁରୁଷ ପରିଧାନ ଓ ଶିଶୁ ପରିଧାନ ବ୍ରାଣ୍ଡ ଇଣ୍ଡିଆନ ଟିରେନ୍ ପକ୍ଷରୁ ପରିବେଶର ସୁରକ୍ଷା ଓ ଗୁଜରାଟର ଫେୟାରଟ୍ରେଡ ଋଷୀଙ୍କୁ ସଶକ୍ତ କରିବା ଲାଗି ଏକ ସ୍ୱତନ୍ତ୍ର ନିରନ୍ତର ଫେସନ ପୋଷାକ ବର୍ଗ (ସଷ୍ଟେନେବଲ ଫେସନ୍ ଲାଇନ୍) ସୃଷ୍ଟି କରିବା ପାଇଁ ଫେୟାରଟ୍ରେଡ ଇଣ୍ଡିଆ ସହ ହାତ ମିଳାଯାଇଛି। ଫେସନ୍‌ର ସାମାଜିକ ଓ ପରିବେଶ ଉପସ୍ଥିତି ବୃଦ୍ଧି ପାଉଥିବାରୁ ପରିବର୍ତନକୁ ଆଗକୁ ବଢ଼ାଇବା ବ୍ରାଣ୍ଡ ଲାଗି ଅଧିକ ଗୁରୁତ୍ୱପୂର୍ଣ୍ଣ ହୋଇପଡ଼ିଛି। ନିରନ୍ତର ଫେସନ୍‌କୁ ମୁଖ୍ୟସ୍ରୋତରେ ପରିଣତ କରିବା ଲାଗି ଇଣ୍ଡିଆନ ଟେରେନ୍ ଏହାର ଭୂମିକାକୁ ସ୍ୱୀକୃତି ଦେଇଛି। ଏହି ଦିଗରେ ପଦକ୍ଷେପ ସ୍ୱରୂପ ଏକ ଫାୟାରଟ୍ରେଡ କ୍ୟାପସୁଲ ଉନ୍ମୋଚନ କରିବା ଲାଗି ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡ ହେବାକୁ କଂପାନି ପ୍ରତିବଦ୍ଧ। ଇଣ୍ଡିଆନ ଟେରେନ୍‌ର ଫେୟାରଟ୍ରେଡ ଲେବଲ ଥିବା ସମ୍ଭାର/ କ୍ୟାପସୁଲର ଅର୍ଥ ହେଉଛି ସମ୍ଭାର/କ୍ୟାପସୁଲ ତିଆରି କରିଥିବା କ୍ଷେତ ଓ କାରଖାନାଗୁଡ଼ିକରେ ସାମାଜିକ ଓ ପରିବେଶ ନିରନ୍ତରତା ମାନକକୁ ପାଳନ କରାଯାଇଛି। ଏହାର ଅର୍ଥ ହେଉଛି-ଋଷୀମାନେ ଉତ୍ପାଦିତ ସାମଗ୍ରୀ ପାଇଁ ଉଚିତ ମୂଲ୍ୟ ପାଇଛନ୍ତି, କେଣସି ହାନିକାରକ କିଟନାଶକ ବ୍ୟବହାର କରାଯାଇନାହିଁ, ଶିଶୁ ଶ୍ରମିକ ନିଷିଦ୍ଧ କରାଯାଇଛି ଏବଂ ଏହି ପୋଷାକଗୁଡ଼ିକ ତିଆରି ବେଳେ ପରିବେଶକୁ ସୁରକ୍ଷା ଦିଆଯାଇଛି। ଏହି ସହଯୋଗିତା ସଂପର୍କରେ ଶ୍ରୀଯୁକ୍ତ ଚରଥ ନରସିମହନ୍, ପରିଋଳନା ନିର୍ଦ୍ଦେଶକ, ଇଣ୍ଡିଆନ ଟେରେନ୍ ଫେସନସ୍ ଲିମିଟେଡ କହିଛନ୍ତି ଯେ, ଝକ୍ତଙ୍କକ୍ସଶ୍ବ;ଯେଉଁ ଫେସନ୍‌ର ଦୁନିଆକୁ ଆମେ ଜାଣିଥିଲୁ ତାହା ଉଦୀୟମାନ ହୋଇଛି ଏବଂ ବର୍ତମାନ ତାହା ଅଧିକ ପରିବେଶ ସଚେତନ ହୋଇପଡ଼ିଛି। ଏକ ଅଧିକ ନିରନ୍ତର ଜୀବନଯାପନ ଶୈଳୀକୁ ଗ୍ରହଣ କରିବା ବିଷୟରେ ଗ୍ରାହକମାନଙ୍କ ମଧ୍ୟରେ ଆଲୋଚନା ବଢ଼ିଛି। ଫେୟାରଟ୍ରେଡ ସହିତ ଆମର ସହଯୋଗିତା ଜରିଆରେ ବିଶ୍ୱାସ, ନିରନ୍ତରତା ଏବଂ ଗୁଣାତ୍ମକ ମାନକୁ ନେଇ ବୃଦ୍ଧି ପାଉଥିବା ଆବଶ୍ୟକତାକୁ ପୂରଣ କରିବା ପାଇଁ ନିରନ୍ତରତା ଦିଗରେ ଏହା ହେଉଛି ଅନ୍ୟତମ ପଦକ୍ଷେପ, ତେଣୁ ଭାରତର ପ୍ରଥମ ହାଇ ଷ୍ଟ୍ରିଟ ବ୍ରାଣ୍ଡରେ ପରିଣତ ହୋଇଛୁ ଯାହା ଗୁଜରାଟର ସୁରେନ୍ଦ୍ରନଗର ଜିଲ୍ଲାରୁ ଋଷୀଙ୍କ ଠାରୁ ଫେୟାରଟ୍ରେଡ କଟନ୍ ସଂଗ୍ରହ କରି ସ୍ୱତନ୍ତ୍ର ଉତ୍ପାଦ ବର୍ଗ ତିଆରି କରୁଛି। ସେ ଆହୁରି କହିଛନ୍ତି ଯେ, ଆଗକୁ ଫେୟାରଟ୍ରେଡ କଟନ୍, ରିସାଇକଲଡ କଟନ୍, ରିସାଇକଲଡ ପଲିଷ୍ଟର ଏବଂ ଅର୍ଗାନିକ ଓ ପ୍ରାକୃତିକ ଫାଇବର ଯଥା ବାଉଁଶ, ହେମ୍ପ ଯାହାକୁ ଆସନ୍ତା ତିନି ବର୍ଷ ଭିତରେ ସଚେତନ ଭାବେ ଏବଂ ନିରନ୍ତରତାର ସହ ସଂଗ୍ରହ କରାଯାଇଥିବ ତାହାକୁ ବ୍ୟବହାର କରି ସମଗ୍ର ପୋର୍ଟଫୋଲିଓର ୫୦ ପ୍ରତିଶତରୁ ଅଧିକ ଉତ୍ପାଦ ଉତ୍ପାଦନ କରିବାକୁ ଆମେ ଋହୁଁଛୁ। ଆମେ ସାର୍ଟିଫାଏଡ ଯୋଗାଣକାରୀଙ୍କ ସହ କାର୍ଯ୍ୟ କରିବୁ ଏବଂ ବ୍ୟବହାର ହେଉଥିବା କଂଋମାଲ କେଉଁଠାରେ ମିଳୁଛି ତାହା ଗୁରୁତ୍ୱାରୋପ କରି ଆମର ଲକ୍ଷ୍ୟ ସହିତ ଯୋଗାଣ ଶୃଙ୍ଖଳ ସହଯୋଗୀମାନଙ୍କୁ ଜଡ଼ିତ କରିବା ନିଶ୍ଚିତ କରିବୁ। ଜୈବ ବିଘଟିତ ପ୍ୟାକେଜିଂ ଏବଂ ଉତ୍ପାଦ ବଂଟନ ଜରିଆରେ ଅନ୍ୟାନ୍ୟ ପ୍ରକ୍ରିୟା ପର୍ଯ୍ୟନ୍ତ ମଧ ଆମେ ନିରନ୍ତରତାକୁ ସଂପ୍ରସାରିତ କରିବୁ। ଫେୟାରଟ୍ରେଡ ଇଣ୍ଡିଆ ସହଯୋଗିତାରେ ଇଣ୍ଡିଆନ ଟେରେନ୍‌ର ନୂଆ ସମ୍ଭାର ସବୁଠୁ ଫେସନେବଲ ପୋଷାକ ସହିତ ଦାୟିତ୍ୱବାନ ଷ୍ଟାଇଲର ଭାବ ପ୍ରଦାନ କରୁଛି। ସ୍ୱତନ୍ତ୍ର ଗ୍ରାଫିକ ପ୍ରିଂଟର ବିବିଧତା, ସଲିଡ ଓ ପାଷ୍ଟେଲ ରଙ୍ଗ ମିଶ୍ରଣର ବର୍ଗ ସହିତ ଇଣ୍ଡିଆନ ଟେରେନ୍ ପୋଷାକର ଆରାମ ଏହି ପୋଷାକକୁ ନିଶ୍ଚିତ ଦରକାରରେ ପରିଣତ କରିଛି। ଏହି କ୍ୟାପସୁଲ ସମ୍ଭାର ବର୍ତମାନ ପ୍ରଦାନ କରୁଛି ଟି;ର ସମ୍ଭାର ଯେଉଁଥିରେ ପୁରୁଷ ଓ ବାଳକଙ୍କ ପାଇଁ କ୍ରୁ ନେକ୍ ଟି-ସାର୍ଟ ରହିଛି ଏବଂ ଟି-ସାର୍ଟ ବ୍ୟତୀତ ସାର୍ଟ ଏବଂ ଟ୍ରାଉଜର ଆଦକି ନେଇ ଏକ ବୃହତ ସମ୍ଭାର ପର୍ଯ୍ୟନ୍ତ ଏହାକୁ ଆହୁରି ସଂପ୍ରସାରିତ କରାଯିବ। ପୁନଶ୍ଚ, ଗ୍ରାହକମାନେ ଇଣ୍ଡିଆନ ଟେରେନ୍ ଫେୟାରଟ୍ରେଡ ସମ୍ଭାରରୁ ଯେତେ ଅଧିକ ଉତ୍ପାଦ କିଣିବେ ଋଷୀ ସଂଗଠନଗୁଡ଼ିକ ସେତେ ଅଧିକ ପରିମାଣର ଫେୟାରଟ୍ରେଡ ପ୍ରିମିୟମ ପାଇପାରିବେ। ନିରନ୍ତରତା ଆପଣଙ୍କୁ ଭଲ ଅନୁଭୂତି ପ୍ରଦାନ କରିବ। ଅଭିଶେଷ ଜାନି, ସିଇଓ, ଫେୟାରଟ୍ରେଡ ଇଣ୍ଡିଆ କହିଛନ୍ତି ଯେ, ବିଶ୍ୱ ଫେସନ୍ ଶିଳ୍ପ କୋଭିଡ-୧୯ର ପ୍ରଭାବ ଦେଇ ଗତି କରୁଥିବା ବେଳେ ନିରନ୍ତରତାର ପ୍ରସାର ପାଇଁ ଇଣ୍ଡିଆନ ଟେରେନ୍ ବଳିଷ୍ଠ ପଦକ୍ଷେପ ଗ୍ରହଣ କରିଛି। ସେମାନଙ୍କ ଫେୟାରଟ୍ରେଡ ସମ୍ଭାର ଉନ୍ମୋଚନ ସହିତ ଇଣ୍ଡିଆନ ଟେରେନ୍ କେବଳ ଏହି ଗ୍ରହ ଓ ଯୋଗାଣ ଶୃଙ୍ଖଳର ସମ୍ବେଦନଶୀଳ ଗୋଷ୍ଠୀ ପ୍ରତି ଗଭୀର ପ୍ରତିବଦ୍ଧତା ପ୍ରଦର୍ଶନ କରିନାହିଁ ବରଂ ଭାରତୀୟ କପା ଋଷିଙ୍କୁ ସେମାନଙ୍କ ଉତ୍ପାଦ ପାଇଁ ଏକ ବଜାର ପ୍ରଦାନ କରିବା ସହ ସେମାନଙ୍କୁ ଉଚିତ ମୂଲ୍ୟ ପ୍ରଦାନ ପାଇଁ ପ୍ରତିବଦ୍ଧତାକୁ ଦୋହରାଇଛି। ଫେସନ୍ ଶିଳ୍ପରେ ପରିଋଳିତ ହେଉଥିବା ବ୍ରାଣ୍ଡ ଓ ବ୍ୟବସାୟଗୁଡ଼ିକୁ ପ୍ରଦୂଷଣ ଓ ଶୋଷଣ ଚକ୍ରରେ ସେମାନଙ୍କ ଭୂମିକାକୁ ମାନ୍ୟତା ଦେବାକୁ ପଡ଼ିବ କିମ୍ବା ସକାରାତ୍ମକ ପରିବର୍ତନ ଓ ସାମାଜିକ ସଶକ୍ତୀକରଣର ବାର୍ତାବହ ହେବାକୁ ପଡ଼ିବ। ଇଣ୍ଡିଆନ ଟେରେନ୍ ଭଳି ଏକ ବଡ଼ ବ୍ରାଣ୍ଡ ପକ୍ଷରୁ ଶ୍ରେଷ୍ଠ ନିରନ୍ତରତାର ପ୍ରତିବଦ୍ଧତା

# କୋଟାକ ମ୍ୟୁଚୁଆଲ ଫଣ୍ଡ୍ ଶୁଭାରମ୍ଭ କଲା ଡିଜିଟାଲ ପ୍ରଚାର ଅଭିଯାନ

ମୁମ୍ବଇ : "ଲକ୍‌ଡାଉନ ପରବର୍ତ୍ତୀ ସମୟରେ ଆପଣ କ'ଣ କରିବେ?" ଉପଭୋକ୍ତାଙ୍କର ଏହି ମାନସିକତା ପ୍ରତି ଦୃଷ୍ଟିଦେଇ କୋଟାକ ମହିନ୍ଦ୍ରା ଆସେଟ୍ ମ୍ୟାନେଜମେଝକ୍ଷଶ୍ବ; କମ୍ପାନୀ (କୋଟାକ ମ୍ୟୁଚୁଆଲ ଫଣ୍ଡ) ତାହାର ଡିଜିଟାଲ ପ୍ରଚାରର ଅଭିଯାନ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା'(ଶୁଭାରମ୍ଭ ସମ୍ପର୍କରେ ଘୋଷଣା କରିଛି- ଯାହାର ଅର୍ଥ ସ୍ୱପ୍ନରେ କଦାପି ଲକ୍‌ଡାଉନ ହୋଇପାରିବ ନାହିଁ। କୋଟାକ ମହିନ୍ଦ୍ରାର 'ଲେଟ୍‌ସ ପ୍ଲାନ' ଶିକ୍ଷାଭିତିକ ଅନ୍‌ଲାଇନ ପ୍ଲାଟଫର୍ମ ଜରିଆରେ ପ୍ରଚଳନ କରାଯାଇଥିବା ଏହି ପ୍ରଚାର ଅଭିଯାନଦ ସ୍ୱପ୍ନକୁ ସାକାର କରିବା ପାଇଁ ନିୟମିତ ସଞ୍ଚୟ ଏବଂ ନିବେଶ କରିବାର ଗୁରୁତ୍ୱ ଉପରେ ଆଲୋକପାତ କରୁଛି। ବିଷୟବସ୍ତୁ ଏବଂ ଏକ ସହଜରେ ବୁଝିହେଉଥିବା ହିସାବ ସହାୟତାରେ ଏହି ଅଭିଯାନ ଉପଭୋକ୍ତାଙ୍କୁ ଅନ୍ତରୀଣ ଜଟିଳ ସମୟରେ ଉପଯୁକ୍ତ ମାର୍ଗରେ ଅଗ୍ରସର ହେବା ଏବଂ ସେମାନଙ୍କର ଆର୍ଥିକ ଯାତ୍ରାରେ ସଠିକ ପଥରେ ପରିଚାଳିତ ହୋଇ ସେମାନେ ହାସଲ କରିବାକୁ ଚାହୁଁଥିବା ଆର୍ଥିକ ଲକ୍ଷ୍ୟ ହାସଲରେ ସହାୟତା କରୁଛି। ଚାକିରୀ ଅଥବା ଜୀବିକା ଉପାର୍ଜନ ଉତ୍ସ ହରାଇବା ପରେ, ସାମ୍ପ୍ରତିକ ଦୃଶ୍ୟପଟ୍ଟରେ ଏସଆଇପିକୁ ବନ୍ଦ ରଖିବା ଅଥବା ଜାରି ରଖିବା, ସୀମିତ ବେତନ ମଧ୍ୟରେ କିଭଳି ଖର୍ଚ୍ଚ ଓ ପୁଞ୍ଜିନିବେଶକୁ ପରିଚାଳନା କରିବା ଆଦିକୁ ନେଇ ଜୀବନ ସହିତ କିଭଳି ଆଗକୁ ବଢିବାକୁ ହେବ ସେ ସମ୍ପର୍କିତ ଅନେକ ପ୍ରାସଙ୍ଗିକ ପ୍ରଶ୍ନର ଉତ୍ତର ଏହାର ବିଷୟବସ୍ତୁରେ ରହିଛି। ବିବିଧ ଡିଜିଟାଲ ମାଧ୍ୟମରେ ପ୍ରସାରିତ ହେବାକୁ ଥିବା ଏହି ପ୍ରଚାର ଅଭିଯାନର ଭିଡିଓରେ ଜୀବନର ବିଭିନ୍ନ କ୍ଷେତ୍ରରୁ ଉପଭୋକ୍ତାଙ୍କର ଆଶା ଆକାଙ୍କ୍ଷା ପ୍ରଦର୍ଶିତ ହୋଇଛି ଏବଂ 'ଲେଟ୍‌ସ ପ୍ଲାନ୍' କିଭଳି ଜନସାଧାରଣଙ୍କ ସ୍ୱପ୍ନକୁ ସୋପାନ ପରେ ସୋପାନ ସାକାର କରିବାରେ ସହାୟକ ହେଉଛି, ତାହା ବର୍ଣ୍ଣନା କରିଛି କୋଟାକ ମହିନ୍ଦ୍ରା ଆସେଟ ମ୍ୟାନେଜମେଉ୍ୟ' କମ୍ପାନୀ ଲିମିଟେଡର ଡିଜିଟାଲ ବିଜନେଓ ମାର୍କେଟିଂ ମୁଖ୍ୟ କିଞ୍ଜାଲ ଶାହ କହିଛନ୍ତି, "ଆମର ପୁରସ୍କାରପ୍ରାପ୍ତ ପ୍ରଚାର ଅଭିଯାନ 'ଟକ୍ ଟୁ ମିଷ୍ଟର ଏସଆଇପି' ପରେ 'ସପ୍‌ନୋ ପେ କୋଇ ଲକ୍‌ଡାଉନ ନହି ହୋତା' ଉପଭୋକ୍ତାଙ୍କୁ ନୂତନ ସ୍ୱାଭାବିକ ପରିସ୍ଥିତିରେ ସେମାନଙ୍କର ଭବିଷ୍ୟତ ସମ୍ପର୍କରେ ଯୋଜନା କରିବା ଦିଗରେ ସହାୟତା କରିବାକୁ ଏକ ଅନନ୍ୟ ଶିକ୍ଷାଭିତ୍ତିକ ନିବେଶକ ପ୍ରୟାସ ହୋଇଛି। ଏହି ପ୍ରଚାର ଅଭିଯାନର ମୂଳ ତତ୍ତ୍ୱ ହେଉଛି- ବିଶ୍ୱସ୍ତରରେ ଜୀବନ ଜୀବିକାକୁ ଧୂଳିସାତ୍ କରିଦେଇଥିବା ଭୟାନକ କରୋନାଭୂତାଣୁ ମହାମାରୀ କୋଭିଡ-୧୯ କଦାପି ଆର୍ଥିକ ଯୋଜନା ପ୍ରସ୍ତୁତି ପ୍ରକ୍ରିୟାରେ ସ୍ଥାଣୁତା ନଆଣୁ। 'ଲେଟ୍‌ସ ପ୍ଲାନ୍' ସହିତ ଉପଭୋକ୍ତାଙ୍କୁ ଏସଆଇପିର ପ୍ରମାଣିତ ଶକ୍ତି ବଳରେ ସେମାନଙ୍କ ଭବିଷ୍ୟତ ଯୋଜନା ପାଇଁ ଆବଶ୍ୟକ କରୁଥିବା ସାଧନ ଓ ସୂଚନା ପ୍ରଦାନକରି ସେମାନଙ୍କୁ ସଶକ୍ତ କରୁଛି।" ଏହି ପ୍ରଚାର ଅଭିଯାନ ଡିଜିଟାଲ ମାର୍କେଟିଂ ସଂସ୍ଥା ହାଇପର୍ କନେକ୍ଟ ଦ୍ୱାରା ପ୍ରସ୍ତୁତ କରାଯାଇଛି। ହାଇପର୍ କନେକ୍ଟର ସହ ପ୍ରତିଷ୍ଠାତା ତଥା କ୍ରିଏଟିଭ ମୁଖ୍ୟ କିରଣ ଖାଡ୍‌କେ କହିଛନ୍ତି, 'ସ୍ୱପ୍ନ ସଂପୂର୍ଣ୍ଣ ମାଗଣା, ତାହା ଜଣକୁ କେବଳ ସମ୍ଭାବନା ରହିଥିବାର ବିଶ୍ୱାସ ପ୍ରଦାନ କରେ। ଆମେ ଏହି ମୌଳିକ ତତ୍ତ୍ୱକୁ ବାଛିଲୁ ଏବଂ ତାହାକୁ ଏସଆଇପିର ମୂଳ ବିଷୟ ସହିତ ସଂଯୁକ୍ତ କଲୁ, ଏବଂ ତାହାପରେ ଏହି ପ୍ରଚାର ଅଭିଯାନ ସୃଷ୍ଟିହେଲା। ଭିଡିଓରେ ଏହି ବର୍ଣ୍ଣନାକୁ ପ୍ରତିପାଦନ କରାଯାଇଛି ଏବଂ ଏହାର ବିଷୟବସ୍ତୁ ନୂତନ ତଥା ପୂର୍ବରୁ ରହିଥିବା ନିବେଶକଙ୍କୁ ସହଜ ହିସାବ ଜରିଆରେ ସେମାନଙ୍କ ସ୍ୱପ୍ନକୁ ନେଇ ଅତ୍ୟନ୍ତ ସୂକ୍ଷ୍ମ ଭାବରେ ଯୋଜନା ପ୍ରସ୍ତୁତ କରିବାରେ ସହାୟତା କରୁଛି।"

# ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ଉପଯୋଗ କଲା ଇଣ୍ଡିଆ ପାୱାର

ଭୁବନେଶ୍ୱର: ଏକ ଅଗ୍ରଣୀ ଶକ୍ତି ୟୁଟିଲିଟି ଇଣ୍ଡିଆ ପାୱାର କର୍ପୋରେସନ ଲିମିଟେଡ (ଇଣ୍ଡିଆ ପାୱାର) ପବ୍ଲିକ ୟୁଟିଲିଟି ସେବାରେ ଘରୋଇ କ୍ଷେତ୍ର ସାମର୍ଥ୍ୟକୁ ସୁଲଭ ମୂଲ୍ୟରେ ଉପଯୋଗ କରିବାରେ ଧ୍ୱଜାଧାରୀ ଭାବେ ଉଭା ହୋଇଛି। ୧୯୧୯ରୁ ଉପଭୋକ୍ତାଙ୍କୁ ବିଦ୍ୟୁତ ଯୋଗାଇ ଆସୁଥିବା ରାଷ୍ଟ୍ରାୟତ୍ତ ଦିଶେରଗଡ ପାୱାର ସପ୍ଲାଇ କମ୍ପାନୀ (ଡିପିଏସ୍‌ସି)କୁ ଅଧିଗ୍ରହଣ କରିବା ଦ୍ୱାରା କମ୍ପାନୀ ତାହାର ସେବା ଯୋଗାଣରେ ସରକାରୀ ଏବଂ ଘରୋଇ କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିଛି। ଏହି ଅଧିଗ୍ରହଣ ଏକ ଆଧୁନିକ ୟୁଟିଲିଟି ସୃଷ୍ଟି କରିଛି ଯାହା ଗ୍ରାହକଙ୍କୁ ସେମାନେ ଦେଉଥିବା ମୂଲ୍ୟର ଉପଯୁକ୍ତ ସେବା ଦେବା ବ୍ୟବସ୍ଥାରେ ଉନ୍ନତି ଆଣିବା ନିମନ୍ତେ ଅଗ୍ରଣୀ ପ୍ରଯୁକ୍ତିକୁ ବ୍ୟବହାର କରୁଛି ଏବଂ ସମାଜ ପ୍ରତି ନିଜର ଦୃଢ ପ୍ରତିଶ୍ରୁତିବଦ୍ଧତା ରଖୁଛି। ଇଣ୍ଡିଆ ପାୱାର ଡିପିଏସ୍‌ସିର ଠିକାରେ ଥିବା କର୍ମଚାରୀଙ୍କ ସମେତ ପ୍ରାୟ ୨୦୦୦ କର୍ମଚାରୀଙ୍କୁ ସଶକ୍ତ କରିଛି ଏବଂ ସେମାନଙ୍କୁ ନିଜର ପୂର୍ବରୁ ରହିଥିବା ଲୋକଶକ୍ତି ସହିତ ସମନ୍ୱିତ କରିଛି। ଏହା ଏକ ଅନନ୍ୟ ସାଂସ୍କୃତିକ ସଂପ୍ରୀତି ସୃଷ୍ଟି କରିପାରିଛି ଯାହା କମ୍ପାନୀ ଭିତରେ ନୂତନ ଉଦ୍ଭାବନ ଏବଂ ସୃଜନଶୀଳତା ସଂସ୍କୃତିକୁ ପ୍ରୋତ୍ସାହିତ କରୁଛି। ଇଣ୍ଡିଆ ପାୱାର ତାହାର ଘରୋଇ, ବାଣିଜ୍ୟିକ ଏବଂ ଶିଳ୍ପ ଉପଭୋକ୍ତାଙ୍କୁ ଉନ୍ନତତର ସେବା ସୁଲଭ ମୂଲ୍ୟରେ ଯୋଗାଇବା ସକାଶେ ନେଟୱର୍କ ଓ ଆବଝକ୍ଷଶ୍ବ;ନ ଭିତ୍ତିଭୂମିକୁ ଉନ୍ନତ କରିବାକୁ ୫୦୦ କୋଟି ଟଙ୍କାରୁ ଅଧିକ ନିବେଶ କରିଛି। ନୂତନ ଭୌଗୋଳିକ ଅଞ୍ଚଳରେ ନିଜର କାର୍ଯ୍ୟକ୍ରମକୁ ସମ୍ପ୍ରସାରିତ କରିବା ପାଇଁ ସାନି ପୁଞ୍ଜିନିବେଶ କରିବାକୁ କମ୍ପାନୀ ପ୍ରତିଶ୍ରୁତିବଦ୍ଧ ଏବଂ ଉପଭୋକ୍ତା ଯେଭଳି ଭୋଲ୍‌ଟେଜରେ ହ୍ରାସବୃଦ୍ଧି, ଶକ୍ତି ବିଭ୍ରାଟ, ଶକ୍ତି ଯୋଗାଣରେ ବିଫଳତା ଏବଂ ଲୋଡ ସେଡିଂ ଆଦି କାରଣରୁ ପ୍ରଭାବିତ ନୁହଅନ୍ତି ତାହା ନିଶ୍ଚିତ କରିବାକୁ ବହୁ ରାଜ୍ୟ ସରକାରଙ୍କ ସହିତ ନିବିଡ ଭାବରେ ମିଶି କାର୍ଯ୍ୟ କରୁଛି। ମଧ୍ୟପ୍ରଦେଶ ସରକାର ଇଣ୍ଡିଆ ପାୱାରର ସହଯୋଗୀ କମ୍ପାନୀ ଏମ୍‌ପି ସ୍ମାର୍ଟଗ୍ରୀଡ ପ୍ରାଇଭେଟ ଲିମିଟେଡକୁ ନିକଟରେ ଏକ ପ୍ରଥମ ଧରଣର ପ୍ରକଳ୍ପ ପ୍ରଦାନ କରିଛନ୍ତି। କମ୍ପାନୀ ଉଜ୍ଜୟିନ, ରତ୍‌ଲାମ, ଦେୱାସ, ଖାରଗୋନ୍ ଏବଂ ମାଉ ଆଦି ସ୍ଥାନରେ ୩୫୦,୦୦୦ ସ୍ମାର୍ଟ ମିଟର ସ୍ଥାପନ କାର୍ଯ୍ୟ ଆରମ୍ଭ କରିଛି। ଉପଭୋକ୍ତାଙ୍କ ଘରେ ସ୍ମାର୍ଟ ମିଟର ସ୍ଥାପନ ସହିତ ଏହି ପ୍ରକଳ୍ପରେ ଏକ ପାୱାର ନେଟୱର୍କ ପାଇଁ ଭିତ୍ତିଭୂମି ସ୍ଥାପନ ଏବଂ ପାଞ୍ଚବର୍ଷ ପର୍ଯ୍ୟନ୍ତ ତାହାର ପରିଚାଳନା ଓ ରକ୍ଷଣାବେକ୍ଷଣ (ଓ ଆଣ୍ଡ ଏମ୍) ମଧ୍ୟ ଅନ୍ତର୍ଭୁକ୍ତ। ସରକାରୀ ଓ ଘରୋଇ କ୍ଷେତ୍ରର ସମ୍ମିଳିତ ସାମର୍ଥ୍ୟକୁ ସାକାର ରୂପ ଦେବାନେଇ କମ୍ପାନୀର ସାମର୍ଥ୍ୟ ସମ୍ପର୍କରେ ପ୍ରକାଶକରି ଇଣ୍ଡିଆ ପାୱାରର ପରିଚାଳନା ନିର୍ଦ୍ଦେଶକ ଶ୍ରୀ ରାଘବ ରାଜ କନୋରିଆ କହିଛନ୍ତି, "ଇଣ୍ଡିଆ ପାୱାରରେ ଆମେ ଦୁଇଟି କ୍ଷେତ୍ରର ସର୍ବୋତ୍ତମକୁ ସମ୍ମିଶ୍ରଣ କରିବାରେ ସମର୍ଥ ହୋଇଛୁ। ଉପଭୋକ୍ତା ସନ୍ତୁଷ୍ଟିକୁ ଆଗେଇନେବାରେ ଘରୋଇ କ୍ଷେତ୍ରର ଉଲ୍ଲେଖନୀୟ ସାମର୍ଥ୍ୟ ହେଉ କିମ୍ବା କର୍ମଚାରୀ କଲ୍ୟାଣ ନିମନ୍ତେ ସରକାରୀ କାର୍ଯ୍ୟ ସଂସ୍କୃତି- ଇଣ୍ଡିଆ ପାୱାର ସବୁ କ୍ଷେତ୍ରରେ ସଫଳ ହୋଇଛି। ଆମେ ଡିପିଏସ୍‌ସିର ସମସ୍ତ କର୍ମଚାରୀଙ୍କୁ ବଜାୟ ରଖିଛୁ, ସେମାନଙ୍କୁ ପୁନଃ ତାଲିମ ପ୍ରଦାନ ସହିତ ସଶକ୍ତ କରିଛୁ, ଆଡଭାନ୍‌ସଡ ମିଟରିଂ ଇନଫ୍ରାଷ୍ଟ୍ରକଚର (ଏଏମ୍‌ଆଇ), ଏସ୍‌ସିଏଡିଏ ଏବଂ ଇଝକ୍ଷଶ୍ବ;ରନେଟ ଅଫ୍ ଥିଙ୍ଗ୍‌ସ (ଆଇଓଟି) ଭଳି ଆଧୁନିକ ପ୍ରଯୁକ୍ତିକୌଶଳରେ ପୁଞ୍ଜିନିବେଶ କରିବା ସହିତ ଆମର ସମସ୍ତ ଅଂଶୀଦାରଙ୍କ ପାଇଁ ଏକ ଲାଭଜନକ ପରିବେଶ ସୃଷ୍ଟି କରିଛୁ।" ଇଣ୍ଡିଆ ପାୱାର୍‌ର ପୂର୍ଣ୍ଣକାଳୀନ ନିର୍ଦ୍ଦେଶକ ତଥା ଶକ୍ତି ଶିଳ୍ପର ଜଣେ ପ୍ରବୀଣ ବ୍ୟକ୍ତି ଶ୍ରୀ ସୋମେଶ ଦାସଗୁପ୍ତା କହିଛନ୍ତି, "ଡିପିଏସ୍‌ସି ଏହାର ଲାଇସେନ୍ସ ଅଧୀନ ଅଞ୍ଚଳରେ ଥିବା ଗୁରୁତ୍ୱପୂର୍ଣ୍ଣ ଖଣି କ୍ଷେତ୍ରଗୁଡିକୁ ଏକାଗ୍ରତା, ଉତ୍ସର୍ଗୀକୃତ ଭାବ ଏବଂ ଶୃଙ୍ଖଳିତ ଭାବେ ଶକ୍ତି ଯୋଗାଇ ଦେଉଛି। ଅଧିଗ୍ରହଣ ପରବର୍ତ୍ତୀ ସମୟରେ ଇଣ୍ଡିଆ ପାୱାର ସୁଲଭତା ସହିତ ମାନକୁ ସଂଯୁକ୍ତ କରିଛି ଏବଂ ଉପଭୋକ୍ତାଙ୍କ ପାଇଁ ସେମାନଙ୍କ ଅର୍ଥର ଉପଯୁକ୍ତ ମୂଲ୍ୟ ପ୍ରଦାନ ସ୍ଥିତିରେ ପୁନଃ ଉନ୍ନତି ଆଣିଛି। ସରକାରୀ କ୍ଷେତ୍ର ସେବା ଯୋଗାଣରେ ଘରୋଇ କ୍ଷେତ୍ରର ଅଭିଜ୍ଞତାକୁ ସମ୍ମିଶ୍ରିତ କରିବାରେ କମ୍ପାନୀ ଏକ ମାନଦଣ୍ଡ ସ୍ଥାପନ କରିଛି ଏବଂ ସମଗ୍ର ଭାରତରେ ରାଜ୍ୟ ସରକାରମାନଙ୍କ ଦ୍ୱାରା ଏକ ପସନ୍ଦଯୋଗ୍ୟ ସହଭାଗି ଭାବରେ ବିବେଚିତ ହେଉଛି।

# ଶିରାବାହାଲ ମହଲେଇ ଗ୍ରାମରେ ନୂଆଖାଇ ଭେଟଘାଟ

ବଲାଙ୍ଗୀର,(ପି.ଏନ): ଦେଓଗାଁ ବ୍ଲକ ଶିରାବାହାଲରେ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଦେବେନ୍ଦ୍ର ଭୋଇ, ପ୍ରଦୀପ ତ୍ରିପାଠୀ ଯୋଗ ଦେଇଥିଲେ। ଏହି ସଭାକୁ ବିଧାନ ବିଶ୍ୱାଳ ଓ ସାଂକୃତିକ କାର୍ଯ୍ୟକ୍ରମକୁ ଅବନୀ ପଧାନ ଓ ଅବନୀ ସାହୁ ପରିଚାଳନା କରିଥିଲେ। ପ୍ରଫୁଲ୍ଲ ପୋଡ଼ ଧନ୍ୟବାଦ ଦେଇଥିଲେ। ସେହିପରି ମହଲାଇରେ ଜୟ ମା' ଦୁର୍ଗା ଫାଉଣ୍ଡେସନ ପକ୍ଷରୁ ଭେଟ୍‌ଘାଟ୍ କାର୍ଯ୍ୟକ୍ରମରେ ଅତିଥି ଭାବେ ଚିତରଞ୍ଜନ ସାହୁ, ଜିତେନ୍ଦ୍ର ସାହୁ, କାର୍ତ୍ତିକ ବିଶ୍ୱାଳ, ଶଙ୍କର୍ଷଣ ମହାପାତ୍ର ଓ ବୃନ୍ଦାବନ ରଣା ଯୋଗ ଦେଇଥିଲେ।




# ଚିନ୍ତାମଣି ପାଣିଗ୍ରାହୀ



ଚିନ୍ତାମଣି ପାଣିଗ୍ରାହୀ ଥିଲେ ଏକାଧାରରେ ରାଜନେତା, ସଂଗଠକ, ସଂପାଦକ ଓ ସୁଲେଖକ। ରାଭେନ୍ସା ମହାବିଦ୍ୟାଳୟରୁ ଛାତ୍ର ନେତା ଭାବେ ଆରମ୍ଭ ହୋଇଥିଲା ତାଙ୍କର ରାଜନୈତିକ ଜୀବନ। ଏହି ମହାବିଦ୍ୟାଳୟର ଛାତ୍ର ସଂଗଠନର ସଂପାଦକ ଭାବେ ନିର୍ବାଚିତ ହୋଇଥିଲେ। ଭାରତ ଛାଡ଼ ଆନ୍ଦୋଳନରେ ଯୋଗ ଦେଇ କଲେଜରୁ ବହିଷ୍କୃତ ହୋଇଥିଲେ। ତାହାପରେ କଲକାତା ଯାଇ, ବିଦ୍ୟାସାଗର ମହାବିଦ୍ୟାଳୟରେ ଅଧ୍ୟୟନ କରିଥିଲେ। ସେ କଲକାତା ବିଶ୍ୱବିଦ୍ୟାଳୟରୁ ସ୍ନାତକୋତ୍ତର ଓ ଆଇନରେ ଡିଗ୍ରି ହାସଲ କରିଥିଲେ। କଲକାତା ରହଣି କାଳରେ ଓଡ଼ିଆଙ୍କୁ ଏକତ୍ର କରି ଉତ୍କଳବାହିନୀ ସଂଗଠନ ପ୍ରତିଷ୍ଠା କରିଥିଲେ। ଚିନ୍ତାମଣି ପ୍ରଥମେ ଭାରତୀୟ ଜାତୀୟ କଂଗ୍ରେସରେ ଥିଲେ। ସ୍ୱାଧୀନତା ପରବର୍ତ୍ତୀ କାଳରେ ବାମପନ୍ଥୀ ଚିନ୍ତାଧାରା ଦ୍ୱାରା ଅନୁପ୍ରାଣିତ ହୋଇ କମ୍ୟୁନିଷ୍ଟ ଦଳରେ ଯୋଗଦେଇ, ପୁରୀ ଆସନରୁ ସାଂସଦ ଭାବେ ନିର୍ବାଚିତ ହୋଇଥିଲେ। ତେବେ, କିଛି କାଳ ପରେ ବୀତସ୍ପୃହ ହୋଇ, ପୁଣି ଥରେ କଂଗ୍ରେସକୁ ଫେରି, ନିର୍ବାଚନ ଲଢ଼ି ଚାରି ଚାରି ଥର ଭୁବନେଶ୍ୱର ଲୋକସଭା ଆସନରୁ ବିଜୟୀ ହୋଇଥିଲେ। ୧୯୮୯ରେ ତାଙ୍କୁ ମଣିପୁରର ରାଜ୍ୟପାଳ ଭାବେ ନିଯୁକ୍ତି ମିଳିଥିଲା। ସେ ସୁରକ୍ଷା ବିଳୟ ଭିତରେ ନ ରହି, ସାଧାରଣ ଲୋକଙ୍କ ସୁଖ-ଦୁଃଖରେ ସାମିଲ ହୋଇଥିବା ରାଜ୍ୟପାଳ। ଚିନ୍ତାମଣିଙ୍କର ସଂପାଦକ ଜୀବନ ମଧ୍ୟ ସୁଦୀର୍ଘ ଥିଲା। ପ୍ରଥମେ ପ୍ରଜାତନ୍ତ୍ରର ଯୁଗ୍ମ ସଂପାଦକ ଦାୟିତ୍ୱ ତୁଲାଇଥିଲେ। ତାହାପରେ ପ୍ରଜାତନ୍ତ୍ର, ଝଙ୍କାର ଓ ମାତୃଭୂମିର ସଂପାଦକ। 'ଚୀନ ପଥେ', 'ଯୁଗ ସାହିତ୍ୟ', 'ଗାନ୍ଧିଜୀ ଓ ନିରନ୍ତର ବିପ୍ଳବ', 'ଗାନ୍ଧୀ କାହାଣୀ', 'ନୂତନ ପ୍ରବାହ' ଆଦି ତାଙ୍କ ଦ୍ୱାରା ଲିଖିତ କେତେକ ପ୍ରସିଦ୍ଧ ପୁସ୍ତକ। ବ୍ୟକ୍ତିଗତ ଜୀବନରେ ସେ ଥିଲେ ବିନୟୀ। ସାରା ଜୀବନ ନିରଳସ ନିରାଡ଼ମ୍ବର ଭାବେ କଟାଇଥିଲେ। ସାହିତ୍ୟିକ କାଳନ୍ଦୀ ଚରଣ ପାଣିଗ୍ରାହୀ ଓ ଭଗବତୀ ଚରଣ ପାଣିଗ୍ରାହୀ ଥିଲେ, ତାଙ୍କର ଦଦେଇ ପୁଅ ଭାଇ। ୧୯୨୨ ମାର୍ଚ୍ଚ ୨୨ ତାରିଖରେ ବାଲିପାଟଣା ଅନ୍ତର୍ଗତ ବିଶ୍ୱନାଥପୁର ଗ୍ରାମରେ ସେ ଜନ୍ମ ହୋଇଥିଲେ।



**ଡଃ. ଅରୁନ୍ଧତୀ ଦେବୀ,** ସମ୍ପାଦିକା-ନିର୍ଦ୍ଦେଶିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ଜଟଣୀ ତହସିଲଦାରଙ୍କ ବିରୁଦ୍ଧରେ ସଙ୍ଗୀନ ଅଭିଯୋଗ ଆଣିଲେ ନିଲମ୍ବିତ ତହସିଲ କର୍ମଚାରୀ



ଖୋର୍ଦ୍ଧା (ପିଏନ୍)-ଖଣି ମାଫିଆମାନଙ୍କ ସହିତ ସମ୍ପର୍କ ଓ ସେମାନଙ୍କଠାରୁ ଟଙ୍କା ଆଦାୟ କରୁଥିବା ଅଭିଯୋଗରେ ଖୋରଧା ଜିଲ୍ଲାପାଳ ଜଟଣୀ ତହସିଲ କାର୍ଯ୍ୟାଳୟର ଚତୁର୍ଥ ଶ୍ରେଣୀ କର୍ମଚାରୀ ବିଜୟ କୁମାର ଦାସଙ୍କୁ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ ଶ୍ରୀ ଦାସ ନିଜକୁ ନିର୍ଦ୍ଦୋଷ ବୋଲି କହିବା ସହିତ ଜଟଣୀ ତହସିଲଦାରଙ୍କ ଦୁର୍ନୀତିର ଗୁମର ପେଡ଼ି ଖୋରଧା ଦୁର୍ନୀତି ନିବାରଣ ଅଧିକାରୀଙ୍କ ନିକଟରେ ବଖାଣିଛନ୍ତି। ଜଟଣୀ ତହସିଲଦାରଙ୍କ ଅଭିଯୋଗ ଅନୁଯାୟୀ ଜଟଣୀ ତହସିଲର ବିଜୟ କୁମାର ଦାସ ଖଣି ମାଫିଆମାନଙ୍କଠାରୁ ଟଙ୍କା ନେଇ ରେଡ଼ କରିବା ପୂର୍ବରୁ ଖଣି ମାଫିଆମାନଙ୍କୁ ଖବର ଦେଉଛନ୍ତି। ଫଳରେ ଖଣି ମାଫିଆମାନେ ସେହି ସ୍ଥାନରୁ ଫେରାର ହୋଇ ଯାଉଛନ୍ତି। ତହସିଲଦାରଙ୍କ ଏହି ରିପୋର୍ଟକୁ ଆଧାର କରି ଖୋରଧା ଜିଲ୍ଲାପାଳ ଶ୍ରୀ ଦାସଙ୍କୁ ତାଙ୍କ କାର୍ଯ୍ୟରୁ ନିଲମ୍ବିତ କରିଥିବା ବେଳେ ଏହାର ଜବାବରେ ନିଲମ୍ବିତ କର୍ମଚାରୀ ଶ୍ରୀ ଦାସ ଖୋରଧା ଦୁର୍ନୀତି ନିବାରଣ ବିଭାଗ କାର୍ଯ୍ୟାଳୟରେ ଖଣି ଦୁର୍ନୀତିରେ ଜଟଣୀ ତହସିଲଦାର ସମ୍ପୃକ୍ତ ଥିବା ନେଇ ସମସ୍ତ ପ୍ରମାଣ ସହିତ ଲିଖିତ ଭାବରେ ଅଭିଯୋଗ କରିଛନ୍ତି। ଶ୍ରୀ ଦାସଙ୍କ ଅଭିଯୋଗ ଅନୁଯାୟୀ ଜଟଣୀ ତହସିଲଦାର ତାଙ୍କୁ ଖଣି ମାଫିଆମାନଙ୍କ ଠାରୁ ଟଙ୍କା ଆଣିବାକୁ କହିବା ସହିତ ସେହି ଟଙ୍କା ଉପର ଅଫିସରମାନଙ୍କୁ ଦିଆଯିବ ବୋଲି କୁହନ୍ତି। ଏହାବ୍ୟତୀତ ଜମିର କିସମ ପରିବର୍ତନ, ସତ୍ୱ ପରିବର୍ତନ ଏପରିକି ଠାକୁରଙ୍କ ଜାଗାର କିସମ ପରିବର୍ତନ ଯାହାର ଓ.ଏଲ.ଆର କେଶ ନଂ ହେଉଛି ୫୫୨/୨୧, ୫୫୩/୨୧, ୫୫୪/୨୧, ୫୫୫/୨୧, ୫୫୬/୨୧, ୫୫୮/୨୧ ବେଆଇନ ଭାବରେ ଲକ୍ଷ ଲକ୍ଷ ଟଙ୍କା ନେଇ ଜଟଣୀ ତହସିଲଦାର କିସମ ପରିବର୍ତନ କରିଛନ୍ତି। ତହସିଲଦାରଙ୍କ କହିବା ଅନୁଯାୟୀ ନିଲମ୍ବିତ କର୍ମଚାରୀ ବିଜୟ କୁମାର ଦାସ ଖଣି ମାଫିଆମାନଙ୍କ ସହିତ ଯୋଗାଯୋଗ କରନ୍ତି ଏବଂ ଖଣି ମାଫିଆମାନେ ଶ୍ରୀ ଦାସଙ୍କୁ ଫୋନ ପେ ମାଧ୍ୟମରେ ଟଙ୍କା ପଠାଇଥାନ୍ତି। ଏହି ଟଙ୍କାସବୁ ଶ୍ରୀ ଦାସ ଫୋନ ପେ ମାଧ୍ୟମରେ ଜଟଣୀ ତହସିଲଦାରଙ୍କ ନିକଟକୁ ପଠାଇଥାନ୍ତି ଏବଂ ସେ ସମସ୍ତ ପ୍ରମାଣ ଶ୍ରୀ ଦାସ ଖୋରଧା ଦୁର୍ନୀତି ନିବାରଣ ଅଧିକାରୀଙ୍କ ନିକଟରେ ଦାଖଲ କରିଛନ୍ତି। ଏହି ଖଣି ଦୁର୍ନୀତିରେ ଜଟଣୀ ପୌର ପରିଷଦର ଦୁଇଜଣ କର୍ମଚାରୀ ଜ୍ୟୋତିରଂଜନ ରାଉତରାୟ ଏବଂ ପ୍ରତାପ କୁମାର ଜେନା, ଜଟଣୀ ତହସିଲଦାରଙ୍କ ବ୍ୟକ୍ତିଗତ ଡ୍ରାଇଭର ବିପିନ କୁମାର ବରାଳ, ଜଟଣୀ ତହସିଲର ଡ଼ାଟା ଏଂଟ୍ରୀ ଅପରେଟର ରଂଜନ କୁମାର ମହାପାତ୍ର, ଡ୍ରାଇଭର ନାରାୟଣ ଢ଼େଙ୍ଗ, ଚତୁର୍ଥ ଶ୍ରେଣୀ କର୍ମଚାରୀ ପ୍ରମୋଦ କୁମାର ରଣସିଂହ ପ୍ରମୁଖ ସାମିଲ ଥିବା ବେଳେ ଖଣି ଚଢାଉ ସମୟରେ ଯିବା ବେଳେ ବାଟରେ ଯାହା ଆଦାୟ ହୁଏ ସେଥିରୁ ୭୫ ଭାଗ ଅର୍ଥ ତହସିଲଦାର ନିଅନ୍ତି। ଖଣି ମାଫିଆ ଏବଂ ତହସିଲ ପ୍ରଶାସନର ସଲା ସୁତୁରାରେ ଚାଲିଛି ଖଣି ବେପାର ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରେ ପ୍ରକାଶିତ ସମ୍ବାଦ ଉପରେ ଖୋରଧା ଜିଲ୍ଲା ପ୍ରଶାସନ ଚେଇଁ ଉଠିଥିବାବେଳେ ଜଣେ ଚତୁର୍ଥ ଶ୍ରେଣୀ କର୍ମଚାରୀଙ୍କୁ କାର୍ଯ୍ୟରୁ ନିଲମ୍ବିତ କରି ଜିଲ୍ଲା ପ୍ରଶାସନ ନିଜର ପାରିବାପଣିଆ ନ ଦେଖାଇ ଶ୍ରୀ ଦାସ ଜଟଣୀ ତହସିଲଦାରଙ୍କ ବିରୁଦ୍ଧରେ କରିଥିବା ଗୁରୁତର ଅଭିଯୋଗଗୁଡ଼ିକ ବିଷୟରେ ତଦନ୍ତ କରାଯିବା ଆବଶ୍ୟକ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି। ଜଟଣୀ ତହସିଲଦାର ତପନ କୁମାର ମହାପାତ୍ର ପୂର୍ବରୁ ଜଟଣୀ ପୌରପରିଷଦର ନିର୍ବାହୀ ଅଧିକାରୀ କାର୍ଯ୍ୟ କରିଥିବା ବେଳେ ବର୍ତମାନ ଜଟଣୀ ତହସିଲଦାର ଭାବରେ କାର୍ଯ୍ୟ କରୁଛନ୍ତି। ଗୋଟିଏ ସ୍ଥାନରେ ଦୀର୍ଘଦିନ ଧରି ଦୁଇ ଦୁଇଟି ଦାୟିତ୍ୱସମ୍ପନ୍ନ ପଦବୀରେ ଅବସ୍ଥାପିତ ହେବାଦ୍ୱାରା ତାଙ୍କର ଦୁର୍ନୀତି ଚରମ ସୀମାରେ ପହଁଚିଛି ବୋଲି ସାଧାରଣରେ ଆଲୋଚନା ହେଉଛି। ଖୋରଧା ଜିଲ୍ଲା ପ୍ରଶାସନ ତଥା ଦୁର୍ନୀତି ନିର୍ବାରଣ ବିଭାଗ ଶ୍ରୀ ଦାସ କରିଥିବା ଅଭିଯୋଗ ଅନୁଯାୟୀ ଜଟଣୀ ପୌରପରିଷଦର ଦୁଇଜଣ କର୍ମଚାରୀ ଜଟଣୀ ତହସିଲ କାର୍ଯ୍ୟାଳୟର କର୍ମଚାରୀ ତଥା ଜଟଣୀ ତହସିଲଦାରଙ୍କୁ ତଦନ୍ତ ପରିସରଭୁକ୍ତ କରି ଦୋଷୀ ବ୍ୟକ୍ତି ତଥା ଅଧିକାରୀଙ୍କ ବିରୁଦ୍ଧରେ ଆଇନ ଅନୁଯାୟୀ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହିତ ଖୋରଧା ଜିଲ୍ଲା ପ୍ରଶାସନର ସ୍ୱଚ୍ଛ ଓ ନିର୍ମଳ ଶାସନକୁ ପ୍ରମାଣିତ କରନ୍ତୁ ବୋଲି ସାଧାରଣରେ ଦାବି ହେଉଛି।

# ସଂଯୁକ୍ତ କିଷାନ ମୋର୍ଚ୍ଚା ପକ୍ଷରୁ ଜିଲ୍ଲାପାଳ ଅଫିସ ସମ୍ମୁଖରେ ବିକ୍ଷୋଭ




କେନ୍ଦ୍ରାପଡ଼ା (ପିଏନ୍): ସଂଯୁକ୍ତ କିଷାନ ମୋର୍ଚ୍ଚା ଆହ୍ୱାନ କ୍ରମେ ସୋମବାର ଦେଶବ୍ୟାପି ପ୍ରତିବାଦ ଆନ୍ଦୋଳନ ପରିପ୍ରେକ୍ଷୀରେ କେନ୍ଦ୍ରାପଡା ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହିତ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ପ୍ରକାଶ ଥାଉକି ୩ଟି କଳା କୃଷି ଆଇନକୁ ପ୍ରତ୍ୟାହାର କରିବା ଓ କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍.ଏସ୍.ପି) ପାଇଁ ଆଇନ ଆଣିବା ଦାବିରେ ବର୍ଷାଧିକ କାଳ ସାରା ଦେଶବ୍ୟାପୀ କୃଷକ ଆନ୍ଦୋଳନ ଫଳରେ କେନ୍ଦ୍ରର ନରେନ୍ଦ୍ର ମୋଦୀ ସରକାର ମଥାନତ କରିବା ସହିତ ପାର୍ଲ୍ୟାମେଣ୍ଟରେ କେବଳ କୃଷି ଆଇନକୁ ପ୍ରତ୍ୟାହାର କରି ନେଇଛନ୍ତି। ଅନ୍ୟ ପକ୍ଷରେ କୃଷକମାନଙ୍କର ମୁଳ ଦାବି ଯଥା କୃଷିଜାତ ପଦାର୍ଥର ସର୍ବନିମ୍ନ ସହାୟକ ମୂଲ୍ୟ ନିର୍ଦ୍ଧାରଣ ପାଇଁ କେନ୍ଦ୍ର ସ୍ତରରେ ଏକ ପ୍ୟାନେଲ ଗଠନ କରିବା, ଲକ୍ଷ୍ମୀପୁର ଖେରି ଆନ୍ଦୋଳନକାରୀ କୃଷକ ହତ୍ୟା ଘଟଣାରେ କେନ୍ଦ୍ର ସ୍ୱରାଷ୍ଟ୍ର ବିଭାଗ ରାଷ୍ଟ୍ରମନ୍ତ୍ରୀ ଅଜୟ ମିଶ୍ରଙ୍କୁ ମନ୍ତ୍ରୀପଦରୁ ବହିଷ୍କାର କରିବା, ବର୍ଷାଧିକ କାଳ ଆନ୍ଦୋଳନକାରୀ କୃଷକମାନଙ୍କ ବିରୁଦ୍ଧରେ କରାଯାଇଥିବା ବିଭିନ୍ନ ମକଦ୍ଦମା ପ୍ରତ୍ୟାହାର କରିବା ପ୍ରଭୃତି ଦାବି ଉପରେ କାର୍ଯ୍ୟାନୁଷ୍ଠାନ ପାଇଁ ଲିଖିତ ପ୍ରତିଶ୍ରୁତି ଦେଇଥିଲେ ମଧ୍ୟ ଆନ୍ଦୋଳନ ପ୍ରତ୍ୟାହୃତ ହେବାର ଚାରିମାସ ଅତିକ୍ରମ କରିଯାଇଥିଲେ ବି କୌଣସି କାର୍ଯ୍ୟାନୁଷ୍ଠାନ ନନେବା ଦେଶର କୃଷକ ସମାଜ ଓ ଦେଶବାସୀଙ୍କୁ ପ୍ରତାରିତ କରାଯାଇଛି। ମୋଦୀ ସରକାର ଜବାବ ରକ୍ଷାକରିବାରେ ବିଫଳ ହୋଇଛନ୍ତି। ପ୍ରକାଶ ଥାଉକି ଆଜି ବି ହତ୍ୟାକାରୀ ଅଜୟ ମିଶ୍ରଙ୍କ ପୁଅ ଆଶିଷ ମିଶ୍ର ରାଜରାସ୍ତାରେ ବୁଲୁଛି। ଆନ୍ଦୋଳନ ପ୍ରତ୍ୟାହୃତ ହେଲାବେଳେ ସଂଯୁକ୍ତ କିଷାନ ମୋର୍ଚ୍ଚା ଘୋଷଣା କରିଥିଲା ଯଦି କେନ୍ଦ୍ର ସରକାର ସମସ୍ତ ଦାବି ଗୁଡିକୁ ମାନି ନନିଅନ୍ତି ତାହେଲେ ପୁଣି ବ୍ୟାପକ ଆନ୍ଦୋଳନ ହେବ। ଆଜିର ବିକ୍ଷୋଭରେ ସଂଯୁକ୍ତ କିଷାନ ମୋର୍ଚ୍ଚାର ଜିଲ୍ଲା ଆବାହକ ଗୟାଧର ଧଳ,ଏଆଇକେଏସ୍ ନେତା ରମଣୀ ରଞ୍ଜନ ରାଉତରାୟ, କିଷାନ କଂଗ୍ରେସର ରାଜ୍ୟ ଉପସଭାପତି ମହେନ୍ଦ୍ର କୁମାର ପରିଡା, ଓଡିଶା କୃଷକ ସଭାର ଜିଲ୍ଲା ସଭାପତି ଉମେଶ ଚନ୍ଦ୍ର ସିଂହ, ନବ ନିର୍ମାଣ କୃଷକ ସଂଗଠନର ଜିଲ୍ଲା ଆବାହକ ଦାଶରଥୀ ସାହୁ, ସିଆଇଟିୟୁ ଜିଲ୍ଲା ସମ୍ପାଦକ ଜଗତ ଜୀବନ ଦାସ, ଏଆଇଟିୟୁସି ଜିଲ୍ଲା ସଭାପତି ବାବାଜୀ ଧଳ, ଏଆଇକେକେଏମ୍ଏସ୍ ଜିଲ୍ଲାନେତ୍ରୀ ଏଲିନା ସାମନ୍ତରାୟ, ଓଡିଶା କୃଷକ ସଭା ଜିଲ୍ଲା ଯୁଗ୍ମ ସମ୍ପାଦକ ବିଜୟ ଦାସ, ରାଜ୍ୟ ସରକାରୀ କର୍ମଚାରୀ ସମନ୍ୱୟ ସମିତିର ସାଧାରଣ ସମ୍ପାଦକ ନରୋତ୍ତମ ପାର୍ଥସାରଥୀ, ଗ୍ରାମୀଣ ଚାଷୀ ମୁଲିଆ ସଂଘର ସଭାପତି ଫକୀର ଖଟୁଆ, ଆଦିକନ୍ଦ ରାଉଳ, ହୀରାମଣୀ ରାଉତ, ନିରଞ୍ଜନ ମେକାପ, ମନୋଜ କୁମାର ଓଝା, କାଶିନାଥ ବେହେରା ପ୍ରମୁଖ ନେତୃତ୍ୱ ନେଇଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଏକ ଦାବିପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ପିତାମ୍ବର ସାମଲ ଆସି ସଭାମଞ୍ଚ ପାଖରୁ ଗ୍ରହଣ କରିଥିଲେ। ପ୍ରକାଶ ଥାଉକି ଶ୍ରମିକ ସଂଗଠନମାନଙ୍କ ଡାକରାରେ ଆସନ୍ତା ମାର୍ଚ୍ଚ ୨୮ ଓ ୨୯ ଦେଶବ୍ୟାପୀ ହରତାଳ ଓ ଭାରତ ବନ୍ଦକୁ ଆଜିର ବିକ୍ଷୋଭରେ ସମର୍ଥନ କରାଯାଇଥିଲା। କେନ୍ଦ୍ରର ମୋଦୀ ସରକାର ଏହି ଦାବିଗୁଡିକୁ ମାନି ନନେଲେ ବ୍ୟାପକ ଗଣ ଆନ୍ଦୋଳନ ହେବ ବୋଲି ଆନ୍ଦୋଳନକାରୀମାନେ ଘୋଷଣା କରିଥିଲେ।

# 'ଶୁଭସ୍ତମ୍ଭ' ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ

ଯାଜପୁର (ପିଏନ୍): ବିରଜା ସାହିତ୍ୟ ସଂସ୍କୃତି ଗବେଷଣା ପରିଷଦ ଆନୁକୂଲ୍ୟରେ କୋଭିଡ୍ ନିୟମ ପାଳନ ପୂର୍ବକ ଶୁଭସ୍ତମ୍ଭ ପୁସ୍ତକ ଉନ୍ମୋଚନ ଓ ସମ୍ବର୍ଦ୍ଧନା ଉତ୍ସବ ବିରଜା ମନ୍ଦିର ସନ୍ନିକଟ ଶ୍ରୀ ଗୋପାଳ ମଣ୍ଡପରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମର ପ୍ରାରମ୍ଭରେ ମା'ବିରଜାଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ, ଧୂପ, ଦ୍ୱୀପ ପ୍ରଜ୍ୱଳନ ଶଙ୍ଖ ଧ୍ୱନି ସହ ପରିଷଦର ସଂଗଠନ ସଂପାଦକ ପଣ୍ଡିତ ଜଗନ୍ନାଥ ପାଣି ମନ୍ତ୍ରପାଠ କରିଥିଲେ। ପରିଷଦର ସଂପାଦକ ଶିକ୍ଷକ ପ୍ରଶାନ୍ତ ରାଉତରାୟ ଅତିଥିପରିଚୟ ସହ ଉତ୍ସବର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। କାର୍ଯ୍ୟକ୍ରମର ପ୍ରଥମ ପର୍ଯ୍ୟାୟରେ ପରିଷଦର ସଭାପତି ସାର୍ ନଟବର ଦାସଙ୍କ ଅଧ୍ୟକ୍ଷତାରେ ମୁଖ୍ୟ ଅତିଥି ପ୍ରାକ୍ତନ ପୌରପାଳ ଭବପ୍ରସାଦ ଦାସ, ପରିଷଦର ମୁଖ୍ୟ ଉପଦେଷ୍ଟା ବିରଜା ମନ୍ଦିର ମୁକ୍ତି ମଣ୍ଡପ ସେବାୟତ ପରିଷଦର ସଭାପତି ଦେବୀ ପ୍ରସାଦ ପାଣି, ବରିଷ୍ଠ ସେବାୟତ ସୁବାସ ଚନ୍ଦ୍ର ପାଣି, ପ୍ରାକ୍ତନ ସାଂସଦ ଅଞ୍ଚଳ ଦାସ, ବରିଷ୍ଠ ସ୍ତମ୍ଭକାର ଘନ ପରିଡ଼ା, ଏମ୍.ବି. ଟିଭିର ଅଧ୍ୟକ୍ଷ ହରିହରି ସ୍ୱାଇଁ ଆଦି ବହୁ ମାନ୍ୟଗଣ ବିଜ୍ଞ ବ୍ୟକ୍ତି ଦ୍ୱାରା ମା'ବିରଜାଙ୍କ ମହିମା ଓ ବିରଜା ସଂସ୍କୃତିର ପ୍ରଚାର ପ୍ରସାର ନିମନ୍ତେ ଉଲ୍ଲେଖନୀୟ ଅବଦାନ ପାଇଁ ବିରଜା ସଂସ୍କୃତି ପ୍ରଚାର ସମିତିର ସଭାପତି ତଥା ଯଜ୍ଞପ୍ରଭାର ମୁଖ୍ୟ ସଂପାଦକ ରାଷ୍ଟ୍ରପତି ପୁରସ୍କାର ମହାଗୁରୁ ପଣ୍ଡିତ ଭୂପତି ଭୂଷଣ ମିଶ୍ର ମହୋଦୟଙ୍କୁ ଶଙ୍ଖନାଦ ବନ୍ଦାପନା ପୂର୍ବକ ବରଣ କରାଯାଇ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ପରିଷଦର ତଥା ବିରଜା ସଂସ୍କୃତିର ସର୍ବୋଚ୍ଚ ଐତିହାସିକ ସମ୍ମାନ 'ବିରଜାରତ୍ନ' ଉପାଧିରେ ଭୂଷିତ କରାଯାଇଥିଲା। କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟରେ ପରିଷଦର ସଭାପତି ଶ୍ରୀଯୁକ୍ତ ଦାସଙ୍କ ରଚିତ ଗବେଷଣା ଧର୍ମୀ ପୁସ୍ତକ ଅନନ୍ୟ ଭାସ୍କର୍ଯ୍ୟର ପ୍ରତିବିମ୍ବ - "ଶୁଭସ୍ତମ୍ଭ" ମଞ୍ଚାସୀନ ସମସ୍ତ ଅତିଥିମାନଙ୍କ କର କମଳରେ ଲୋକାର୍ପିତ ହୋଇଥିଲା। ତତ୍ପରେ ପଣ୍ଡିତ ଭୂପତି ଭୂଷଣ ମିଶ୍ରଙ୍କ ସଭାପତିତ୍ୱରେ ବକ୍ତାମାନେ ନିଜନିଜର ସାରଗର୍ବକ ଅଭିଭାଷଣ ପ୍ରଦାନ କରିବା ସହିତ ଔପନ୍ୟାସିକ ଜଗନ୍ନାଥ ଧଳ ପୁସ୍ତକ ସମୀକ୍ଷା କରିଥିଲେ। ସର୍ବଶ୍ରୀ ଅଧିକାରୀ ନବକିଶୋର ଦାସ, ମା'ଟିଭିର ଅଧ୍ୟକ୍ଷ ଅର୍ପଣ ରାଉତରାୟ, ଶିକ୍ଷାବିତ ପୁଷ୍ପକାନ୍ତ ମଲ୍ଲିକ, ଶିଶୁ ସାହିତ୍ୟିକ ଗିରିଧାରୀ ସ୍ୱାଇଁ, ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ଗଦାଧର ରାଉତ, ରବିନ୍ଦ୍ର କୁମାର ନାୟକ, ସିଦ୍ଧେଶ୍ୱର ସାହୁ, ଶିକ୍ଷାବିତ୍ କାମେଶ୍ୱର ପଣ୍ଡା, କବୟିତ୍ରୀ ନିର୍ମଳା ବାଳା ମିଶ୍ର, ଗାଳ୍ପିକ ପ୍ରମୋଦ କୁମାର ପଣ୍ଡା, ଦୀନଚର୍ଯ୍ୟାର ସମ୍ପାଦକ ତପନ ମହାରଣ୍ୟ ଶର୍ମା, ରବି ଶତପଥୀ, ହରିହର ଯେନା, ଜୟ ଦେବ ସେଠୀ, ପ୍ରଦୀପ କୁମାର ମିଶ୍ର, ବିଜୟ କୁମାର ନାୟକ, ଅନିଲ କୁମାର ସେଠୀ, ବିରଜା ସେବା ସମିତିର ସଂପାଦକ ସମାଜସେବୀ ପାଣ୍ଡବ ଚରଣ ସାହୁ, ପରିଷଦର ଉପସଭାପତି ଅକ୍ଷୟ କୁମାର ବିଶ୍ୱାଳ, କୋଷାଧ୍ୟକ୍ଷ ରବିନ୍ଦ୍ର କୁମାର ମହାନ୍ତି, ସନ୍ତୋଷ ମିଶ୍ର, ବିରଜା ପ୍ରସାଦ ପାଣି, ତପନ ମହାନ୍ତି, ବାଞ୍ଛାନିଧି ମଲ୍ଲିକ, ଅଜୟ ସାହୁ, ବିଦ୍ୟାଧର ବେହେରା, ଆଦି ଉପସ୍ଥିତଥିଲେ। ପରିଷଦର ସାଂସ୍କୃତିକ ସମ୍ପାଦକ ଅଶୋକ ପଲେଇ ସଂଗୀତ ପରିବେଷଣ କରିଥିବା ବେଳେ ବାର୍ତ୍ତା ସଂପାଦକ ମୀନକେତନ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ। ନିମାଇଁ ଚରଣ ଦାସ, ଆକାଶ ମଲ୍ଲିକ, ଅଶୋକ କୁମାର ମଲ୍ଲିକ, ନରେନ୍ଦ୍ର କୁମାର ମଲ୍ଲିକ, ଟୁଟୁ ପ୍ରଭାତ ରାଉତରାୟ ମଞ୍ଚ ପରିଚାଳନା କରିଥିଲେ।

## ନଗରୀରେ ମନ୍ଦିର ପ୍ରତିଷ୍ଠା ଉତ୍ସବ



ଫୁଲନଖରା (ପିଏନ୍)-ସଦର ଥାନା ଅନ୍ତର୍ଗତ ନଗରୀ ମୌଜା ବିଶ୍ୱନାଥ ମହାଦେବ ପୀଠ ପରିସରରେ ଥିବା ଗୋପୀନାଥ ଜୀୟୁ ଓ ହନୁମାନ ମନ୍ଦିର ବାର୍ଷିକ ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ପଣ୍ଡିତ ବ୍ରହ୍ମାନନ୍ଦ ହୋତାଶର୍ମାଙ୍କ ପୌରୋହିତ୍ୟରେ ଏକ ଦିବସୀୟ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଥିଲା। ମଦନମୋହନ ପୂଜା କମିଟି ସଂଯୋଜକ ବାଳକୃଷ୍ଣ ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମଦନ ମୋହନ ଭାଗବତ ସେବା ପରିଷଦ ପକ୍ଷରୁ ଭାଗବତ ପାଠ କରାଯାଇଥିଲା। ଏହି ଅବସରରେ ଅଞ୍ଚଳର ଭାଗବତ ପ୍ରେମୀ ଯୋଗେନ୍ଦ୍ର ପାତ୍ର, ଲଳିତକୁମାର ରଥ, ଲକ୍ଷ୍ମୀଧର ମୁଦୁଲି, ବ୍ରଜବନ୍ଧୁ ପଟ୍ଟନାୟକ, କାହ୍ନୁଚରଣ ପାତ୍ର, ଶୈଳଜାନନ୍ଦ ସାହୁ, ପୀତାମ୍ବର ପାତ୍ର, ଲୋକନାଥ ପାତ୍ର, ପୂର୍ଣ୍ଣଚନ୍ଦ୍ର ଆଚାର୍ଯ୍ୟ, କାଶୀନାଥ ପାତ୍ର ଓ ଆଧ୍ୟାତ୍ମିକ ପତ୍ରିକା 'ଯୋଗମାୟା' ସମ୍ପାଦିକା ଲିପ୍ସା ମହାପାତ୍ରଙ୍କୁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ବର୍ଦ୍ଧନା ଦିଆଯାଇଥିଲା। ପ୍ରଦୀପକୁମାର ବେହେରା ଓ ନୀଳିମା ବେହେରାଙ୍କ ସମେତ ନଗରୀ ଗ୍ରାମବାସୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଣ୍ଡିଆନ ସିଟିଜେନ୍ସ ପାର୍ଟି ତରଫରୁ କାନନ ଦାଶଙ୍କୁ ଅଭିନନ୍ଦନ

କଟକ (ପିଏନ୍) : ବରିଷ୍ଠ ସାମ୍ବାଦିକ ଶ୍ରୀ କାନନବିହାରୀ ଦାଶ ଓଡ଼ିଶାର ଲୋକପ୍ରିୟ ଖବରକାଗଜ 'ସମାଜ'ର ନୂତନ ସମ୍ପାଦକ ଭାବେ ଦାୟିତ୍ୱ ଗ୍ରହଣ କରିଥିବାରୁ ଇଣ୍ଡିଆନ୍ ସିଟିଜେନ୍ସ ପାର୍ଟିର ସଭାପତି ଶ୍ରୀ ରମେଶ ରାଉତ ଶ୍ରୀଯୁକ୍ତ ଦାଶଙ୍କୁ ଅଭିନନ୍ଦନ ଜଣାଇଛନ୍ତି। ଶ୍ରୀ ଦାଶ ସମାଜ କାର୍ଯ୍ୟାଳୟରେ ପହଞ୍ଚି ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ପରେ ତାଙ୍କୁ ବିଭିନ୍ନ ମହଲରୁ ସ୍ୱାଗତ କରାଯାଇଛି।

## ଜୁନିଅର ରେଡକ୍ରସ ତାଲିମ ଶିବିର ଉଦ୍‌ଯାପିତ




କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲା ଶିକ୍ଷା ଅଧିକାରୀ ସଞ୍ଜିବ କୁମାର ସିଂଙ୍କ ପ୍ରତ୍ୟେକ୍ଷ ତତ୍ୱାବଧାନରେ ଭାରତୀୟ ରେଡକ୍ରସ ସୋସାଇଟ ଓଡିଶା ଶାଖା ଓ କେନ୍ଦ୍ରାପଡା ଜିଲ୍ଲା ଜୁନିଅର ରେଡକ୍ରସର ମିଳିତ ଆନୁକୁଲ୍ୟରେ କେନ୍ଦ୍ରାପଡା ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ତ୍ରିଦିବସୀୟ ଜୁନିଅର ରେଡକ୍ରସ ପ୍ରଶିକ୍ଷଣ ଶିବିର ଉଦଯାପିତ ହୋଇଯାଇଛି। ରେଡକ୍ରସର ଇତିହାସ, ଜୁନିଅର ରେଡକ୍ରସ ମାର୍ଗଦର୍ଶକଙ୍କ ଭୂମିକା, ବିଦ୍ୟାଳୟ ନିରାପତ୍ତା, ବିପର୍ଯ୍ୟୟ ପରିଚାଳନା, ସଡକ ସୁରକ୍ଷା, ପ୍ରାଥମିକ ଚିକିତ୍ସା, ଶିଶୁ ଅଧିକାର, ବିଶ୍ୱ ତାପାୟନ, ପାଣିପାଗ ପରିବର୍ତ୍ତନ, ବୃକ୍ଷରୋପଣ, ରକ୍ତଦାନ, ଏଡସ ସଚେତନତା ଓ କୋଭିଡ ସଚେତନତା ପ୍ରଭୃତି ବିଷୟରେ ଜିଲ୍ଲାର ୯ଟି ମଣ୍ଡଳରୁ ୧୯ଜଣ ମାର୍ଗଦର୍ଶକ ଓ ୧୨ଜଣ ମାର୍ଗଦର୍ଶିକାଙ୍କୁ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ରାଜ୍ୟ ଜୁନିଅର ରେଡକ୍ରସ ଅଧିକାରୀ ଲକ୍ଷ୍ମଣ ସ୍ୱାଇଁ, ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ନିରଞ୍ଜନ ବେହେରା, ଜିଲ୍ଲା ସାମାଜିକ ସୁରକ୍ଷା ଅଧିକାରୀ ପ୍ରଭାସ ଚନ୍ଦ୍ର ଦାସ, ଜିଲ୍ଲା ଡାକ୍ତରଖାନାର ରେଡକ୍ରସ ରକ୍ତଭଣ୍ଡାର ଅଧିକାରୀ ଡା. ମାନସ କୁମାର ଜେନା, ସାଧନକର୍ମୀ ଅଶୋକ କୁମାର ଦାଶ, ସତ୍ୟବ୍ରତ ପଣ୍ଡା, ବଙ୍କିମ ବିହାରୀ ମହାନ୍ତି ଓ ତପନ କୁମାର ଦାଶ ପ୍ରମୁଖ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ଶ୍ରୀ ସିଂ ଯୋଗଦେଇ ଜାତି, ଧର୍ମ ,ବର୍ଣ୍ଣ ନିର୍ବିଶେଷରେ ମଣିଷର ସେବା କରି ମଣିଷ ପରି ମଣିଷ ଟିଏ ହେବା ପାଇଁ ଆହ୍ୱାନ ଦେଇଥିଲେ। ଜୁନିଅର ରେଡକ୍ରସର ଜିଲ୍ଲା ସମ୍ପାଦିକା ସ୍ମିତା ପ୍ରତିଭା ସାହୁ ବିଦ୍ୟାଳୟ ସ୍ତରରେ ଜୁନିଅର ରେଡକ୍ରସର କାର୍ଯ୍ୟକ୍ରମକୁ ତ୍ୱରାନ୍ୱିତ କରିବା ସହ ପିଲାମାନଙ୍କୁ ମୂଲ୍ୟବୋଧ ଭିତ୍ତିକ ଶିକ୍ଷା ଦେବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଶିବ ପ୍ରସାଦ ନାୟକ ସ୍ୱାସ୍ଥ୍ୟ, ସେବା ଓ ବନ୍ଧୁତାର ମନ୍ତ୍ରରେ ସମସ୍ତେ ଅଭିମନ୍ତ୍ରିତ ହେବା ପାଇଁ ମତବ୍ୟକ୍ତ କରିଥିଲେ। ଜିଲ୍ଲା ଜୁନିଅର ରେଡକ୍ରସ ଅଧିକାରୀ ଶ୍ରୀ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ୨୧ ନମ୍ବର ୱାର୍ଡରେ କଂଗ୍ରେସ ପ୍ରାର୍ଥୀ ଲିଙ୍ଗରାଜଙ୍କ ପ୍ରଚାର ଯୋରଦାର

କେନ୍ଦ୍ରାପଡା (ପିଏନ୍): କେନ୍ଦ୍ରାପଡା ପୌରାଞ୍ଚଳର ୨୧ନମ୍ବର ୱାର୍ଡରେ ଜାତୀୟ କଂଗ୍ରେସର କାଉନସିଲର ପ୍ରାର୍ଥୀ ଲିଙ୍ଗରାଜ କର ତାଙ୍କ ନିର୍ବାଚନୀ ପ୍ରଚାରକୁ ଯୋରଦାର କରିଛନ୍ତି। ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ଜିଲ୍ଲା କଂଗ୍ରେସ ଉପସଭାପତି ପ୍ରଫୁଲ୍ଲ କୁମାର ଦାସ ଓ ନଗର କଂଗ୍ରେସ ସଭାପତି ରାଜେଶ ମହାନ୍ତି ପ୍ରମୁଖ ୨୧ନମ୍ବର ୱାର୍ଡର କଜଳା,



ଭ୍ରମରଦିଆପାଟଣା ପ୍ରଭୃତି ଗ୍ରାମର ଘରକୁ ଘର ବୁଲି କାଉନସିଲର ପ୍ରାର୍ଥୀ ଶ୍ରୀ କରଙ୍କ ସପକ୍ଷରେ ନିର୍ବାଚନ ପ୍ରଚାର କରିବା ସହ ହାତ ଚିହ୍ନରେ ସୁଇଚ ଟିପି ଦଳର ପ୍ରାର୍ଥୀଙ୍କୁ ବିପୁଳ ସଂଖ୍ୟାରେ ଭୋଟଦେଇ ଜିତାଇବାକୁ ନିବେଦନ କରିଥିଲେ। ଶ୍ରୀ କର ଜଣେ ସରଳ, ନିଷ୍କପଟ, ମେଳାପି ଓ ସମାଜସେବୀ ବ୍ୟକ୍ତି ଭାବେ ଏହି ଅଞ୍ଚଳରେ ପରିଚିତ। ଶ୍ରୀ କର ବିଭିନ୍ନ ସମୟରେ ଗରୀବ ଓ ଅସହାୟ ଲୋକମାନଙ୍କୁ ସହାୟତାର ହାତ ବଢାଇ ଥାନ୍ତି। ନିର୍ବାଚନ ଆଉ ଅଳ୍ପ କିଛିଦିନ ବାକି ଥିବା ବେଳେ ତାଙ୍କ ପ୍ରତି ଜନ ସମର୍ଥନ ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏହି ପ୍ରଚାରରେ ଶ୍ରୀ କରଙ୍କ ସହିତ ଶତାଧିକ ମହିଳା ଓ ପୁରୁଷମାନେ ସ୍ୱତପ୍ରବୃତ୍ତ ଭାବେ ସାମିଲ ହୋଇ ଶ୍ରୀ କରଙ୍କୁ ଜିତାଇବାକୁ ନିବେଦନ କରିଥିଲେ।

**DISPLAY CLASSIFIED**

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road, Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଶିଶୁ ସାହିତ୍ୟ ପୁରସ୍କାର ନରେନ୍ଦ୍ର ପ୍ରସାଦ ଦାସଙ୍କୁ ସମ୍ବର୍ଦ୍ଧନା







ଭୁବନେଶ୍ୱ.(ପି.ଏନ): କେନ୍ଦ୍ର ସାହିତ୍ୟ ଏକାଡେମୀ ଶିଶୁ ସାହିତ୍ୟ ପୁରସ୍କାରରେ ସମ୍ମାନୀତ ହୋଇଛନ୍ତି ବିଶିଷ୍ଟ ଶିଶୁ ସାହିତ୍ୟିକ ଡ.ନରେନ୍ଦ୍ର ପ୍ରସାଦ ଦାସ। ଏହି ଅବସରରେ ଆଜି ଓଡିଶା ଶିଶୁ କିଶୋର ସାହିତ୍ୟ ଏକାଡେମୀ ଆନୁକୂଲ୍ୟରେ ଏକ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ଜୟଦେବ ଶିକ୍ଷା କେନ୍ଦ୍ର ସଭାମଣ୍ଡପରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ପୌରୋହିତ୍ୟ କରି ଅନୁଷ୍ଠାନର ସଭାପତି ଦାସ ବେନହୁର କହିଲେ ବିଶିଷ୍ଟ ବ୍ୟକ୍ତିଙ୍କୁ ସମ୍ମାନ ପ୍ରଦାନ କରିବା ହେଉଛି ମହାନ ଭାରତୀୟ ସଂସ୍କୃତି । ଯାହା ଆମ ସମାଜରେ ପ୍ରଚଳିତ ହୋଇଆସୁଛି । ମୁଖ୍ୟ ଅତିଥିଭାବେ ଓଡିଶା ଶିଶୁ ସାହିତ୍ୟ ସମିତିର ପୂର୍ବତନ ସମ୍ପାଦକ କବି ଶଶି ଭୂଷଣ ବିଶ୍ୱାଳ ଯୋଗ ଦେଇ ଡ. ଦାସଙ୍କୁ ଶିଶୁ ସାହିତ୍ୟିକ ଜୀବନ ଓ କୃତୀ ସମ୍ପର୍କରେ ଆଲୋଚନା କରିଥିଲେ । ସମ୍ବର୍ଦ୍ଧନାର ଉତର ପ୍ରଦାନ କରି ଡ. ଦାସ କହିଲେ ଏହି ସମ୍ବର୍ଦ୍ଧନା ଆଗାମୀ ଦିନରେ ତାଙ୍କୁ ଆହୁରି ଉଚ୍ଚକୋଟୀର ଶିଶୁ ସାହିତ୍ୟ ସର୍ଜନା କରିବାକୁ ପ୍ରେରଣା ଦେବ । କାର୍ଯ୍ୟକ୍ରମ ଆରମ୍ଭରେ ଅନୁଷ୍ଠାନର କାର୍ଯ୍ୟକାରୀ ସମ୍ପାଦକ ଶରତ କୁମାର ନାୟକ ଡ. ଦାସଙ୍କ ପୁରସ୍କୃତ ପୁସ୍ତକ 'କୋଳାହଳ ନା କୋଳାହଳ' ସମ୍ପର୍କରେ ବକ୍ତବ୍ୟ ରଖିଥିଲେ । ଶ୍ରୀ ଜୟଦେବ ଶିକ୍ଷା କେନ୍ଦ୍ରର ପ୍ରଧାନ ଆଚାର୍ଯ୍ୟ ପ୍ରଦୀପ କୁମାର ପାଣି ସ୍ୱାଗତ ସୂଚନା ପ୍ରଦାନ କରିଥିଲେ । କୋଷାଧକ୍ଷ ରବୀନ୍ଦ୍ରନାଥ ମାଝି ଅତିଥି ପରିଚୟ ପରଦାନ କରିଥିଲେ । ଅନୁଷ୍ଠାନର ସମ୍ପାଦକ ବୀରେନ୍ଦ୍ର ମହାନ୍ତି ଧନ୍ୟବାଦ ଦେଇଥିଲେ । ଏହି ଅବସରରେ 'ଇଟିକିଲି ମିଟିକିଲି' ପକ୍ଷରୁ ଅନିତା ରଥ, ଶିଶୁ ପ୍ରତିଭା ତରଫରୁ ପ୍ରକାଶ ମଙ୍ଗରାଜ ଓ 'ସୃଜନୀ' ତରଫରୁ ହରିହର ଶୁକ୍ଳା ଡ. ଦାସଙ୍କୁ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ ।

## କୁଲୁତା ସମାଜ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ

ବଲାଙ୍ଗୀର,(ପି.ଏନ): ରବିବାର ସକାଳ ଘ.୯ ସମୟରେ ସ୍ଥାନୀୟ ଅଗ୍ରସେନ ଭବନ ଠାରେ ବଲାଙ୍ଗୀର କୁଲୁତା ସମାଜର ନୂଆଁଖାଇ ଭେଟ୍‌ଘାଟ ପାଳିତ ହୋଇଅଛି। ସର୍ବପ୍ରଥମେ ଇଷ୍ଟଦେବୀ ଶ୍ରୀ ଶ୍ରୀ ରଣେଶ୍ୱର ରାମଚଣ୍ଡିଙ୍କର ପୂଜାର୍ଚ୍ଚନା ପରେ ଦିବଂଗତ ଆତ୍ମାର ସଦ୍‌ଗତି ନିମନ୍ତେ ୨ ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ମୁଖ୍ୟଅତିଥି ଭାବରେ ଦେବକୀ ସାହୁ ଜିଲ୍ଲା ପରିଷଦ ଅଧକ୍ଷା ବଲାଙ୍ଗୀର, ସମ୍ମାନିତ ଅତିଥି ଭାବରେ ସରୋଜ କୁମାର ପଧାନ ବ୍ଲକ ଅଧକ୍ଷ ପୁଇଁନ୍ତଲା ବ୍ଲକ ଯୋଗଦାନ କରି ନୂଆଁଖାଇ ଭେଟ୍‌ଘାଟର ଶୋଭାବର୍ଦ୍ଧନ କରିଥିଲେ। ସମ୍ପାଦକ ଶାନ୍ତନୁ କୁମାର ଭୋଇ ତାଙ୍କର ସମ୍ପାଦକୀୟ ଅଭିଭାଷଣ ପରେ ପରେ ମାଟ୍ରିକ ପରୀକ୍ଷାରେ ୮୦ ପ୍ରତିଶତରୁ ଅଧିକ ମାର୍କ ରଖିଥିବା ୧୧ ଜଣ କୃତି ଛାତ୍ରଛାତ୍ରୀ, ଯୁକ୍ତ ଦୁଇ ପରୀକ୍ଷାରେ ୮୦ ପ୍ରତିଶତ ମାର୍କ ରଖି ଉତୀର୍ଣ୍ଣ ହୋଇଥିବା ୪ ଜଣ ଛାତ୍ର ଛାତ୍ରୀ ତଥା ମେଡ଼ିକାଲ ପରୀକ୍ଷାରେ ଉର୍ତୀର୍ଣ୍ଣ ହୋଇଥିବା ଜଣେ ଛାତ୍ରଙ୍କୁ ସମାଜ ତରଫରୁ ମାନପତ୍ର ସହ ସମ୍ବର୍ଦ୍ଧିତ କରାଯାଇଥିଲା। ସମାଜରେ ରହୁଥିବା ୭୫ ବର୍ଷରୁ ଉର୍ଦ୍ଧ୍ୱ ବ୍ୟକ୍ତି ଦେଶର ଅମୃତ ମହୋତ୍ସବ ଅବସରରେ ବିଶେଷ ଭାବରେ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।

# ମୟୂରଭଞ୍ଜ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ଗୁରୁଦିବସ ପାଳିତ



ବାରିପଦା ,(ପି.ଏନ): ବାରିପଦା ମହାରାଜପୁରସ୍ଥିତ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟରେ ବିଦ୍ୟାଳୟର ଅଧକ୍ଷ ଦେବସ୍ମିତା ବିଶ୍ୱାଳଙ୍କ ସଭାପତିତ୍ୱରେ ଗୁରୁଦିବସ ପାଳିତ ହୋଇଯାଇଛି । ପ୍ରଥମେ ଯୁକ୍ତ ଦୁଇ ବିଜ୍ଞାନ ଓ ବାଣିଜ୍ୟ ଛାତ୍ରଛାତ୍ରୀମାନଙ୍କ ଦ୍ୱାରା ଗୁରୁ ପୂଜନ କରାଯାଇଥିଲା । ବିଦ୍ୟାଳୟର ଅଧକ୍ଷା ଦେବସ୍ମିତା ବିଶ୍ୱାଳ ସ୍ୱାଗତ ଭାଷଣ ଦେବା ସହିତ ଗୁରୁ ଦିବସର ଗୁରୁତ୍ୱ ଏବଂ ଦେଶ ଗଠନରେ ଶିକ୍ଷକମାନଙ୍କର ଭୂମିକା ଉପରେ ଆଲୋକପାତ କରିଥିଲେ । ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ଅଧକ୍ଷ ପ୍ରଦୀପ କୁମାର ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇ ଛାତ୍ରଛାତ୍ରୀମାନଙ୍କୁ ଗୁରୁ ପୂଜନର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ । ଗୁରୁ ଦିବସ ଅବସରରେ ମୟୂରଭ କଲେଜ ଅଫ୍ ଏକାଉନଟେନସି ଏଣ୍ଡ ମେନେଜମେଣ୍ଟର ପଦାର୍ଥ ବିଜ୍ଞାନ ଅଧ୍ୟାପକ ମଦନ ମୋହନ ସାହୁ, ପ୍ରାଣୀ ବିଜ୍ଞାନ ଅଧ୍ୟାପିକା ଅଭିପ୍ସା ନାୟକ ଏବଂ ବାଣିଜ୍ୟ ଅଧ୍ୟାପିକା ସବିତାରାଣୀ ଦାସଙ୍କୁ ମୟୂରଭ ସାଇନ୍ସ ହାୟାର ସେକେଣ୍ଡାରୀ ସ୍କୁଲ ତରଫରୁ ମାନପତ୍ର ଓ ଉତ୍ତରୀୟ ପ୍ରଦାନ କରାଯାଇଥିଲା । ମହାବିଦ୍ୟାଳୟର ଉପାଧକ୍ଷା ସଂଘମିତ୍ରା ରାଉତ, ଅଧ୍ୟାପିକା ସାଗରୀକା ପଣ୍ଡା, ଅଙ୍କିତା ସାହୁ, ସୁଜାତା ପାଲ, ସସ୍ମିତା ସି, ସଂଯୁକ୍ତା ମହାଂ, ରୂପାମରୀ ବେହେରା, ଜ୍ୟୋର୍ତିମୟୀ ଗିରି, ପୂର୍ଣ୍ଣିମା ମହାଂ ଏବଂ ଅଧ୍ୟାପକ ଅଂଶୁମାନ ଧରମହାପାତ୍ର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ । ତନୁଶ୍ରୀ ସାମଲ, ଅଜିତ କୁମାର ଦାସ ଓ ରବିନାରାୟଣ ହାଁସଦାଃ କାର୍ଯ୍ୟକ୍ରମ ଆୟୋଜନ କରିବାରେ ସାହାଯ୍ୟ କରିଥିଲେ ।

## ଜଗନ୍ନାଥ ଦର୍ଶନ ପ୍ରଚାର ସମିତିର ଜରୁରୀ ବୈଠକ

ଭଦ୍ରକ,(ପି.ଏନ): ଶ୍ରୀଜଗନ୍ନାଥ ଦର୍ଶନ ପ୍ରଚାର ସମିତିରେ ଏକ ବୈଠକ ଭଦ୍ରକସ୍ଥ ବାଇପାସ୍ ଶ୍ରୀଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ହୋଇଥିଲା। ଏଥିରେ ସମିତିର ମୁଖ୍ୟ ପରିଚାଳକ ପଣ୍ଡିତ ଭାଗୀରଥି ନନ୍ଦଶର୍ମା ଅଧକ୍ଷତା କରି ନିମ୍ନ ସୂଚୀତ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରାଯାଇ ନିଷ୍ପତି ଗ୍ରହଣ କରାଯାଇଥିଲା। ଶ୍ରୀ ଜଗନ୍ନାଥଙ୍କ ସ୍ତୁତି ପାଠ ପୂର୍ବକ ପୂର୍ବ ବୈଠକର ବିବରଣୀ ମୁଖ୍ୟ ଆବାହକ ସେବକ ଶରତ କୁମାର ସାହୁ ପାଠ କରିଥିଲେ। ପୂର୍ବ ବୈଠକ ବିବରଣୀ ଅନୁଯାୟୀ ସମିତିର ପ୍ରଥମ ବ୍ଲକ ସ୍ତରୀୟ ବୈଠକ ବାସୁଦେବପୁର ଠାରେ ଅନୁଷ୍ଠିତ ହେବାକୁ ସ୍ଥିର କରାଯାଇ ବିକାଶ ଚନ୍ଦ୍ର ଶତପଥୀ ଓ ସଦାନନ୍ଦ ପାଣିଗ୍ରାହୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସେଠାରେ ପ୍ରଚାର ସମିତିର ଏକ ଶାଖା ସମିତି ଗଠନ କରିବାକୁ ଆଗାମୀ ଦୁଇ ସପ୍ତାହ ମଧ୍ୟରେ ସ୍ଥିର କରାଗଲା। ତିହିଡ଼ି ବ୍ଲକ ନିମନ୍ତେ କମଳାକାନ୍ତ ମଲ୍ଲିକ ଓ ସୁଧାକର ଧନୀଙ୍କୁ ଦାୟିତ୍ୱ ଅର୍ପଣ କରାଗଲା। ସେମାନେ ଶାଖା ସମିତି ଗଠନ ନିମନ୍ତେ ସେବକ ଚୟନ କରାଯିବାକୁ ସ୍ଥିର କରିବେ। ସେହିପରି ବନ୍ତ ବ୍ଲକ ନିମନ୍ତେ ଶାଖା ସମିତି ଗଠନ ନିମନ୍ତେ ପଣ୍ଡିତ ବିଷ୍ଣୁ ମୋହନ ପଣ୍ଡା, ତ୍ରିଲୋଚନ ପଣ୍ଡା ଓ ପାତଞ୍ଜଳୀ କରଶର୍ମାଙ୍କୁ ଦାୟିତ୍ୱ ପ୍ରଦାନ କରାଗଲା।

## ବିବେକାନନ୍ଦ ଶିକ୍ଷାକେନ୍ଦ୍ର, ବିଡ଼ିଓ କଲୋନୀରେ ଗୁରୁଦିବସ ପାଳନ ଅବସରରେ ପ୍ରତିଭା ସମ୍ମାନ ସମାରୋହ



ଭୁବନେଶ୍ୱର,(ପି.ଏନ): ଅଦ୍ୟ ୧୩୫ ତମ ଗୁରୁଦିବସ ଅବସରରେ ବିବେକାନନ୍ଦ ଶିକ୍ଷାକେନ୍ଦ୍ର ପ୍ରାଙ୍ଗଣରେ ଦେଶର ପ୍ରଥମ ଉପରାଷ୍ଟ୍ରପତି ତଥା ରାଷ୍ଟ୍ରପତି ଡଃ ସର୍ବପଲ୍ଲୀ ରାଧାକ୍ରୀଷ୍ଣଙ୍କ ଜନ୍ମଜୟଂ‍ୀ ପାଳନ ସହିତ ଗୁରୁପୁଜନ ମହାସମାରୋହରେ ପାଳନ କରାଯାଇଅଛି। ଉକ୍ତ ସମାରୋହରେ ବିଦ୍ୟାଳୟର ୪୦୦ ରୁ ଉର୍ଦ୍ଧ୍ୱଛାତ୍ରଛାତ୍ରୀ ବିଦ୍ୟାଳୟର ସମସ୍ତ ଶିକ୍ଷକ/ ଶିକ୍ଷୟତ୍ରୀ ମାନଙ୍କୁ ଫୁଲ ଚନ୍ଦନ ଦେଇ ବନ୍ଦନା କରିବା ସହିତ ଗୁରୁବନ୍ଦନା ଗାନ କରିଥିଲେ। ଉକ୍ତ ଉତ୍ସବରେ ବିଦ୍ୟାଳୟର ଚଳିତବର୍ଷ ଦଶମ ଶ୍ରେଣୀ ବୋର୍ଡ଼ ପରିକ୍ଷାରେ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ୧୦ ଜଣ ଛାତ୍ରଛାତ୍ରୀଙ୍କୁ ବିଦ୍ୟାଳୟ ତରଫରୁ ସମ୍ମାନୀତ କରିବା ସହିତ ୧୪ ଜଣ ସ୍କାଉଡ୍‌ ଗାଇଡ଼ ଛାତ୍ରଛାତ୍ରୀଙ୍କୁ ରାଜ୍ୟପାଳ ପୁରସ୍କାର ପ୍ରଦାନ କରାଯାଇଥିଲା। ଉକ୍ତ ଉତ୍ସବରେ ଜେଡ଼ିୟୁଭିର ନିର୍ଦ୍ଦେଶକ ଶ୍ରୀ ବି.କେ ସାହୁ ଡଃ ଆର.ସି. ରାଉତ, ସୁଦେଷ୍ଣା ମିଶ୍ର (ପ୍ରସନ୍ନ ଫାଉଣ୍ଡେସନ), ଡଃ ଅଶୋକ ସାହୁ ବିଦ୍ୟାଳୟର ସଭାପତି ମଦନ ମୋହନ ଧଳ, ବିଦ୍ୟାଳୟର ସଂପାଦକ ଅକ୍ଷୟ କୁମାର ତ୍ରିପାଠୀ, ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ଗୁରୁଦିବସରେ ଶୁଭେଚ୍ଛା ଜଣାଇବା ସହ ଉତିର୍ନ୍ନ ଛାତ୍ରଛାତ୍ରୀଙ୍କ ଭବିଷ୍ୟ ଉଜ୍ଜଳ କାମନା କରିଥିଲେ। ବିଦ୍ୟାଳୟର ପ୍ରଧାନଆଚାର୍ଯ୍ୟ ଶ୍ରୀ ଗଙ୍ଗାଧର ମହାରଣା ଗୁରୁଦିବସର ତାପର୍ଯ୍ୟ ସଂପର୍କରେ ଛାତ୍ରଛାତ୍ରୀମାନଙ୍କୁ ଉଦ୍‌ବୋଧନ ଦେବା ସହ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶ୍ରୀ ଲୋକନାଥ ପ୍ରହରାଜ, ବିଜୟ କୁମାର ଦାସ, ଅଭୟ କୁମାର ଶତପଥି, ସୁଧିର କୁମାର ବେହେରା, ବିପାଶା ପାତ୍ର ଓ ଅନ୍ୟମାନେ ସଭାକୁ ପରିଚାଳନା କରିଥିଲେ।

# ଗେଙ୍ଗୁଟି ନଦୀର ବାମ ପାର୍ଶ୍ୱ ନଦୀବନ୍ଧର ଉନ୍ନତିକରଣ ପାଇଁ ଶୁଭ ଶିଳାନ୍ୟାସ




ଦର୍ପଣ,(ପି.ଏନ.):୫୩ନଂ ଜାତୀୟ ରାଜପଥ ଠାରୁ ରେଲୱେ ବ୍ରିଜ ପର୍ଯ୍ୟନ୍ତ ଗେଙ୍ଗୁଟି ନଦୀର ବାମ ପାର୍ଶ୍ୱ ନଦୀବନ୍ଧକୁ ସୁଦୃଢ଼ କରିବା ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ୭୩ ଲକ୍ଷ ଅର୍ଥରାଶି ମଞ୍ଜୁର କରାଯାଇଅଛି। ଆଜି ବଡଚଣାର ବିଧାୟକ ଅମର ପ୍ରସାଦ ଶତପଥି ବେଣାପୁର ଠାରେ ନଦୀବନ୍ଧ ରାସ୍ତାର ଶିଳାନ୍ୟାସ କରିଛନ୍ତି। ମହାନଦୀ ନର୍ଥ ଡିଭିଜନର ସହକାରୀ ନିର୍ବାହୀ ଯନ୍ତ୍ରୀ ଇଂ ସତୀପ୍ରକାଶ ଦାସ, ଜୁନିୟର ଇଂଜିନିୟର ଅଶୋକ କୁମାର ସାହୁ, ଇଂଜିନିୟର ପ୍ରତ୍ୟୁଷ କୁମାର ତରାଇ, ମାନ୍ୟବର ବିଧାୟକ ଶ୍ରୀ ଶତପଥିଙ୍କୁ ପାଛୋଟି ଆଣି ଶିଳାନ୍ୟାସ ସ୍ଥାନରେ ପହଂଚାଇଥିଲେ। ସେଠାରେ ବୀଧାୟକ ଶ୍ରୀ ଶତପଥି ଫଳକ ଉଦଘାଟନ କରିଥିଲେ। ଉତ୍ସବରେ ଯାଜପୁର ଜିଲ୍ଲାପରିଷଦ ଉପାଧକ୍ଷ ଗଣେଶ୍ୱର ବରାଳ, ଜିଲ୍ଲାପରିଷଦ ସଭ୍ୟ ଅରବିନ୍ଦ ସାମଲ, ମିଶନ ଶକ୍ତି ଅଧକ୍ଷା ଶ୍ରୀମତୀ କିଚିନା ମହାପାତ୍ର, ପ୍ରାକ୍ତନ ଜିଲ୍ଲା ପରିଷଦ ସଭ୍ୟ ମାନଗୋବିନ୍ଦ ସେଠୀ, ଶାନ୍ତିପୁର ସରପଂଚ ମୀନକେତନ ସେଠି, ସମିତିସଭ୍ୟ ରବୀନ୍ଦ୍ର ସେଠୀ, ପ୍ରାକ୍ତନ ସରପଂଚ ଆଶିଷ ରଞ୍ଜନ ଚୌଧୁରୀ ପ୍ରମୁଖ ଯୋଗଦେଇଥିଲେ। ସେଠାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ଭାବେ ବିଧାୟକ ଅମର ପ୍ରସାଦ ଶତପଥି ଯୋଗଦେଇ ଓଡିଶାର ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଗ୍ରାମାଂଚଳରେ ବିକାଶମୁଖୀ କାର୍ଯ୍ୟକୁ ଭୂୟୀଶୀ ପ୍ରଶଂସା କରିଥିଲେ। ବିରୂପା-ଗେଙ୍ଗୁଟି ଦୀପାଂଚଳରେ ଥିବା ଚାଷୀମାନଙ୍କର ସୁବିଧା ପାଇଁ ସରକାର ପ୍ରଚେଷ୍ଟା ଜାରିରଖି ଚାଷଜମିକୁ କେନାଲ ଦ୍ୱାରା ଜଳସେଚନର ସୁବିଧା ଦିଆଯାଇପାରିବ ଏବଂ ୫୩ନଂ ଜାତୀୟ ରାଜପଥ ବେଣାପୁର ଠାରୁ କୁସୁନପୁର ପର୍ଯ୍ୟନ୍ତ ଗେଙ୍ଗୁଟି ନଦୀର ବାମପାର୍ଶ୍ୱ ନଦୀବନ୍ଧକୁ ଖୁବଶୀଘ୍ର କାର୍ଯ୍ୟ ସମ୍ପନ୍ନ ପାଇଁ ବିଭାଗୀୟ କର୍ତୃପକ୍ଷଙ୍କୁ କହିବା ସହିତ ନଦୀବନ୍ଧରେ ଉପକୃତ ଲୋକମାନେ ସମ୍ପୂର୍ଣ୍ଣ ସାହାର୍ଯ୍ୟ ସହ ଯୋଗ କରିବା ପାଇଁ ପ୍ରକାଶ କରିଥିଲେ।




2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com

Find us on
Facebook.com/Mps, Baripada




ପର୍ଯ୍ୟବେକ୍ଷକ
PARYABEKHYAK





Bhubaneswar Tuesday September 06, 2022 ଭୁବନେଶ୍ୱର ମଙ୍ଗଳବାର, ସେପ୍ଟେମ୍ବର ୦୬,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com




## ଭାରତୀୟ ଜନତା ଯୁବମୋର୍ଚ୍ଚା କେନ୍ଦୁଝର ଜିଲ୍ଲା ପକ୍ଷରୁ ସାମ୍ବାଦିକ ସମ୍ମିଳନୀ





ଘଷିପୁରା,(ପି.ଏନ):ଘଷିପୁରାର ହୋଟେଲ ଗାୟତ୍ରୀ ଠାରେ କେନ୍ଦୁଝର ଜିଲ୍ଲା ଭାରତୀୟ ଜତନା ଯୁବମୋର୍ଚ୍ଚା ପକ୍ଷରୁ ଏକ ସାମ୍ବାଦିକ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । କେନ୍ଦୁଝର ଜିଲ୍ଲା ବିଜେପି ଯୁବମୋର୍ଚ୍ଚା ସଭାପତି ହେମରନ ବାରିକ ଓ ଯୁବମୋର୍ଚ୍ଚା ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ଯଜ୍ଞପ୍ରସାଦ ସାହୁ ଏକ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଟାର୍ଗେଟ୍ କରିଥିବା ବେଳେ ରାଜ୍ୟ ସରକାରଙ୍କୁ ୨୨ଗୋଟି ସମସ୍ୟାକୁ ନେଇ ପ୍ରଶ୍ନ ପଚାରିଛନ୍ତି । କେନ୍ଦୁଝର ଜିଲ୍ଲାର ଆର୍ଥିକ ମେରୁଦଣ୍ଡ ଥିବା ଟ୍ରକ୍ ବ୍ୟବସାୟର ତଥ୍ୟକୁ ଲୁଚାଇ ବନ୍ଦ କରି ସ୍ଲରି ପାଇପ୍ ଯୋଗେ ଖଣିଜ ପଦାର୍ଥକୁ ପରିବହନ କରିବା କାହା ସ୍ୱାର୍ଥରେ, ଖଣିଖାଦାନ ଭରା କେନ୍ଦୁଝର ଜିଲ୍ଲାର ଶିକ୍ଷିତ ଯୁବକ ଯୁବତୀଙ୍କୁ ନିଯୁକ୍ତି ନଦେଇ ବାହାର ରାଜ୍ୟରୁ ପିଲାଙ୍କୁ ଆଣି ନିଯୁକ୍ତି ଦେବା ଏବଂ ଆମ ଜିଲ୍ଲାର ପିଲାଙ୍କୁ ଦାଦନ ଖଟେଇବାକୁ ବାଧ କରୁଛି କିଏ ? ପ୍ରଧାନମନ୍ତ୍ରୀ ଆବାସରେ ୧୦୦ କୋଟି ଟଙ୍କାର ମହାଦୁର୍ନୀତିରେ କେଉଁମାନେ ସମ୍ପୃକ୍ତ ଅଯୋଗ୍ୟ ହିତାଧିକାରୀ ମାନଙ୍କୁ ଯୋଗ୍ୟ ଦର୍ଶାଇବା ପଛରେ କେଉଁମାନେ ସଂପୃକ୍ତ, ତେଲକୋଇ ବ୍ଲକରେ ୪୫ଟି ପରିବାରକୁ ୧୩୩ଟି ଘର କେବଳ ଭିତ୍ତିପ୍ରସ୍ତରରେ ସମ୍ପୃକ୍ତି ଟଙ୍କା ଉଠାଣ ଏଥିପାଇଁ ଦାୟୀ କିଏ, ସହରାଞ୍ଚଳରେ ସମସ୍ତ ଭୂମିହୀନ ମାନଙ୍କୁ ଜମିପଟ୍ଟା ମିଳିବ କେବେ, ବୈତରଣୀ ସୁରକ୍ଷା ଏବଂ ୪ ଦଶନ୍ଧିରେ ଅସମ୍ପୂର୍ଣ୍ଣ କାନପୁର ଜଳପ୍ରପାତ ସମ୍ପୂର୍ଣ୍ଣ ହେବ କେବେ, ଅପପୃଷ୍ଟି ଏବଂ ଶିଶୁ ମୃତ୍ୟୁ ଭଳି ଉତ୍କଟ ସମସ୍ୟାକୁ ମୁକ୍ତି କେବେ କରିବେ ସରକାର, ପ୍ରଶାସନିକ ଅଧିକାରୀଙ୍କ ସର୍ବାଧିକ ୩ ବର୍ଷରେ ବଦଳି ହେବା ନିୟମ ଥିବା ସତ୍ତ୍ୱେ ଜିଲ୍ଲାର ୫ବର୍ଷରୁ ଉର୍ଦ୍ଧ୍ୱ ସମୟ ବିତି ଯାଇଥିଲେ ମଧ୍ୟ ବଦଳି ନହେବା କାହା ସ୍ୱାର୍ଥରେ, ଆଦିବାସୀ ବହୁଳ କେନ୍ଦୁଝର ଜିଲ୍ଲାର ମୂଳ ଆଦିବାସୀ ଏବଂ ଅଧିବାସୀଙ୍କ ଅଧିକାରରୁ ବଂଚିତ କରି ଆମ ଜିଲ୍ଲାକୁ ଦରିଦ୍ର ସୀମାରେଖା ତଳେ ରଖିବା ପଛରେ ଦାୟୀ କିଏ, କେନ୍ଦୁଝର ଜିଲ୍ଲାର ମହିଳା ମାନଙ୍କ ପ୍ରତି ନିର୍ଯ୍ୟାତନା, ଦୁଷ୍କର୍ମ ଏବଂ ହତ୍ୟା କେବେ ବନ୍ଦ ହେବ ରାଜ୍ୟ ସରକାର ଏହାର ଉତ୍ତର ଦେବେ କି ? କେନ୍ଦୁଝର ବିଧାୟକଙ୍କୁ ବୋମା ମାଡ ହୋଇଛି, ଜିଲ୍ଲାର ଆଦିବାସୀ ମାନଙ୍କ ଉପରେ ମିଥ୍ୟା କେସ୍ ଜୁଲମ କରାଯାଇଛି । ଘଷିପୁରା ଅଂଚଳରେ ଦିନ ଦ୍ୱିପ୍ରହରରେ ଗୁଳି ଫୁଟାଇ ହତ୍ୟା କରାଯାଇଥିବା ଘଟଣା ଜିଲ୍ଲାରେ ବଢି ଚାଲିଥିବ । ଭ୍ରଷ୍ଟାଚାର ପିସି କାରବାରରୁ କେବେ ମୁକ୍ତ ହେବେ କେନ୍ଦୁଝର ଜିଲ୍ଲାବାସୀ । ଘନ ଘନ ବିଜୁଳି କାଟ ଏବଂ ଅହେତୁକ ବିଜୁଳି ଦର ବୃଦ୍ଧି ଲୋକଙ୍କୁ ହନ୍ତସନ୍ତ କରିବା କାହା ସ୍ୱାର୍ଥରେ ? ଏହିଭଳି ୨୨ ଗୋଟି ପ୍ରଶ୍ନ ସାମ୍ବାଦିକ ସମ୍ମିଳନୀରେ ରାଜ୍ୟ ସରକାରଙ୍କୁ ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ହେମରନ ବାରିକ ପ୍ରଶ୍ନ କରିଥିଲେ ।

## ବିଦ୍ୟୁତ୍‌କାଟ୍‌କୁ ନେଇ ଜିଲ୍ଲାପାଳଙ୍କୁ ଦାବିପତ୍ର

ମହାଦେଇଯୋଡା,(ପି.ଏନ):କେନ୍ଦୁଝର ଜିଲ୍ଲା ସଦର ବ୍ଲକ ଅନ୍ତର୍ଗତ ମହାଦେଇଯୋଡା ଗ୍ରାମରେ ପ୍ରତ୍ୟେକ ଦିନ ରାତି ୧୦ଟାରୁ ସକାଳ ୧୦ଟା ପର୍ଯ୍ୟନ୍ତ ବିଦ୍ୟୁତ୍ କାଟ୍‌କୁ ନେଇ ସ୍ଥାନୀୟ ଗ୍ରାମବାସୀ ଅସନ୍ତୋଷ ପ୍ରକାଶ କରିଛନ୍ତି । ଉକ୍ତ ସମସ୍ୟା ବାବଦରେ ଗ୍ରାମବାସୀ ବିଦ୍ୟୁତ୍ ବିଭାଗକୁ ବାରମ୍ବାର ଅବଗତ କରିଥିଲେ ମଧ୍ୟ କୌଣସି ସୁଫଳ ନମିଳିବାରୁ ବାଧ ହୋଇ ଆଜି ଗ୍ରାମବାସୀମାନେ ଜିଲ୍ଲାପାଳଙ୍କ ନିକଟରେ ଦାବିପତ୍ର ପ୍ରଦାନ କରିଛନ୍ତି । ସୂଚନ ଅନୁଯାୟୀ ମହାଦେଇଯୋଡା ଗ୍ରାମରୁ ୨୫କି.ମି.ରୁ ଉର୍ଦ୍ଧ୍ୱ ଦୂରରେ ହାତୀ ବାହାରିଲେ ବିଦ୍ୟୁତ୍ ବିଭାଗ ଏହି ଗ୍ରାମରେ ବିଦ୍ୟୁତ୍ କାଟିଥାନ୍ତି । ଯାହାର କୌଣସି କାରଣ ତଥା ପ୍ରୟୋଜନ ନାହିଁ ।

## ସ୍କୁଲ ରୂପାନ୍ତରୀକରଣ ଆଳରେ ଅର୍ଥ ହରିଲୁଟ ପାଇଁ ମସୁଧା

ସାଲେପୁର, (ପି.ଏନ): ପ୍ରଶାସନିକ ଅଧିକାରୀ ଓ ସରକାରୀ କର୍ମଚାରୀଙ୍କ ଦାୟିତ୍ୱହୀନତା କାର୍ଯ୍ୟ ଏବଂ ରାଜନୈତିକ ଜନ ପ୍ରତିନିଧିମାନଙ୍କ ବୃହତ୍ତ ସ୍ୱାର୍ଥ ପାଇଁ ଲକ୍ଷ ଲକ୍ଷ ଟଙ୍କା ସରକାରୀ ଅର୍ଥ ତୋଷାରପାତ କରାଯିବାକୁ ମସୁଧା ଚାଲିଥିବା ଜଣାଯାଇଛି । ନିଶ୍ଚିନ୍ତକୋଇଲି ମଣ୍ଡଳ ଶିକ୍ଷାଅଧିକାରୀ କାର୍ଯ୍ୟାଳୟ ଅଧିନରେ ଥିବା ସରକାରୀ ବୋଧଙ୍ଗ ବାଳିକା ଉଚ୍ଚ ବିଦ୍ୟାଳୟକୁ ତୃତୀୟ ପର୍ଯ୍ୟାୟ ୫-ଟି ଯୋଜନାରେ ଅନ୍ତର୍ଭୁକ୍ତ କରାଯାଇ ରୂପାନ୍ତରୀକରଣ କାର୍ଯ୍ୟ ପାଇଁ ସମସ୍ତ ବ୍ୟବସ୍ଥା ହୋଇଛି । ତେବେ ବର୍ତ୍ତମାନ ଏହି ବିଦ୍ୟାଳୟର ସ୍ଥିତି ପରଖିଲେ ଏହା ୫-ଟି ଯୋଜନାରେ ଅନ୍ତର୍ଭୁତ ହେବାର କୌଣସି ଯୋଗ୍ୟତା ନଥିବା କୁହାଯାଇଛି । ଏହି ବିଦ୍ୟାଳୟରେ ମାତ୍ର ୧୦ ଜଣ ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ୫-ଟି ଯୋଜନାରେ ଖର୍ଚ୍ଚ ହେବାକୁ ଥିବା ଆନୁମାନିକ ୫୦ ଲକ୍ଷ ଟଙ୍କା କାହା ସ୍ୱାର୍ଥରେ ବିନିଯୋଗ କରାଯିବ ସେ ନେଇ ସାଧାରଣରେ ପ୍ରଶ୍ନ ଉଠିଛି । ଏହି ବିଦ୍ୟାଳୟରେ ୧୦ମ ଶ୍ରେଣୀରେ ଦୁଇ ଜଣ ଛାତ୍ରୀ ଅଧ୍ୟୟନ କରୁଥିଲା ବେଳେ ନବମ ଶ୍ରେଣୀରେ ୮ ଜଣ ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଚଳିତ ମାଟ୍ରିକ ପରୀକ୍ଷାରେ ମଧ୍ୟ ଏହି ବିଦ୍ୟାଳୟରେ ମାତ୍ର ୭ ଜଣ ପରୀକ୍ଷା ଦେଇଥିଲେ । ଭବିଷ୍ୟତରେ ଏହି ସ୍କୁଲକୁ ଅଧିକ ଛାତ୍ର ଛାତ୍ରୀ ଆସି ଅଧ୍ୟୟନ କରିବାର ମଧ ସମ୍ଭାବନା କମ୍ ଥିବା ଆଶଙ୍କା ପ୍ରକାଶ ପାଇଛି । କାରଣ ଏହି ବିଦ୍ୟାଳୟ ପରିସରରେ ଥିବା ଅଷ୍ଟମ ଶ୍ରେଣୀରେ ୩ ଜଣ ଛାତ୍ରୀ, ସପ୍ତମ ଶ୍ରେଣୀରେ ୬ ଜଣ ଛାତ୍ର ଛାତ୍ରୀ, ଷଷ୍ଠ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ, ପଂଚମ ଶ୍ରେଣୀରେ ୬ ଜଣ ଛାତ୍ର ଛାତ୍ରୀ, ଚତୁର୍ଥ ଶ୍ରେଣୀରେ ୫ଜଣ ଛାତ୍ର ଛାତ୍ରୀ, ତୃତୀୟ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ, ଦ୍ୱିତୀୟ ଶ୍ରେଣୀରେ ୪ ଜଣ ଛାତ୍ର ଛାତ୍ରୀ ଏବଂ ପ୍ରଥମ ଶ୍ରେଣୀରେ ୩ ଜଣ ଛାତ୍ର ଛାତ୍ରୀ ଅଧ୍ୟୟନ କରୁଛନ୍ତି । ଏହାଛଡା ଏହି ବିଦ୍ୟାଳୟ ପରିଚାଳନା କମିଟିର କେତେକ ସଭ୍ୟ ସଭ୍ୟାମାନେ ମଧ୍ୟ ସେମାନଙ୍କର ପିଲାମାନଙ୍କୁ ଏହି ବିଦ୍ୟାଳୟରେ ନ ପଢାଇ ଅନ୍ୟ ଶିକ୍ଷାନୁଷ୍ଠାନରେ ପଢାଉଥିବା ଦେଖାଯାଇଛି । ଏଭଳି ସ୍ଥିତିରେ କାହା ସ୍ୱାର୍ଥରେ ଉକ୍ତ ସ୍କୁଲରେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରାଯିବ ତାହା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି ।

## ନିଖୋଜ ଛାତ୍ରୀଙ୍କ ମୃତଦେହ ପୋଖରୀରୁ ଉଦ୍ଧାର

ଯାଜପୁର, (ପି.ଏନ): ଟ୍ୟୁସନ ଯାଇଥିବା ନାବାଳିକା ଛାତ୍ରୀ ନିଖୋଜ ହେବା ଏବଂ ପରେ ତାଙ୍କ ମୃତଦେହ ମଙ୍ଗଳପୁର ଥାନା ଅନ୍ତର୍ଗତ ନନ୍ଦିପୁର ଛକ ନିକଟ ପୋଖରୀରୁ ଉଦ୍ଧାର ହେବା ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ସନ୍ଦେହ କରାଯାଉଛି ।ଯାଜପୁର ଜିଲ୍ଲା ବିଞ୍ଝାରପୁର ଥାନା ଅନ୍ତର୍ଗତ ବରିକୂଳ ଗ୍ରାମର ଅମୂଲ୍ୟ ଦାସଙ୍କ ଝିଅ ଅମ୍ରିତା ଦାସ ନବମ ଶ୍ରେଣୀରେ ପାଠ ପଢନ୍ତି । ଗତକାଲି ସଂନ୍ଧ୍ୟା ୬ଟାରେ ଛାତ୍ରୀ ଜଣକ ସବୁଦିନ ଭଳି ନନ୍ଦିପୁରକୁ ଟ୍ୟୁସନ ଯାଇଥିଲେ । ହେଲେ ନିର୍ଦ୍ଧାରିତ ସମୟରେ ଘରକୁ ନଫେରିବାରୁ ପରିବାର ଲୋକେ ତାଙ୍କୁ ଚାରିଆଡେ ଖୋଜାଖୋଜି କରିଥିଲେ । ପରେ ରାତି ୧୦ଟା ରେ ନନ୍ଦିପୁର ଛକ ନିକଟ ପୋଖରୀରୁ ତାଙ୍କ ମୃତଦେହ ଉଦ୍ଧାର ହୋଇଥିଲା । ପୋଖରୀ କୂଳରୁ ତାଙ୍କ ବ୍ୟାଗ୍ ଠାବ ହୋଇଛି । ଅନ୍ୟପକ୍ଷରେ ପୋଖରୀରୁ ମୃତଦେହ ଉଦ୍ଧାର ପରେ ତାଙ୍କୁ ଯୋଜନାବଦ୍ଧ ଭାବେ ହତ୍ୟା କରାଯାଇଥିବା ପରିବାର ପକ୍ଷରୁ ଅଭିଯୋଗ ହୋଇଛି । କମେଟ ମରା ଘଟଣାକୁ ନେଇ ତାଙ୍କୁ ହତ୍ୟା କରାଯାଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି । ପରିବାର ପକ୍ଷରୁ ଏନେଇ ମଙ୍ଗଳପୁର ଥାନାରେ ଏତଲା ହୋଇଛି । ଏତଲାକୁ ଭିତି କରି ପୋଲିସ ଘଟଣାର ତଦନ୍ତ ଆରମ୍ଭ କରିଛି । କିପରି ଓ କେଉଁ ପରିସ୍ଥିତିରେ ଅମ୍ରିତାଙ୍କ ମୃତ୍ୟୁ ଘଟିଲା ସେନେଇ ଛାନଭିନ୍ ଚଳାଇଛି ପୋଲିସ ।

## ଗୟାଧର ସାହୁଙ୍କ ସ୍ମୃତି ସଂସଦ ଓ ସ୍ମୃତି ସଭା ଅନୁଷ୍ଠିତ

ଆନନ୍ଦପୁର,(ପି.ଏନ):ଫକୀରପୁର ଠାରେ ଗୟାଧର ସାହୁଙ୍କ ସ୍ମୃତି ସଂସଦ ପକ୍ଷରୁ ସଂସଦ ପ୍ରାଙ୍ଗଣରେ ଦିବା ୧୧ ଘଟିକା ସମୟରେ ଏକ ସ୍ମୃତି ସଭା ଅନୁଷ୍ଠିତ ହୋଇଯାଇଛି । ଏହି ସ୍ମୃତି ସଭାରେ ମୁଖ୍ୟଅତିଥି ଭାବେ ଆନନ୍ଦପୁର ଉପଜିଲ୍ଲାପାଳ ଅନିଲ କୁମାର ସେଠି ଯୋଗ ଦେଇଥିବା ବେଳେ ସମ୍ମାନୀତ ଅତିଥି ଭାବେ ଆନନ୍ଦପୁର ଥାନାଧିକାରୀ ମନୋରନ ପ୍ରଦାନ, ଏବିଇଓ ଅଭିମନ୍ୟୁ ସାହୁ, ଆନନ୍ଦପୁର ଶିକ୍ଷା ଜିଲ୍ଲା ବିରଞ୍ଚି ନାରାୟଣ ସାହୁ ପ୍ରମୁଖ ଯୋଗ ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅମୀୟ କୁମାର ପଟ୍ଟନାୟକ ବରିଷ୍ଠ ନାଗରିକ ଭାବେ ଉପସ୍ଥିତ ରହି ପ୍ରଥମେ ଗୟାଧର ସାହୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିବା ପରେ ଦୀପ ପ୍ରଜ୍ୱଳନ କରାଯାଇଥିଲା । ସଂସଦର ସଭାପତି ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଅତିଥି ପରିଚୟ ପ୍ରଦାନ କରିବା ସହିତ ସଭା କାର୍ଯ୍ୟ ଆରମ୍ଭ କରିଥିଲେ । ପବିତ୍ର ଗୁରୁ ଦିବସକୁ ଗୟାଧର ସାହୁଙ୍କ ସ୍ମୃତି ଦିବସ ରୂପେ ପାଳନ କରୁଥିବା ବେଳେ ଗୟାଧର ସାହୁଙ୍କ ଜୀବନକୁ ଆଧାର କରି ମୁଖ୍ୟଅତିଥି ଓ ସମ୍ମାନୀତ ଅତିଥିମାନେ ଅଭିଭାଷଣ ରଖିଥିବା ବେଳେ ମୁଖ୍ୟବକ୍ତା ଅମୀୟ କୁମାର ପଟ୍ଟନାୟକ ସ୍ମୃତି ସଂସଦର ଜୀବନୀ ଉପରେ ଆଲୋକପାତ କରିଥିଲେ ଏବଂ ଅବସରପ୍ରାପ୍ତ ଗୁରୁ ମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଆନନ୍ଦପୁର ଓ ଫକୀରପୁର ଅଂଚଳର ବହୁ ବୁଦ୍ଧିଜୀବୀ, ଶିକ୍ଷାବିତ୍, ବରିଷ୍ଠ ନାଗରିକ ଏବଂ ସମସ୍ତ ଗଣମାଧମମାନେ ଉପସ୍ଥିତ ଥିବାବେଳେ ସଂସଦର ସମ୍ପାଦକ ଶୈଳେନ୍ଦ୍ର ନାରାୟଣ ସାହୁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଖାଦ୍ୟ ବିଷକ୍ରିୟା ଘଟଣା : ପୁଅ ଝିଅଙ୍କ ପରେ ମାର ମୃତ୍ୟୁ

କଟକ, (ପି.ଏନ): ଖାଦ୍ୟ ବିଷକ୍ରିୟା ଯୋଗୁ କଟକ ଜିଲ୍ଲା ବଡ଼ମ୍ବାର ଅଭିମାନପୁର ପଚାଂୟତର ବୀରବରପୁର ଗାଁରେ ଗତକାଲି ଭାଇଭଉଣୀଙ୍କ ମୃତ୍ୟୁ ଘଟିଥିବା ବେଳେ ଆଜି ସେମାନଙ୍କ ମା' ଚିକିତ୍ସାଧିନ ଅବସ୍ଥାରେ ଆଖି ବୁଜିଛନ୍ତି । ମୃତ ମହିଳାଙ୍କ ନାଁ ରୁପା ପାତ୍ର । କଟକର ଏକ ଘରୋଇ ହସପିଟାଲରେ ତାଙ୍କର ମୃତ୍ୟୁ ଘଟିଥିବା ବେଳେ ତାଙ୍କ ସ୍ୱାମୀ ଗୋବିନ୍ଦ ପାତ୍ର ଏବେ ଚିକିତ୍ସାଧୀନ ଅଛନ୍ତି । ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି ।ପ୍ରାପ୍ତ ସୂଚନା ମୁତାବକ, ଗୁରୁବାର ରାତିରେ ରୁପା ଚାଟ୍, ଘୁଗୁନି ଓ ଭାତ ପ୍ରସ୍ତୁତ କରିଥିଲେ । ତାଙ୍କ ସହିତ ସ୍ୱାମୀ ଓ ପୁଅଝିଅ ସେସବୁ ଖାଇଥିଲେ । ଏସବୁ ଖାଇବା ପରେ ରାତିରେ ସେମାନଙ୍କର ଝାଡ଼ାବାନ୍ତି ହୋଇଥିଲା । ତେଣୁ ତା'ପରଦିନ ଅର୍ଥାତ୍ ଶୁକ୍ରବାର ସକାଳେ ସମସ୍ତେ ଅଟୋ ଯୋଗେ ନିକଟସ୍ଥ ମାଣିଆବନ୍ଧ ଡାକ୍ତରଖାନାକୁ ଯାଇଥିଲେ । ସେଠାରେ ପ୍ରାଥମିକ ଚିକିତ୍ସା ପରେ ଡାକ୍ତର ସମସ୍ତଙ୍କୁ କଟକ ପଠାଇ ଦେଇଥିଲେ । ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କ ପୁଅ ରୁଦ୍ର ପାତ୍ର (୧୦) ଓ ଝିଅ ରୁଚିକା ପାତ୍ର (୭)ଙ୍କର ଗତକାଲି ମୃତ୍ୟୁ ଘଟିଥିଲା । ଖାଦ୍ୟ ବିଷକ୍ରିୟା ହେବା ଯୋଗୁ ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି ।

## ଲିଙ୍ଗରାଜ ଷ୍ଟେସନର ନବୀନୀକରଣ ପାଇଁ ପ୍ରକ୍ରିୟା ଆରମ୍ଭ ହେବ

ଭୁବନେଶ୍ୱର,(ପି.ଏନ): ଏକାମ୍ର ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ରେଳ ଷ୍ଟେସନର ନବୀନକରଣ ପାଇଁ ୨କୋଟି ୧୧ଲକ୍ଷ୍ୟ ବ୍ୟୟ ଅଟକଳରେ ଗତକାଲି ଟେଣ୍ଡର ପ୍ରକାଶ ପାଇଛି ଏବଂ ଖୁବ ଶୀଘ୍ର ଏହାର କାର୍ଯ୍ୟାନ୍ୱୟନ ପ୍ରକ୍ରିୟା ଆରମ୍ଭ ହେବ । ଭୁବନେଶ୍ୱର ସାଂସଦ ଅପରାଜିତା ଷଡଙ୍ଗୀ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି ଯେ ସ୍ଥାନୀୟ ଜନସାଧାରଣ ବିଶେଷଭାବରେ ବରିଷ୍ଠ ନାଗରିକ ମାନଙ୍କ ଆଗ୍ରହ କ୍ରମେ ଏକାମ୍ର ଭୁବନେଶ୍ୱର ସ୍ଥିତ ଲିଙ୍ଗରାଜ ରେଳ ଷ୍ଟେସନର ନବୀନକରଣ ପାଇଁ ପ୍ରୟାସ କରିଆସୁଥିଲୁ କ୍ଷ ଏହି ପରିପ୍ରେକ୍ଷୀରେ ୨କୋଟି ୧୧ଲକ୍ଷ୍ୟ ବ୍ୟୟ ଅଟକଳରେ ଗତକାଲି ଟେଣ୍ଡର ପ୍ରକାଶ ପାଇଛି ।ଏହି କାରଣରୁ ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଏବଂ ରେଳମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି । ଏ ସମ୍ପର୍କରେ ଆଜି ଏକ ସଭା ଆୟୋଜିତ ହୋଇଥିଲା । ଏହି ସଭାରେ ସମସ୍ତେ ସାଂସଦ ଅପରାଜିତା ଷଡଙ୍ଗୀଙ୍କୁ ଧନ୍ୟବାଦ ଜ୍ଞାପନ କରିଥିଲେ । ଜିଲ୍ଲା ସଭାପତି ଶ୍ରୀ ବାବୁ ସିଂ ସ୍ଥାନୀୟ ନେତୃତ୍ୱ ସୁଭାଷିନୀ ପୃଷ୍ଟି କର୍ପୋରେଟର ମଧୁସ୍ମିତା ପ୍ରଧାନ, କର୍ପୋରେଟର ଶିବାନନ୍ଦ ରାୟ ସମସ୍ତ ବରିଷ୍ଠ ନାଗରିକ ବହୁ ସଂଖ୍ୟାରେ ଜନ ସାଧାରଣ ଉପସ୍ଥିତ ଥିଲେ ।

## ଟାଟା ଷ୍ଟିଲ ପକ୍ଷରୁ ଗୁରୁ ମାନଙ୍କୁ ସମ୍ମାନ ପ୍ରଦାନ

ଯୋଡା,(ପି.ଏନ):ଟାଟା ଷ୍ଟିଲ କର୍ମଚାରୀ ମାନଙ୍କ ସହଧର୍ମିଣୀ ମାନଙ୍କୁ ନେଇ ଗଠିତ ସ୍ପନ୍ଦନ ସଂସ୍ଥା ପକ୍ଷରୁ ସୋମବାର ଦିନ ଯୋଡା ଆବାସିକ ସେତୁ ପାଠ୍ୟକ୍ରମ (ଆରବିସି) ବିଦ୍ୟାଳୟରେ ଗୁରୁ ମାନଙ୍କୁ ସମ୍ମାନୀତ କରିବା ସହିତ ଗୁରୁ ଦିବସ ପାଳିତ ହୋଇଯାଇଛି । ଏହି ସ୍ୱତନ୍ତ୍ର ଦିବସ ଅବସରରେ ୨୦୦ ଜଣ ଛାତ୍ରଛାତ୍ରୀ ମାନଙ୍କ ଉପସ୍ଥିତିରେ ଉଭୟ ବାଳକ ଓ ବାଳିକା ବିଦ୍ୟାଳୟର ମୋଟ୍ ୭ ଜଣ ଗୁରୁ ମାନଙ୍କୁ ସମ୍ମାନୀତ କରାଯାଇଥିଲା । ଏହି ଅବସରରେ ସ୍ପନ୍ଦନର ଭାଇସ୍ ପ୍ରେସିଡେଣ୍ଟ ତନୟା ବାନାର୍ଜୀ କହିଥିଲେ ଯେ ଗୁରୁ ମାନଙ୍କୁ ଜାହାଜର କ୍ୟାପ୍‌ଟେନ୍ ବୋଲି କୁହାଯାଏ, କାରଣ ସେମାନଙ୍କ ଯୋଗୁଁ ଆମେ ନିଜ ଲକ୍ଷ୍ୟ ବା ସ୍ୱପ୍ନ ପୂରଣ କରିଥାଉ । ତେବେ ଟାଟାଷ୍ଟିଲ ପକ୍ଷରୁ ଶିକ୍ଷାର ପ୍ରସାର ପାଇଁ ବହୁ ଗୁଡିଏ ପଦକ୍ଷେପ ଗ୍ରହଣ କରାଯାଉଛି କିନ୍ତୁ ଏହି ପଦକ୍ଷେପ ଟିକିଏ ଭିନ୍ନ କାରଣ । ଏହି ବିଦ୍ୟାଳୟ ଯୋଗୁଁ ଅଧାରୁ ପାଠପଢା ଛାଡି ଦେଇଥିବା ସ୍ଥାନୀୟ ଅଂଚଳର ଛାତ୍ରଛାତ୍ରୀମାନେ ପୁନର୍ବାର ଶିକ୍ଷାର ମୁଖ୍ୟ ସ୍ରୋତକୁ ଫେରିପାରୁଛନ୍ତି । ଏହି ଅବସରରେ ଆରବିସିର ବାଳକ ଓ ବାଳିକା ମାନଙ୍କ ଦ୍ୱାରା ପ୍ରଦର୍ଶିତ ସାଂସ୍କୃତିକ କାର୍ଯ୍ୟକ୍ରମ ସମସ୍ତଙ୍କୁ ମନ୍ତ୍ରମୁଗ୍ଧ କରିଦେଇଥିଲା । ଏହି କାର୍ଯ୍ୟକ୍ରମରେ ଗୁରୁ ମାନଙ୍କୁ ପୂଜା କରିବା ବ୍ୟତୀତ ଛାତ୍ରଛାତ୍ରୀମାନେ ସମାଜ ଓ ଏକ ସମୃଦ୍ଧ ରାଷ୍ଟ୍ର ଗଠନ ପାଇଁ ଡଃ. ସର୍ବପଲ୍ଲୀ ରାଧାକ୍ରିଷ୍ଣଙ୍କ ଅବଦାନ ଉପରେ ଆଲୋକପାତ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ସ୍ପନ୍ଦନର ସଚିବ ମିଲି ଶ୍ରୀବାସ୍ତବ, ଯୁଗ୍ମ ସଚିବ ଦେବସ୍ମିତା ସାହୁ, ବିଜୟା କସ୍ତୁରୀ ଏବଂ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

## ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଅନୁଷ୍ଠିତ

ଭୁବନେଶ୍ୱର, (ପି.ଏନ): ନିଖିଳ ଓଡ଼ିଶା ବିଦ୍ୟୁତ ଶ୍ରମିକ ମହାସଂଘର ୧୮ତମ ଦ୍ୱିବାର୍ଷିକ ରାଜ୍ୟ ସ୍ତରୀୟ ସମ୍ମିଳନୀ ଉତ୍କଳ ଦୃଷ୍ଟିହୀନ ଅନ୍ଧ ମୂକ ସଂଘର ପ୍ରେକ୍ଷାଳୟରେ ସଭାପତି ତଥା ରାଷ୍ଟ୍ରୀୟ ମଜଦୁରକଂଗ୍ରେସ, ଓଡ଼ିଶା ଶାଖାର ଉପସଭାପତି ପ୍ରଶାନ୍ତ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି । ଶ୍ରୀ ମହାପାତ୍ର ତାଙ୍କ ବକ୍ତବ୍ୟରେ କହିଛନ୍ତି ଯେ, ଯଦି ରାଜ୍ୟସରକାର ନିଯୁକ୍ତି ଉପରେ ପଦକ୍ଷେପ ନ ନିଅନ୍ତି ତେବେ ଟାଟା କମ୍ପାନୀ ଆଗାମୀ ଦିନରେ ରାଜ୍ୟ ସରକାରଙ୍କୁ ବ୍ଲାକମେଲିଙ୍ଗ କରିବା ପାଇଁ ସୁବର୍ଣ୍ଣସୁଯୋଗ ଆଣିଦେବ । ଉତ୍ସବରେ ମୁଖ୍ୟ ଅତିଥି ଭାବରେ ପୂର୍ବତନ ଅର୍ଥମନ୍ତ୍ରୀ ତଥା ବିଶିଷ୍ଟ ଶ୍ରମିକ ନେତା ପଂଚାନନ କାନୁନଗୋ ପ୍ରଦୀପ ପ୍ରଜୋଳନ କରି ସମ୍ମିଳନୀକୁ ଉଦ୍‌ଘାଟନ କରିବା ସହିତ ତାଙ୍କ ବକ୍ତବ୍ୟରେକହିଛନ୍ତି ଯେ, ବିଦ୍ୟୁତ କ୍ଷେତ୍ରକୁ ଘରୋଇକରଣ କରାଗଲେ ମଧ୍ୟ ସେଥିରେ କାର୍ଯ୍ୟ କରୁଥିବା ୨୪ ହଜାରରୁ ଉର୍ଦ୍ଧ୍ୱ ଠିକାକର୍ମଚାରୀଙ୍କ ଇ.ପି.ଏଫ. ଓ ଇ.ଏସ୍.ଆଇ କିପରି ଠିକ୍ ଭାବରେ ଡିପୋଜିଟ୍ ହେବା ସହ ସମସ୍ତ କର୍ମଚାରୀଙ୍କ କାର୍ଯ୍ୟକ୍ଷେତ୍ରରେ ସୁରକ୍ଷା ସାମଗ୍ରୀ ଟାଟା ତରଫରୁ ପ୍ରଦାନ କରିବା ପାଇଁ ତାଙ୍କବକ୍ତବ୍ୟରେ ଉଦ୍‌ବୋଧନ ଦେଇଥିଲେ ।

## ଦେବଦୂତ ସାଜିଲେ ଡିଏଫ୍‌ଓ, ଭାଲୁ ଆକ୍ରମଣରେ ଆହତଙ୍କୁ ଗାଡିରେ ଆଣି ଚିକିତ୍ସା କରାଇଲେ

କେନ୍ଦୁଝର,(ପି.ଏନ): ହରିଚନ୍ଦନପୁର ବ୍ଲକ ଅନ୍ତର୍ଗତ ତେନ୍ତଳାପଶି ଗ୍ରାମପଞ୍ଚାୟତ ଅନ୍ତର୍ଗତ ଖୁଣ୍ଟାପଡା ଗ୍ରାମରେ ଭାଲୁ ଆକ୍ରମଣରେ ଜଣେ ବ୍ୟକ୍ତି ଗୁରୁତର ଆହତ ହୋଇଛନ୍ତି । ଗତକାଲି ରାତି ପ୍ରାୟ ୧୨ ଟା ସମୟରେ ଗଣେଷ ମୂର୍ତ୍ତୀ ବିସର୍ଜନ ସାରି ଫେରୁଥିବା ବେଳେ ପଣସ ଖାଇବାକୁ ଆସିଥିବା ଦୁଇଟି ଭାଲୁ ହାବୁଡରେ ପଡିଥିଲେ । ସେଠାରେ ଖସି ଯିବାକୁ ଉଦ୍ୟମ ବେଳେ ଅନ୍ଧାରୁ ଦେହୁରୀ(୩୪) ଙ୍କୁ ଭାଲୁ ଦୁଇଟି ଆକ୍ରମଣ କରି ଲହୁଲୁହାଣ କରିଦେଇଥିଲେ । ସେ ପାଟିତୁଣ୍ଡ କରିବାରୁ ପାଖରେ କେତେକ ଲୋକ ଧାଇଁ ଆସିଥିଲେ । ଫଳରେ ଭାଲୁ ଦୁଇଟି ସେଠାରୁ ପଳାଇ ଯାଇଥିଲେ । ପରିବାର ଲୋକ ତାଙ୍କୁ କ୍ଷତାକ୍ତ ଅବସ୍ଥାରେ ଏକ ଅଟୋରେ କେନ୍ଦୁଝର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଆଣୁଥିବା ବେଳେ ତେନ୍ତଳାପଶି ନିକଟରେ ଅଟୋରେ ତେଲ ସରିଯିବାରୁ ଗାଡି ଟି ଅଟକି ଯାଇଥିଲା । ସେହି ସମୟରେ ଉକ୍ତ ରାସ୍ତା ଦେଇ ସଦର ରେ ଜଙ୍ଘିରା ସେକ୍ସନ ତଳନଡାମ ଜଙ୍ଗଲରେ ୭ଟି ହାତୀ ଥିବା ଖବର ପାଇ ପେଟ୍ରୋଲିଂ ସାରି ଫେରୁଥିବା ବେଳେ ରାତି ପ୍ରାୟ ୧ଟା ସମୟରେ ଜଙ୍ଘିରା-କେନ୍ଦୁଝର ରାସ୍ତାର ତେନ୍ତଳାପଶିରେ କିଛି ଲୋକ ରୁଣ୍ଡ ହୋଇଥିବା ଦେଖି କେନ୍ଦୁଝର ଡିଏଫଓ ଧନରାଜ ଏଚ୍‌ଡି ଗାଡି ଅଟକାଇଥିଲେ । ସମସ୍ତ ଘଟଣା ଜାଣିବା ପରେ ଗୁରୁତର ଅନ୍ଧାରୁ ଙ୍କୁ ଡିଏଫ୍‌ଓ ତାଙ୍କ ଗାଡିରେ କେନ୍ଦୁଝର ମୁଖ୍ୟ ଚିକିତ୍ସାଳୟକୁ ଆଣି ଚିକିତ୍ସା ବ୍ୟବସ୍ଥା କରିଥିଲେ । ସେ ଅସ୍ଥି ଶଲ୍ୟ ବିଭାଗରେ ଚିକିତ୍ସିତ ହେଉଥିବା ବେଳେ ଭାଲୁ ଆକ୍ରମଣରେ ତାଙ୍କର ମୁଣ୍ଡ,ପେଟ ଏବଂ ଗୋଡରେ ଗୁରୁତର କ୍ଷତ ହୋଇଛି ।


ADMISSION OPEN

MAHARISHI PLAY SCHOOL

A Great Place to Grow @ mps

PLAY GROUP (2+)
NURSERY (3+)
LKG, UKG, STD-I TO V



FIND THE DIFFERENCE
●Surveillance through CCTV Camera ●Small Classes ●Congenial Environment ●Intimate, Safe & Secured Place ●Experienced & loving teachers ●Individual attention to each child ●Spacious Playground ●AC Activity Room ●Transport Facilities

TUITION CLASSES
for Std I to Std V
Timing: 5 PM to 6.30 PM

MAHARISHI PUBLIC SCHOOL
N4-F/24, IRC Village, Nayapalli,
Bhubaneswar, Phone: 0674-2558884, 2550786
E-mail: maharishipublic13@gmail.com
25% Seats reserved in Std. 1 under RTE Act



Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray